# ଧରିତ୍ରୀ
DHARITRI

୫୧

ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୭/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, November 27/2024 | Page 16 | ₹ 7.00

୫୧ଶ ଭାଗ ୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 4 | ମୂଲ୍ୟ ₹୭/-




## ସାତ୍ତ୍ୱିକଙ୍କୁ ରୌପ୍ୟ ପଦକ

ଇଟାଲୀରେ ଅନୁଷ୍ଠିତ ଫିଡେ ୱାର୍ଲ୍ଡ କ୍ୟାଡେଟ ଚେସ୍ ଚାମ୍ପିୟନଶିପ୍‌ର ୮ ବର୍ଷରୁ କମ୍ ଓପନ ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁ।

୧୬

୧୧

## ୪୦୦ କୋଟି ପାର୍ କଲା 'ଭୁଲ୍ ଭୁଲୈୟା ୩'

ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ 'ଭୁଲ୍ ଭୁଲୈୟା ୩' ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ୪୦୮.୫୨ କୋଟି ଟଙ୍କାର ରୋଜଗାର କରିସାରିଛି।





ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଓ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କେନ୍ଦ୍ର ମନ୍ତ୍ରୀ ଜେ.ପି. ନଡ୍ଡା ଏବଂ କିରେନ୍ ରିଜିଜୁ ସମ୍ବିଧାନର ମୁଖବନ୍ଧ ପାଠ କରୁଛନ୍ତି।

# ୧୨,୧୫୬ କୋଟିର ଅତିରିକ୍ତ ବ୍ୟୟବରାଦ

## ସୁଭଦ୍ରା ଯୋଜନା ପାଇଁ ୧୧୯୬ କୋଟି ଟଙ୍କା

ଭୁବନେଶ୍ୱର,୨୬।୧୧(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ବିଧାନସଭାରେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ୧୨,୧୫୬ କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପନ କରିଛନ୍ତି। ବଜେଟରେ ରାଜ୍ୟ ସରକାର ଗ୍ରାମୀଣ ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ପର୍ଯ୍ୟଟନ, କୃଷି କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି।

ଏଥିରେ ରାଜ୍ୟ ସରକାରଙ୍କ ଅଧୀନରେ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ସହ ପ୍ରଚଳିତ କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଏବଂ ଭାରତ ସରକାରଙ୍କ ଦ୍ୱାରା ଘୋଷିତ ନୂତନ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା



ପାଇଁ ଅତିରିକ୍ତ ବ୍ୟୟବରାଦ କରାଯାଇଛି। ଅତିରିକ୍ତ ବଜେଟରେ ପ୍ରଶାସନିକ ବ୍ୟୟବରାଦ ୧,୬୮୫ କୋଟି ଟଙ୍କା ରଖାଯାଇଥିବା ବେଳେ କାର୍ଯ୍ୟକ୍ରମ ବ୍ୟୟ ୧୦,୧୫୫ କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧୨୦କୋଟି ରଖାଯାଇଛି। ଅତିରିକ୍ତ ବଜେଟରେ ରତ୍ନଭଣ୍ଡାର ପାଇଁ ୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ପାଇଁ ୧୨୫ କୋଟି, ସିଏପିଏଫ୍ ମୁତୟନ ପାଇଁ ୨୧୯ କୋଟି, ପୋଲିସ ଷ୍ଟେଶନ ଓ ଫାଣ୍ଡିରେ ସିସିଟିଭି ପାଇଁ ୫୧ କୋଟି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ବିସ୍ତୃତ ସୁବିଧା ପାଇଁ ୨୬ କୋଟି, ଅଗ୍ନିସେବାର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ୧୨୦ କୋଟି ବ୍ୟୟ ଅଟକଳ ☞ପୃଷ୍ଠା-୪

## ସୁଭଦ୍ରା ଟଙ୍କା ପାଇବା ପାଇଁ ଆବେଦନର ଶେଷ ତାରିଖ ମାର୍ଚ୍ଚ ୭

ଭୁବନେଶ୍ୱର,୨୬।୧୧(ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନା ପାଇଁ ଆସନ୍ତା ବର୍ଷ ମାର୍ଚ୍ଚ ୭ ଆବେଦନର ଡେଡ୍‌ଲାଇନ ରଖାଯାଇଛି। ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଲାଗି ହିତାଧିକାରୀଙ୍କୁ ୨୦୨୫ ମାର୍ଚ୍ଚ ୭ ଭିତରେ ଶେଷ ଥର ଲାଗି ଆବେଦନ କରିବାକୁ ସୁଯୋଗ ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ମାର୍ଚ୍ଚ ୮ ମହିଳା ଦିବସରେ ଦ୍ୱିତୀୟ କିସ୍ତି ସୁଭଦ୍ରା ଟଙ୍କା ମିଳିବ। ଅନ୍ୟପଟେ ମାଲକାନଗିରିର ବଣ୍ଡାଘାଟିରେ ହିତାଧିକାରୀଙ୍କ ପାଖକୁ ବିଭାଗୀୟ ଅଧିକାରୀ ଯାଇ ଫିଜିକାଲ ଭେରିଫିକେସନ ☞ପୃଷ୍ଠା-୪

## ହାତୀ ମୃତ୍ୟୁ ରୋକିବାକୁ ଆକ୍ସନ ପ୍ଲାନ୍ କର

### ନିଜ ଆଡ଼ୁ ମାମଲା କଲେ ହାଇକୋର୍ଟ

କଟକ,୨୬।୧୧(କାର୍ତ୍ତିକ ସାହୁ)

ହାତୀ ମୃତ୍ୟୁ ରୋକିବା ପାଇଁ ଆସନ୍ତା ୧୦ ଦିନ ମଧ୍ୟରେ ରାଜ୍ୟର ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକ ସହ ମୁଖ୍ୟ ବନ ସଂରକ୍ଷକ ବୈଠକ କରି ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବେ। ହାତୀ ମୃତ୍ୟୁ ରୋକିବାକୁ ଗଠନ ହୋଇଥିବା ଜଏଣ୍ଟ ଟାସ୍କ ଫୋର୍ସରେ ବନ ବିଭାଗ ଅଧିକାରୀ ଓ ପୋଲିସ ଅଧିକାରୀ ରହିଛନ୍ତି। ମାତ୍ର ଏବେଠୁ ଉକ୍ତ ଟାସ୍କଫୋର୍ସରେ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ସାମିଲ କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ସେହିପରି ଚିହ୍ନଟ ହୋଇଥିବା ୧୪ଟି ହାତୀ କରିଡର ସଂକ୍ରାନ୍ତରେ ଏପର୍ଯ୍ୟନ୍ତ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ରାଜ୍ୟ ସରକାର ଏହା ଉପରେ ଜବାବ ରଖିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଖଣ୍ଡପୀଠ ମାମଲାର ଶୁଣାଣିକରି ଏଭଳି ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ଆସନ୍ତା ୧୪ ଦିନ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ହାଇକୋର୍ଟଙ୍କ ଆଦେଶ ଅନୁସାରେ ମୁଖ୍ୟ ବନ ସଂରକ୍ଷକ ମଙ୍ଗଳବାର ହାଇକୋର୍ଟରେ ହାଜର ହୋଇ ସତ୍ୟପାଠ ଦାଖଲ କରିଛନ୍ତି। ୨୦୨୦ରୁ ☞ପୃଷ୍ଠା-୪

## ମାସାଧିକ କାଳ ଡିଜିଟାଲ ଆରେଷ୍ଟରେ ବୃଦ୍ଧା

### ୩.୮ କୋଟି ଟଙ୍କା ଲୁଟିନେଲେ ସାଇବର ଠକ

ମୁମ୍ବାଇ, ୨୬।୧୧

'ଡିଜିଟାଲ ଆରେଷ୍ଟ'ର ଏକ ସବୁଠାରୁ ଲମ୍ବା ଘଟଣା ମଙ୍ଗଳବାର ସାମ୍ନାକୁ ଆସିଛି। ଦକ୍ଷିଣ ମୁମ୍ବାଇର ଜଣେ ୭୭ ବର୍ଷୀୟା ବୃଦ୍ଧା ମହିଳାଙ୍କୁ ମାସେରୁ ଅଧିକ ସମୟ ଧରି ଡିଜିଟାଲ ଆରେଷ୍ଟ କରି ରଖାଯାଇଥିଲା। ଆଉ ଏଥିରେ ମହିଳା ଜଣକ ୩.୮ କୋଟି ଟଙ୍କାର ଠକାମିର ଶିକାର ମଧ୍ୟ ହୋଇଥିବା ପୋଲିସ ସୂଚନା ଦେଇଛି। ସ୍ୱାମୀଙ୍କ ସହ ଉକ୍ତ ମହିଳା ରହୁଥିବାବେଳେ ତାଙ୍କ ପିଲାମାନେ ବିଦେଶରେ ରହୁଛନ୍ତି।

ମହିଳାଙ୍କ ଅଭିଯୋଗ ଅନୁଯାୟୀ, ପ୍ରାୟ ମାସେ ତଳେ ତାଙ୍କୁ ଏକ ହ୍ୱାଟ୍ସଆପ୍ କଲ୍ ଆସିଥିଲା। ଏହି କଲ୍‌ରେ କୁହାଯାଇଥିଲା, ତାଇୱାନରେ ତାଙ୍କ ନାମରେ ଏକ ପାର୍ସଲ ଧରା ପଡ଼ିଛି। ଏହି ପାର୍ସଲରେ ୫ଟି



ପାସ୍‌ପୋର୍ଟ, ବ୍ୟାଙ୍କ କାର୍ଡ ସହ ନିଶା ଦ୍ରବ୍ୟ ମିଳିଛି। ତେବେ ତାଇୱାନକୁ କୌଣସି ପାର୍ସଲ ପଠାଇନଥିଲେ ବୋଲି ପୀଡ଼ିତା ମହିଳା କହିଥିଲେ। ତେବେ ମୁମ୍ବାଇ ପୋଲିସର ଜଣେ ଅଧିକାରୀଭାବେ ପରିଚୟ ଦେଇ ଜଣେ ଅଭିଯୁକ୍ତ ପୀଡ଼ିତା ମହିଳାଙ୍କୁ କହିଥିଲେ, ☞ପୃଷ୍ଠା-୪

### ଡିଜିଟାଲ ଆରେଷ୍ଟ କ'ଣ

ଲୋକଙ୍କୁ ଠକିବା ପାଇଁ 'ଡିଜିଟାଲ ଆରେଷ୍ଟ' ହେଉଛି ସାଇବର ଅପରାଧୀଙ୍କ ଏକ ନୂଆ କୌଶଳ। ସେମାନେ ନିଜକୁ ପୋଲିସ, ସିବିଆଇ, ଇଡି କିମ୍ବା ନାର୍କୋଟିକ୍ସ ଅଫିସର ପରିଚୟ ଦେଇ ଲୋକଙ୍କୁ ଭିଡିଓ କଲ୍ କରିଥାନ୍ତି କିମ୍ବା ସୋସିଆଲ୍ ମିଡିଆରେ ବାର୍ତ୍ତା ପଠାଇଥାନ୍ତି। ସମ୍ପୃକ୍ତ ବ୍ୟକ୍ତି କିମ୍ବା ତାଙ୍କର ନିକଟ ସମ୍ପର୍କୀୟ ମନିଲଣ୍ଡରିଂ, ଟିକସ ଫାଙ୍କି ଅଥବା ଡ୍ରଗ୍ସ ଚାଲାଣ ଭଳି ଅପରାଧରେ ସମ୍ପୃକ୍ତ ଥିବା କହି ସେମାନେ ଭୟ ସୃଷ୍ଟି କରିବା ସହ ଦାବି ଅନୁଯାୟୀ ଅର୍ଥ ନ ଦେଲେ ଗିରଫ କରିବାକୁ ଧମକ ଦେଇଥାନ୍ତି। ଅନ୍‌ଲାଇନ୍ ମାଧ୍ୟମରେ ଲୋକଙ୍କୁ ଏଭଳି ଭୟଭୀତ କରି ରଖିବାକୁ ଡିଜିଟାଲ ଆରେଷ୍ଟ କୁହାଯାଏ।

## ୨୦ରେ ରାଜ୍ୟ ସଭା ଉପନିର୍ବାଚନ

### ତାଲିକାରେ ଓଡ଼ିଶା ସମେତ ୪ ରାଜ୍ୟର ୬ ଆସନ

ଭୁବନେଶ୍ୱର,୨୬।୧୧(ସୁନିତ୍ ମିଶ୍ର)

ଓଡ଼ିଶା ସମେତ ୪ ରାଜ୍ୟରେ ଖାଲି ପଡ଼ିଥିବା ୬ଟି ରାଜ୍ୟ ସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ଡିସେମ୍ବର ୨୦ରେ ଏହିସବୁ ଆସନରେ ଉପନିର୍ବାଚନ ହେବା ନେଇ ମଙ୍ଗଳବାର ଭାରତର ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି। ଆନ୍ଧ୍ରପ୍ରଦେଶର ୩ଟି, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ହରିୟାଣାର ଗୋଟିଏ ଲେଖା ମୋଟ ୬ ରାଜ୍ୟ ସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ବିଜେଡିର ପୂର୍ବତନ ସାଂସଦ ସୁଜିତ କୁମାର ରାଜ୍ୟ ସଭା ସଦସ୍ୟ ପଦରୁ ଇସ୍ତଫାଦେବା ପରେ ଗୋଟିଏ ଆସନ ଖାଲିପଡ଼ିଛି। ଘୋଷିତ କାର୍ଯ୍ୟ ନିର୍ଘଣ୍ଟ ଅନୁସାରେ ଡିସେମ୍ବର ୨୦ରେ ରାଜ୍ୟ ସଭା ପାଇଁ ଉପନିର୍ବାଚନ ହେବ। ଏନେଇ ଡିସେମ୍ବର ୩ରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ୧୦ ତାରିଖ ନାମାଙ୍କନର ଶେଷ ତାରିଖ ରହିଛି। ୧୧ରେ ନାମାଙ୍କନ ଯାଞ୍ଚ ଏବଂ ୧୩ରେ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ରହିଛି। ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ରାଜ୍ୟ ସଭା ☞ପୃଷ୍ଠା-୪

## ଭିମ୍‌ସାରରେ ଶିଶୁ ଚୋରି

ସମ୍ବଲପୁର,୨୬।୧୧(ପ୍ରମୋଦ ବହିଦାର)

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମ୍‌ସାର)ରୁ ମଙ୍ଗଳବାର ଏକ ୨ଦିନର ଶିଶୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଶିଶୁର ମାତାପିତା ଛତିଶଗଡ଼ ମହାସମୁନ୍ଦ ଜିଲା ବଡ଼େସଜାପାଲି ଗ୍ରାମର ସୀତା ଦାସ ଓ ମୋହନ ଦାସ ବୁର୍ଲା ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଅନୁସାରେ ଅପରାହ୍ନରେ ସ୍ତ୍ରୀ ଓ ପ୍ରସୂତି ୱାର୍ଡରେ ଭର୍ତ୍ତି ହୋଇଥିବା ଜଣେ ରୋଗୀଙ୍କର ସମ୍ପର୍କୀୟ ଭାବେ ନିଜକୁ ପରିଚୟ ଦେଇ ଜଣେ ମହିଳା ତାଙ୍କ ପୁଅକୁ କୋଳରେ ଧରି ବୁଲାଉଥିଲେ। ସେମାନଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ସମ୍ପୃକ୍ତ ମହିଳା ପିଲାକୁ ଧରି ସେଠାରୁ କୁଆଡ଼େ ପଳାଇଥିଲେ। ଦୀର୍ଘ ସମୟ ଧରି ନ ଫେରିବାରୁ ୱାର୍ଡର ଅନ୍ୟ ରୋଗୀ, ଡ୍ୟୁଟିରେ ଥିବା ନର୍ସ, ଡାକ୍ତରଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ଶିଶୁର କୌଣସି ସନ୍ଧାନ ମିଳି ନ ଥିଲା। ଅଭିଯୋଗ ଆଧାରରେ ଏକ ମାମଲା ରୁଜୁକରି ପୋଲିସ ଘଟଣାର ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

## ଦ୍ୱିପାକ୍ଷିକ ସମ୍ପର୍କର ସ୍ଥିତି







हरियाणा सरकार | KURUKSHETRA DEVELOPMENT BOARD कुरुक्षेत्र विकास मंडल | भागीदार प्रदेश ओडिशा | भागीदार देश संयुक्त गणराज्य तंजानिया

यद्यदाचरति श्रेष्ठस्तत्तदेवेतरो जनः।
स यत्प्रमाणं कुरुते लोकस्तदनुवर्तते॥
भगवद्गीता 3.21



# अन्तर्राष्ट्रीय गीता महोत्सव 2024

**28 नवम्बर – 15 दिसम्बर**
**कुरुक्षेत्र, हरियाणा**



## मुख्य कार्यक्रम

| समय | स्थल | कार्यक्रम |
|---|---|---|
| **बृहस्पतिवार, 5 दिसम्बर** | | |
| प्रात: 09:00 | पुरुषोत्तमपुरा बाग, ब्रह्म सरोवर | गीता यज्ञ एवं गीता पूजन |
| प्रात: 11:15 | पुरुषोत्तमपुरा बाग, ब्रह्म सरोवर | हरियाणा, भागीदार प्रदेश ओडिशा एवं सहभागी देश तंजानिया के पैवेलियन का शुभारम्भ |
| अपराह्न 12:30 | श्रीमद्भगवद्गीता सदन, कुरुक्षेत्र विश्वविद्यालय | अन्तर्राष्ट्रीय गीता संगोष्ठी का उद्घाटन |
| सायं 05:00 | पुरुषोत्तमपुरा बाग, ब्रह्म सरोवर | भजन संध्या एवं महाआरती |
| सायं 06:00 | पुरुषोत्तमपुरा बाग, ब्रह्म सरोवर | साँस्कृतिक संध्या |
| **सोमवार, 9 दिसम्बर** | | |
| अपराह्न 02:00 | पुरुषोत्तमपुरा बाग, ब्रह्म सरोवर | संत सम्मेलन |
| **मंगलवार, 10 दिसम्बर** | | |
| अपराह्न 02:00 | पुरुषोत्तमपुरा बाग, ब्रह्म सरोवर | अखिल भारतीय देवस्थानम सम्मेलन |
| **बुधवार, 11 दिसम्बर** | | |
| प्रात: 9:00 | गीता जन्मस्थली-ज्योतिसर एवं सन्निहित सरोवर | श्रीमद्भगवद्गीता का सम्पूर्ण पाठ एवं गीता यज्ञ |
| प्रात: 10:00 | थीम पार्क, कुरुक्षेत्र | 18000 विद्यार्थियों द्वारा गीता का वैश्विक पाठ |
| अपराह्न 02:00 | श्रीमद्भगवद्गीता सदन, कुरुक्षेत्र विश्वविद्यालय | 48 कोस तीर्थ सम्मेलन |
| अपराह्न 03:00 | कुरुक्षेत्र विकास बोर्ड कार्यालय के सामने से | गीता शोभा यात्रा का प्रारम्भ |
| सायं 05:30 | ब्रह्म सरोवर, सन्निहित सरोवर एवं ज्योतिसर | दीपोत्सव |
| सायं 05:30 | 48 कोस कुरुक्षेत्र भूमि | तीर्थों पर दीपोत्सव |
| सायं 06:00 | पुरुषोत्तमपुरा बाग, ब्रह्म सरोवर | गीता महाआरती एवं दीप दान |
| **28 नवम्बर - 15 दिसम्बर** | | |
| प्रात: 09:00 | ब्रह्म सरोवर | ख्याति प्राप्त शिल्पियों का संगम - शिल्प एवं सरस मेला |
| **5 - 11 दिसम्बर** | | |
| प्रात: 09:00 | पुरुषोत्तमपुरा बाग, ब्रह्म सरोवर | राज्य स्तरीय प्रदर्शनी-सूचना, जन संपर्क एवं भाषा विभाग, हरियाणा |
| प्रात: 09:00 | ब्रह्म सरोवर | गीता पुस्तक मेला- हरियाणा ग्रंथ अकादमी के सौजन्य से |
| प्रात: 11:00 | पुरुषोत्तमपुरा बाग, ब्रह्म सरोवर | हरियाणा एवं ओडिशा पैवेलियन में साँस्कृतिक कार्यक्रम |
| सायं 06:00 | पुरुषोत्तमपुरा बाग, ब्रह्म सरोवर | साँस्कृतिक संध्या |



"सभी देशवासियों को गीता जयंती की अनंत शुभकामनाएं। श्रीमद्भगवद्गीता सदियों से मानवता का मार्गदर्शन करती आई है। अध्यात्म और जीवन-दर्शन से जुड़ा यह महान ग्रंथ हर युग में पथ प्रदर्शक बना रहेगा।"

**- नरेन्द्र मोदी**

@igmkkr
InternationalGitaMahotsav

www.internationalgitamahotsav.in
www.48koskurukshetra.com

No.1089/13/1890/2025/30533/276/21, Dated Chandigarh, the 26/11/2024

**सूचना, जन सम्पर्क एवं भाषा विभाग, हरियाणा**

www.prharyana.gov.in | Follow us on @diprharyana

# ୭ ମାସରେ ରାଜ୍ୟରେ ୪୧ ହାତୀଙ୍କ ମୃତ୍ୟୁ

- ୩ ବର୍ଷରେ ହାତୀ ଆକ୍ରମଣରେ ଯାଇଛି ୬୬୮ ଜଣଙ୍କ ଜୀବନ
- ୫ ବର୍ଷରେ କୁମ୍ଭୀର ଆକ୍ରମଣରେ କେନ୍ଦ୍ରାପଡ଼ାର ୨୨ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୬।୧୧ (ବନ୍ଦନା ସେଠୀ)

ରାଜ୍ୟରେ ହାତୀ-ମଣିଷ ଲଢେଇ ବଢିବାରେ ଲାଗିଛି। ଗତ ୩ବର୍ଷରେ ହାତୀ ଆକ୍ରମଣରେ ୬୬୮ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ୫୦୯ଜଣ ଲୋକ ହାତୀ ଆକ୍ରମଣରେ ଆହତ ହୋଇଥିବାବେଳେ ୧୩୯ଟି ଗୃହପାଳିତ ପଶୁଙ୍କ ମୃତ୍ୟୁ ହୋଇଛି। ଏନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମଙ୍ଗଳବାର ବିଧାନସଭାରେ ତଥ୍ୟ ରଖିଛନ୍ତି। ବିଜେଡି ବିଧାୟକ ସନାତନ ମହାକୁଡ଼ଙ୍କ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି, ଏହି ସମୟରେ ହାତୀପଲ ୭୩ହଜାର ୬୨୦ ଏକର ଫସଲ ନଷ୍ଟ କରିବା ସହିତ ୧୦ ହଜାର ୨୫୯ଟି ଘର ଭାଙ୍ଗିଛନ୍ତି। ସେହିପରି ଚଳିତବର୍ଷ ଏପ୍ରିଲ ୧ରୁ ନଭେମ୍ବର ୧୬ ପର୍ଯ୍ୟନ୍ତ ୭ମାସରେ ରାଜ୍ୟରେ ମୋଟ୍ ୪୦ ହାତୀଙ୍କ ମୃତ୍ୟୁ ଘଟିଛି। ଏଥିରୁ ଆଠଗଡ଼ ବନଖଣ୍ଡର ସର୍ବାଧିକ ୫ଟି ହାତୀ ମରିଛନ୍ତି। ଏହା ପଛକୁ ରେଢାଖୋଲ ଓ ଅନୁଗୋଳ ବନଖଣ୍ଡରୁ ୪ଟି ଲେଖାଏ ହାତୀଙ୍କର ମୃତ୍ୟୁ ହୋଇଛି। ସେହିପରି ଏହି ୭ମାସରେ ୫ଟି କଲରାପତରିଆ ବାଘଙ୍କ ସହ ମୋଟ ୪୧୧ଟି ବନ୍ୟପ୍ରାଣୀଙ୍କ ମୃତ୍ୟୁ ହୋଇଛି। ଶିକାର ପାଇଁ ୧୧୧ଜଣ ବନ୍ୟପ୍ରାଣୀଙ୍କ ମୃତ୍ୟୁ ହୋଇଥିବାବେଳେ ବିଷ ପ୍ରୟୋଗରେ ୪, ବିଦ୍ୟୁତ୍ ଆଘାତରେ ୩୯, ରେଳ ଦୁର୍ଘଟଣାରେ ୫, ସଡକ ଦୁର୍ଘଟଣାରେ ୨୧, ରୋଗାକ୍ରାନ୍ତ ହୋଇ ୬୨, ପ୍ରାକୃତିକ ଭାବେ ୧୦୬ଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରତିଶୋଧ ପରାୟଣ ଭାବେ ୫ ପ୍ରାଣୀଙ୍କୁ ହତ୍ୟା କରାଯାଇଛି। ଏଥିସହ ୫୮ ବନ୍ୟପ୍ରାଣୀଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ହାତୀମାନେ ସାଧାରଣତଃ ଖାଦ୍ୟ ଅନୁସନ୍ଧାନରେ ଜଙ୍ଗଲରୁ ଜଙ୍ଗଲ ଘୁରିବୁଲୁଥାନ୍ତି। ଝାଡଖଣ୍ଡ, ଛତିଗଡ଼, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରୁ ହାତୀମାନେ ଓଡ଼ିଶାକୁ ଆସିବା ସହିତ ଓଡ଼ିଶାରୁ ହାତୀମାନେ ସମ୍ପୃକ୍ତ ରାଜ୍ୟଗୁଡିକୁ ଯାଇଥାନ୍ତି। ତେବେ ଝାଡ଼ଖଣ୍ଡ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ହାତୀଙ୍କ ଦ୍ୱାରା ଓଡ଼ିଶାରେ ହୋଇଥିବା କ୍ଷୟକ୍ଷତିର ସ୍ୱତନ୍ତ୍ର ଆକଳନ ହୋଇପାରି ନାହିଁ। ଅପରପକ୍ଷେ କେବଳ କେନ୍ଦ୍ରାପଡ଼ାରେ ଗତ ୫ ବର୍ଷରେ କୁମ୍ଭୀର ଆକ୍ରମଣରେ ୨୨ଜଣଙ୍କ ମୃତ୍ୟୁ ହୋଇଛି। ବିଶେଷକରି ବ୍ରାହ୍ମଣୀ, ବୈତରଣୀ ଓ ଖରସ୍ରୋତା ନଦୀରେ କୁମ୍ଭୀର ଆକ୍ରମଣର ସଂଖ୍ୟା ଅଧିକ ରହିଛି ବୋଲି ମନ୍ତ୍ରୀ ତଥ୍ୟ ରଖିଛନ୍ତି।

# ଜେଲରୁ ମୁକ୍ତ ହେଲେ ୧୪ ଆଜୀବନ କଏଦୀ

## ୧୧ ବିଚାରାଧୀନ କଏଦୀ ମଧ୍ୟ ମୁକୁଳିଲେ

ଭୁବନେଶ୍ୱର,୨୬।୧୧(ସତ୍ୟଜିତ୍ ରାଉତ)

ରାଜ୍ୟର ବିଭିନ୍ନ ଜେଲରେ ଆଜୀବନ ସଜା କାଟୁଥିବା ୧୪ଜଣ କଏଦୀ ମଙ୍ଗଳବାର ସମ୍ବିଧାନ ଦିବସ ଅବସରରେ ମୁକ୍ତ ହୋଇ ସମାଜର ମୁଖ୍ୟ ସ୍ରୋତକୁ ଫେରିଛନ୍ତି। ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡର ନିଷ୍ପତ୍ତି ଅନୁଯାୟୀ ଏହା କାର୍ଯ୍ୟକାରୀ ହୋଇଛି ବୋଲି ଜେଲ ଡିଜି ଅରୁଣ ରାଏ ସୂଚନା ଦେଇଛନ୍ତି। ଏନେଇ ଜେଲ ନିର୍ଦ୍ଦେଶାଳୟ ପକ୍ଷରୁ ସୋମବାର ବିଭିନ୍ନ ଜେଲ ଅଧିକ୍ଷଙ୍କୁ ଚିଠି ଲେଖାଯାଇ ଅବଗତ କରାଯାଇଥିଲା। ୧୪ଜଣ ଆଜୀବନ ସଜା କାଟୁଥିବା କଏଦୀଙ୍କ ମଧ୍ୟରେ ରାଉରକେଲା ସ୍ୱତନ୍ତ୍ର ଜେଲରେ ୨ଜଣ କଏଦୀ ରହିଥିବା ବେଳେ ଜାମୁଝରୀସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମରେ ୩, କୋରାପୁଟ ସର୍କଲ ଜେଲରେ ୪ ଏବଂ ସମ୍ବଲପୁର ସର୍କଲ ଜେଲ, ଭୁବନେଶ୍ୱର ଝାରପଡା ସ୍ୱତନ୍ତ୍ର ଜେଲ, ଫୁଲବାଣୀ ସର୍କଲ ଜେଲ, ବଣାଇଗଡ ସ୍ୱତନ୍ତ୍ର ଜେଲ ଓ ଦେବଗଡ ସ୍ୱତନ୍ତ୍ର ସବ୍-ଜେଲରେ ଜଣେ ଲେଖାଏ କଏଦୀ ରହିଛନ୍ତି। ମୁକ୍ତ ହୋଇଥିବା ଏହି କଏଦୀମାନେ ୧୪ବର୍ଷ ସଜା କାଟିଦେଇଥିବା ବେଳେ ସରକାରୀ ନିୟମ ଅନୁଯାୟୀ ଭଲ ବ୍ୟବହାର, ବୟସାଧିକ ଓ ସ୍ୱାସ୍ଥ୍ୟଗତ ଆଦି କାରଣରୁ ସେମାନଙ୍କୁ ମୁକ୍ତ କରିଦିଆଯାଇଛି। ସେହିପରି ବିଭିନ୍ନ ଜେଲରେ ଥିବା ୧୧ଜଣ ବିଚାରାଧୀନ କଏଦୀ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଦଫା ୪୭୯ ଅନୁଯାୟୀ ଜେଲରୁ ମୁକ୍ତ ହୋଇଛନ୍ତି ବୋଲି ଜେଲ ଡିଜି ସୂଚନା ଦେଇଛନ୍ତି। ୨୦୦୭ରୁ ଏକ ହତ୍ୟା ମାମଲାରେ ଗିରଫ ହୋଇ ଝାରପଡା ଜେଲରେ ଥିବା କଏଦୀ ଟାଙ୍ଗୁରୁ ଦିଗୀଙ୍କୁ ମଙ୍ଗଳବାର ସକାଳେ ଛଡାଯାଇଥିବା ବେଳେ ତାଙ୍କୁ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଫୁଲମାଳ ପକାଇ ସୌହାର୍ଦ୍ଦ୍ୟପୂର୍ଣ୍ଣ ବିଦାୟ ଦିଆଯାଇଥିଲା। ଏଥିସହ ପାରିଶ୍ରମିକ ବାବଦକୁ ଟାଙ୍ଗୁରୁଙ୍କୁ ଚେକ୍ ପ୍ରଦାନ କରାଯାଇଥିଲା।



ବଜ୍ର କର୍‌ର ଜେନେରାଲ କମାଣ୍ଡିଂ ଅଫିସର ତଥା ଲ୍ୟୁଟ୍‌ନାଣ୍ଟ ଜେନେରାଲ ଅଜୟ ଚାନ୍ଦପୁରିଆ ମଙ୍ଗଳବାର ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ କାର୍ଯ୍ୟାଳୟକୁ ଆସିଥିବାବେଳେ ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଧରିତ୍ରୀ ପରିବାରର ସଦସ୍ୟଙ୍କ ଗହଣରେ ।

# ସୂଚନା କମିଶନ ପଦବୀ ୪ ସପ୍ତାହରେ ପୂରଣ ହେଉ

## କେନ୍ଦ୍ର, ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**୨୦୨୩ରେ ଏକ ମାମଲାର ଶୁଣାଣି ବେଳେ କେନ୍ଦ୍ର ଓ ରାଜ୍ୟଗୁଡ଼ିକର ସୂଚନା କମିଶନରେ ଖାଲି ପଡ଼ିଥିବା ପଦବୀ ପୂରଣରେ ବିଫଳତାକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସୂଚନା କମିଶନର ପଦବୀ ପୂରଣ କରିବାରେ ରାଜ୍ୟଗୁଡ଼ିକର ଅକ୍ଷମତା ହେତୁ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ, ୨୦୦୫ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ଏଥିଯୋଗୁ ଲୋକଙ୍କ ସୂଚନା ପାଇବା ଅଧିକାର ପ୍ରଭାବିତ ହେଉଛି। ଖାଲି ପଦବୀ ପୂରଣ ନ ହେଲେ ଆର୍‌ଟିଆଇ ଏକ 'ମୃତପତ୍ର'ରେ ପରିଣତ ହୋଇଯିବ ବୋଲି ଶୀର୍ଷ ଅଦାଲତ ସତର୍କ କରାଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି) ଏବଂ ରାଜ୍ୟ ସୂଚନା କମିଶନ (ଏସ୍‌ଆଇସି)ରେ ଅନେକ ପଦବୀ ଖାଲି ପଡ଼ିଛି। ୪ ସପ୍ତାହ ମଧ୍ୟରେ ଏହି ପଦବୀଗୁଡ଼ିକୁ ପୂରଣ କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।**

ନୂଆଦିଲ୍ଲୀ, ୨୬।୧୧ (ପି.ଟି.)

କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି) ଏବଂ ରାଜ୍ୟ ସୂଚନା କମିଶନ (ଏସ୍‌ଆଇସି)ରେ ଖାଲିପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେଉଁ ରାଜ୍ୟର ସୂଚନା କମିଶନରେ କେତେ ପଦବୀ ଖାଲିପଡ଼ିଛି ଏବଂ ସେଗୁଡ଼ିକୁ ପୂରଣ ଦିଗରେ କି ପଦକ୍ଷେପ ନିଆଯାଇଛି, ସେନେଇ ଅଦାଲତଙ୍କୁ ଅବଗତ କରାଇବା ପାଇଁ କୁହାଯାଇଛି। ଯେଉଁ ରାଜ୍ୟଗୁଡ଼ିକ ଖାଲି ପଦବୀ ପୂରଣ ଦିଗରେ ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି, ସେମାନେ ଏହାକୁ ୪ ସପ୍ତାହ ଭିତରେ ଶେଷ କରିବା ଉଚିତ ବୋଲି ଦୁଇଜଣିଆ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ସୂଚନା ଅଧିକାର (ଆର୍‌ଟିଆଇ) ଅଧୀନରେ ପ୍ରତିଷ୍ଠିତ ସୂଚନା କମିଶନମାନଙ୍କ ଅଫିସରେ ଖାଲିପଡ଼ିଥିବା ପଦବୀ ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଛି। ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠରେ ଶୁଣାଣି ବେଳେ ଆବେଦନକାରୀମାନଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ପ୍ରଶାନ୍ତ ଭୂଷଣ ଯୁକ୍ତି ବାଢ଼ି କହିଛନ୍ତି, ୨୦୧୯ରେ ଅଞ୍ଜଳି ଭରଦ୍ୱାଜ ଓ ଓଗେର ବନାମ ଭାରତ ସରକାର ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ସତ୍ତ୍ୱେ ସିଆଇସି ଏବଂ ଏସ୍‌ଆଇସି ପଦବୀ ପୂରଣ ହୋଇନାହିଁ। ସିଆଇସିରେ ୮ ପଦବୀ ଖାଲିପଡ଼ିଥିବାବେଳେ ୨୦୨୪ ନଭେମ୍ବର ୧୧ ସୁଦ୍ଧା ସେଥିରୁ ମାତ୍ର ୩ ପଦବୀ ପୂରଣ ହୋଇଛି। ମହାରାଷ୍ଟ୍ର ଏସ୍‌ଆଇସିରେ ୭ ପଦବୀ ଖାଲିପଡ଼ିଛି। ୨୦୨୦ ମେ'ରୁ ଝାଡ଼ଖଣ୍ଡ, ୨୦୨୧ ଜୁଲାଇରୁ ତ୍ରିପୁରା, ୨୦୨୩ ଫେବୃୟାରୀରୁ ତେଲଙ୍ଗାନା ଏସ୍‌ଆଇସି ଅକାମୀ ହୋଇ ପଡ଼ିରହିଛି। ସେହିପରି ବିହାର, ପଶ୍ଚିମବଙ୍ଗ, ଓଡ଼ିଶା ଓ କର୍ନାଟକ ଏସ୍‌ଆଇସିରେ ମଧ୍ୟ ୧ରୁ ୮ ପର୍ଯ୍ୟନ୍ତ ପଦବୀ ଖାଲି ରହିଛି। ସୂଚନା କମିଶନ ପ୍ରତିଷ୍ଠା ପଛର ଉଦ୍ଦେଶ୍ୟ ଥିଲା ଏହି ସଂସ୍ଥା ସରକାରଙ୍କ ବାହାରେ ରହି ନିରପେକ୍ଷତା ବଜାୟ ରଖିବ। କିନ୍ତୁ ସେମାନେ ସ୍ୱାଧୀନ ଅପିଲ ପ୍ରକ୍ରିୟାକୁ ବନ୍ଦକରି ବସ୍ତୁତଃ ଆର୍‌ଟିଆଇକୁ ଧ୍ୱଂସ କରୁଛନ୍ତି। ସମୟବଦ୍ଧ ଭାବେ ଏହି ଅପିଲଗୁଡ଼ିକର ଶୁଣାଣି କିଏ କରିବ ?

କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ବ୍ରିଜେନ୍ଦ୍ର ଚହର କହିଥିଲେ, ୨୦୨୩ ନଭେମ୍ବରରେ ସିଆଇସିର ୪ ଜଣ କମିଶନର ଅବସର ନେଇଥିବାବେଳେ ସେମାନଙ୍କ ସ୍ଥାନରେ ନୂଆ କମିଶନରଙ୍କୁ ନିଯୁକ୍ତି ଦିଆଯାଇଥିଲା। ତେବେ ଏହା ଗତବର୍ଷର ରେକର୍ଡ ହୋଇଥିବାରୁ ନୂଆ ରିପୋର୍ଟ ଦାଖଲ ପାଇଁ ଖଣ୍ଡପୀଠଙ୍କୁ ବ୍ରିଜେନ୍ଦ୍ର ସମୟ ମାଗିଥିଲେ। ଖଣ୍ଡପୀଠ ତାଙ୍କ ନିବେଦନକୁ ରକ୍ଷାକରିବା ସହ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସିଆଇସିରେ ୧୧ ପଦବୀ ମଧ୍ୟରୁ ୮ଟିରେ ପୂରଣ କରିବା ପାଇଁ ନିର୍ଦ୍ଦିଷ୍ଟ ଭାବେ କ'ଣ ପଦକ୍ଷେପ ନିଆଯାଇଛି, ସେନେଇ ଏଥିରେ ଉଲ୍ଲେଖ କରିବାକୁ ଖଣ୍ଡପୀଠ କହିଛନ୍ତି।

ତେଲଙ୍ଗାନା ସରକାରଙ୍କ ଓକିଲ ଖଣ୍ଡପୀଠଙ୍କୁ ଅବଗତ କରାଇଛନ୍ତି, ୨୦୨୪ ଜୁନ୍‌ରେ ଏନେଇ ବିଜ୍ଞପ୍ତି ଜାରି କରାଯାଇଥିବାବେଳେ ଜୁଲାଇରେ ନିଯୁକ୍ତି କମିଟି ଗଠନ କରାଯାଇଛି। ଖଣ୍ଡପୀଠ ଏହା ଶୁଣିବା ପରେ କେତେଶୀଘ୍ର ନିଯୁକ୍ତି କରାଯାଇପାରିବ ସେନେଇ ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଝାଡ଼ଖଣ୍ଡ ସରକାରଙ୍କ ଓକିଲ କହିଛନ୍ତି, କୋରମ୍ ଅଭାବରୁ ଚୟନ କମିଟି ଗଠନ ଏବଂ ନିଯୁକ୍ତି ସମ୍ଭବ ହୋଇନାହିଁ। କୋର୍ଟ ୪ ସପ୍ତାହ ମଧ୍ୟରେ ସୂଚନା କମିଶନର ପଦବୀଗୁଡ଼ିକୁ ପୂରଣ କରି ଅନୁପାଳନ ରିପୋର୍ଟ ସତ୍ୟପାଠ ଆକାରରେ ଦାଖଲ ଲାଗି ଝାଡ଼ଖଣ୍ଡ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ତ୍ରିପୁରା ସରକାରଙ୍କ ଓକିଲ ଚୟନ ପ୍ରକ୍ରିୟା ଜାରି ରହିଥିବା କହିବା ପରେ କୋର୍ଟ ଅନୁରୂପ ସତ୍ୟପାଠ ଦାଖଲ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଖାଲି ପଦବୀ ପୂରଣ ନିମନ୍ତେ ଏହି ନିର୍ଦ୍ଦେଶନାମା ସବୁ ରାଜ୍ୟ ପାଇଁ ଜାରି ହେବା ଉଚିତ ବୋଲି ପ୍ରଶାନ୍ତ ଭୂଷଣ କହିଥିଲେ। ସୁପ୍ରିମକୋର୍ଟ ତାଙ୍କ ଅନୁରୋଧ ରଖି ସମସ୍ତ ରାଜ୍ୟର ମୁଖ୍ୟ ସଚିବଙ୍କୁ ୨ ସପ୍ତାହ ମଧ୍ୟରେ ଷ୍ଟାଟସ୍ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି।

### ଓଡ଼ିଶାରେ ୬ରୁ ୪ ଖାଲି

ଭୁବନେଶ୍ୱର, ୨୬।୧୧ (ଅନିଲ ଦାସ)

ଓଡ଼ିଶାରେ ମୁଖ୍ୟ ସୂଚନା କମିଶନରଙ୍କୁ ଛାଡ଼ି ୫ ସୂଚନା କମିଶନର ନିଯୁକ୍ତି ପାଇପାରିବେ ବୋଲି ବ୍ୟବସ୍ଥା ରହିଛି। ହେଲେ ଏବେ ମାତ୍ର ଦୁଇ ଜଣ ସୂଚନା କମିଶନର ଅଛନ୍ତି। ଅର୍ଥାତ୍ ମୁଖ୍ୟ ସୂଚନା କମିଶନର ଓ ୩ ସୂଚନା କମିଶନର ପଦବୀ ଖାଲି ପଡ଼ିଛି। ମୁଖ୍ୟ ସୂଚନା କମିଶନର ଜଳଦ ତ୍ରିପାଠୀଙ୍କ ଅବସର ପରେ ସେହି ପଦବୀ ଖାଲି ପଡ଼ିଛି।

# ଆଜି ଶ୍ରୀମନ୍ଦିରରେ ୫ ଘଣ୍ଟା ଦର୍ଶନ ବନ୍ଦ

## ମହାପ୍ରଭୁଙ୍କ ବନକଲାଗି ନୀତି ହେବ

ପୁରୀ, ୨୬।୧୧
(ଅଜିତ୍ କୁମାର ମହାନ୍ତି)

ମାର୍ଗଶିର ମାସ କୃଷ୍ଣପକ୍ଷ ଦ୍ୱାଦଶୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତ ନୀତି। ତେଣୁ ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ବୁଧବାର ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବନକ ଲାଗି ନୀତି ଅନୁଷ୍ଠିତ ହେବାକୁ ଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଏହି ନୀତି ଅନୁଷ୍ଠିତ ହୋଇଥାଏ। ଦତ୍ତମହାପାତ୍ର ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥାନ୍ତି। ସେମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ ସହ ଅନ୍ୟାନ୍ୟ ନୀତି ବଢ଼ିବା ପରେ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥାଏ।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ର ମଙ୍ଗଳ ସମିତି ଆନୁକୂଲ୍ୟରେ ୧୧ତମ ବାର୍ଷିକୋତ୍ସବ ଉଲ୍ଲାସର ରଙ୍ଗ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ବିଶ୍ୱବିଦ୍ୟାଳୟର ୮୨ତମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସଂସ୍କୃତ ନାଟ୍ୟ ମହୋତ୍ସବ 'ଦଶରୂପକମ୍', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ବିଶିଷ୍ଟ ସାହିତ୍ୟିକ, ସଂକୀର୍ତ୍ତନ ପ୍ରଚାରକ ନରସିଂହ ନନ୍ଦଙ୍କ ତ୍ରୟୋଦଶତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ମୃତି ସଭା ଓ ଆଲୋଚନାଚକ୍ର, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ପ୍ରଣାସ ଟ୍ରଷ୍ଟ ପକ୍ଷରୁ ବାଗ୍ମୀ ପ୍ରଦ୍ୟୁମ୍ନ ପ୍ରଣାମ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସୃଜନୀ ପ୍ରତିଭା ସମ୍ମାନ, ସ୍ଥାନ: ସୂଚନା ଭବନ, ସମୟ: ରାତି ୮ଟା।

## ଖୋର୍ଦ୍ଧା
- ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କୁମାରବସ୍ତ ଖେଳପଡ଼ିଆ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ବାଲ୍ୟ ବିବାହ ମୁକ୍ତ ଭାରତ ସଚେତନତା ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ଖୋର୍ଦ୍ଧା ଜିଲା ପେନସନର୍ସ ଆସୋସିଏଶନର ବାର୍ଷିକ ସାଧାରଣ ସଭା, ସ୍ଥାନ: ଶ୍ୟାମମାଧବ ବାସନ୍ତୀ ଦେବୀ ପାଠାଗାର, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ
- ରକ୍ତଦାନ ଶିବିର, ସ୍ଥାନ: ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ସମୟ: ସକାଳ ୯ଟା।
- 'ସ୍କନ୍ଦ ପୁରାଣରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ' ସମ୍ପର୍କିତ ଆଲୋଚନା ଚକ୍ର, ସ୍ଥାନ: କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ସଚେତନତା ଶିବିର, ସ୍ଥାନ: ଆରିବାଡ଼ ସମ୍ମିଳନୀ କକ୍ଷ, ଡିଏଫ୍‌ଓଙ୍କ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଆଧ୍ୟାତ୍ମିକ ମହୋତ୍ସବ କମିଟି ପକ୍ଷରୁ ୧୦ଦିନ ବ୍ୟାପୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭବ୍ୟ ୩୨ ବେଶ, ସ୍ଥାନ, ଥାନାଛକ ହେଲିପ୍ୟାଡ ପଡିଆ, ଭୋଗରାଇ, ସମୟ: ଅପରାହ୍ନ ୩ଟା।

## ଭଦ୍ରକ
- ଭାରତ ବିକାଶ ପରିଷଦ ପକ୍ଷରୁ ଚାରାରୋପଣ ଓ ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ: ଚରମ୍ପା କୋଡ଼ଗମ୍ଭୀରା, ଭଦ୍ରକ, ସମୟ: ସକାଳ ୭ଟା ୩୦।
- ଶ୍ରୀଜଗନ୍ନାଥ କଳା ସଂସ୍କୃତି, ସଂକୀର୍ତ୍ତନ ସେବା ବିକାଶ ପରିଷଦର ୧୦ମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଲଞ୍ଜାତର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଗୋପୂଜା ଓ ସୂର୍ଯ୍ୟପୂଜା, ସ୍ଥାନ: ବେତନଟୀ ବ୍ଲକ ଅଧୀନ ବେତନଟୀ, ସମୟ: ସକାଳ ୭ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ:ବାପୁଜୀ ଉଚ୍ଚ ବିଦ୍ୟାଳୟ, ସାନ ବେଲାକୁଟୀ, ପସୁଦା ପଞ୍ଚାୟତ, ଗୋପବନ୍ଧୁ ନଗର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ନିଖିଳ ଓଡ଼ିଶା ବିଦ୍ୟୁତ ମଜଦୁର ମହାସଂଘ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ଆଦାନୀ ୱିଲମାର କମ୍ପାନୀରେ ଠିକା ଶ୍ରମିକ ଛଟେଇ ପ୍ରତିବାଦରେ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସିଆଇଟିୟୁ ପକ୍ଷରୁ ଧାରଣା, ସ୍ଥାନ: ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ, ମଧୁବନ ପାରାଦୀପ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା
- ଶ୍ରୀଲ ରାମଦାସ ବାବାଜୀ ମହାଶୟଙ୍କ ସ୍ମରଣୋତ୍ସବ, ସ୍ଥାନ: ନୃସିଂହକିରି ମଠ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।

## ନୟାଗଡ଼
- ବାଲ୍ୟ ବିବାହ ମୁକ୍ତ ଭାରତ କର୍ମଶାଳାର ଉଦ୍‌ଘାଟନ, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ଅପରାହ୍ନ ୩ଟା।

## ରାୟଗଡ଼ା
- କଳା ଓ ହସ୍ତ ଶିଳ୍ପ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ, ସ୍ଥାନ: ରାୟଗଡ଼ା ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ୟୁଥ ରେଡ୍‌କ୍ରସ ଉଦ୍‌ଯାପିତ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡା ସ୍ୱୟଂଶାସିତ ମହା ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ପଣ୍ଡିତ ଆଶୀର୍ବାଦ ମହାରାଜଙ୍କ ପ୍ରବଚନ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୬ ଟା।

## ନବରଙ୍ଗପୁର
- ପୌରାଞ୍ଚଳସ୍ତରୀୟ ଲୋକୋ ମହୋତ୍ସବ ମଣ୍ଡେଇ ଉଦ୍‌ଯାପିତ, ସ୍ଥାନ: ନବରଙ୍ଗପୁର ପୋଲିସ ପଡ଼ିଆ, ସମୟ: ସନ୍ଧ୍ୟା ୫ଟା।
- ବ୍ଲକସ୍ତରୀୟ ମଣ୍ଡେଇ, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୨ଟା।

## କୋରାପୁଟ
- ଜିଲାସ୍ତରୀୟ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ସ୍ପୋର୍ଟସ କମ୍ପ୍ଲେକ୍ସ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ରାଜସ୍ୱ ବୈଠକ, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ଲେମନ ଗ୍ରାସ ମିଶନ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା।
- ବନ୍ଦନା ଆର୍ଟ କର୍ଣ୍ଣର ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ଦୁର୍ଗା-୨ ପ୍ରଦର୍ଶନୀ, ସ୍ଥାନ: ଲଳିତ କଳା ଏକାଡେମୀ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ : ପୂର୍ବାହ୍ନ ୧୧ଟା।
- ଜିଲା ପ୍ରଶାସନ ପକ୍ଷରୁ ସମ୍ବଲପୁର ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ ଜିଲାପାଳ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୫ଟା।

## ସୁବର୍ଣ୍ଣପୁର
- ଅମରପାଲି କ୍ରିକେଟ କପ୍‌ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଭଗବାନ ସାହୁ ଖେଳ ପଡିଆ, ଅମରପାଲି, ସମୟ: ପୂର୍ବାହ୍ନ ୧୦ଟା।
- କମଳପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: କମଳପୁର, ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣ ଲୋକ ମହୋତ୍ସବ ପାଇଁ ବ୍ଲକସ୍ତରୀୟ କଳାକାର ଚୟନ ବୈଠକ, ସ୍ଥାନ: ତରଭା ବ୍ଲକ ସଭା ଗୃହ, ସମୟ: ଅପରାହ୍ନ ୩ଟା।

## ବରଗଡ଼
- ବରଗଡ଼ ପୁସ୍ତକମେଳାରେ ସାଂସ୍କୃତିକ ବିଚିତ୍ରା, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ଅପରାହ୍ନ ୫ଟା।
- ବରଗଡ଼ ପୁସ୍ତକମେଳାରେ ଆଲୋଚନାଚକ୍ର, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

## ଝାରସୁଗୁଡ଼ା
- ଗଣେଶ ଗାୟତ୍ରୀ ଜପ, ସ୍ଥାନ: ମଲଦା, ସମୟ: ସକାଳ ୮ଟା।
- ନାରୀ ସୁରକ୍ଷା ସଚେତନତା ସଭା, ସ୍ଥାନ: ବାଗଡ଼ିହି, ସମୟ: ସକାଳ ୯ଟା।
- ଜିଲା ସାମ୍ବାଦିକ ସଂଘର ବୈଠକ, ସ୍ଥାନ: ବେହେରାମାଲ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଗୌରବ ଦିବସ ପାଳନ, ସ୍ଥାନ: ଭିକାମପାଲି, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- ଡ୍ରେନେଜ ସମସ୍ୟା ନେଇ କମିଶନରଙ୍କୁ ଦାବିପତ୍ର, ସ୍ଥାନ: ଆର୍‌ଏମ୍‌ସି, ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ୟାମନୁ ଦେବକୀ ମେମୋରିଆଲ ପକ୍ଷରୁ କ୍ୟାନ୍‌ସର ସଚେତନତା କର୍ମଶାଳା, ସ୍ଥାନ: ସେକ୍ଟର-୧୯ ସିଭିକ୍‌ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼
- ପଞ୍ଚାୟତସ୍ତରୀୟ ସାମାଜିକ ସମୀକ୍ଷା ଗ୍ରାମସଭା ବୈଠକ, ସ୍ଥାନ: ବସାଲଇ ପଞ୍ଚାୟତ ସମିତି, ବାରକୋଟ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ରହ୍ମଲୀନ ସ୍ୱାମୀ ଶେଖରା ନନ୍ଦ ସରସ୍ୱତୀଙ୍କ ଦ୍ୱିତୀୟ ସମାଧି ଦିବସ, ସ୍ଥାନ: ସାଇଧାମ ସେବା ସଂସ୍ଥାନ ପ୍ରଧାନପଟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- କଳାହାଣ୍ଡି ଗ୍ରାମସଭା ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ନିକଟ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଏକାଦଶୀ ଉପଲକ୍ଷେ ଦୀପ ପ୍ରଜ୍ୱଳନ ଓ ଭାଗବତ ପଠନ, ସ୍ଥାନ: ବୋଡେନ ବ୍ଲକ ରୋକାଲ ପଞ୍ଚାୟତ ତାରାପୁର ଗାଁ ଜଗନ୍ନାଥ ମନ୍ଦିର, ସମୟ: ପ୍ରାତଃ ୪ଟା ୩୦ ଓ ସନ୍ଧ୍ୟା ୬ଟା।
- ଏକାଦଶୀ ଅବସରରେ ଭାଗବତ ପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା।

## ବୌଦ୍ଧ
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ସହଯୋଗ ପାଇ ସ୍ଥଗିତ କାମ ସମ୍ପନ୍ନ ହେବ। ଘରୋଇ କ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ଅଶ୍ୱିନୀ ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବୃଷ** କର୍ମକ୍ଷେତ୍ରରେ ସମସ୍ୟା ମଧ୍ୟରେ ଗତି କଲେ ମଧ କିଛି ଅସୁବିଧା ହେବନି। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ନିଃସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରିବାକୁ ଯାଇ ଆତ୍ମସନ୍ତୋଷ ଲାଭ କରିପାରନ୍ତି। କୃତ୍ତିକା ନକ୍ଷତ୍ରର ପରିବାରରେ ଅର୍ଥ କିମ୍ବା ଜମିଜମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ** ଅର୍ଥ ସଂକଟ ଗୁରୁତ୍ୱପୂର୍ଣ୍ଣ କାମଟିକୁ ଅଟକାଇ ରଖିବାର ଆଶଙ୍କା ରହିଛି। ଲୁଚି ରହିଥିବା ମନର ଦୁଃଖକୁ ବନ୍ଧୁଙ୍କ ସମ୍ମୁଖରେ କହି ଆଶ୍ୱସ୍ତି ଲାଭ କରିପାରନ୍ତି। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ବନ୍ଧୁଙ୍କ ଦ୍ୱାରା ଦିଗ୍‌ଦର୍ଶନ ପାଇବେ। ମୃଗଶିରା ନକ୍ଷତ୍ରର ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**କର୍କଟ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ପ୍ରତିଶ୍ରୁତି ପାଇ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ପୁନର୍ବସୁ ନକ୍ଷତ୍ର ପାଇଁ ନିଜ ପରିସରର ବ୍ୟକ୍ତିବିଶେଷ ଚିନ୍ତାର କାରଣ ହୋଇପାରନ୍ତି। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ସାମାଜିକ ସ୍ତରରେ ଆତ୍ମୀୟମାନେ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି।

**ସିଂହ** ଶାରୀରିକ ସୁସ୍ଥତା କାର୍ଯ୍ୟହାସଲ ସକାଶେ ମନୋବଳ ବୃଦ୍ଧି କରିବ। ସନ୍ତାନଙ୍କ ସମସ୍ୟାକୁ ସରଳଭାବରେ ସମାଧାନ କରିପାରିବେ। ଆନୁଷ୍ଠାନିକ କାମ, ସତ୍‌ସଙ୍ଗ, ଧାର୍ମିକ କାର୍ଯ୍ୟରେ ନିଜକୁ ସାମିଲ୍ କରିପାରନ୍ତି। ମଘା ନକ୍ଷତ୍ର ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇଲେ ଅପମାନିତ ହେବାକୁ ପଡ଼ିବ।

**କନ୍ୟା** ବନ୍ଧୁମାନଙ୍କ ସହାନୁଭୂତି ସାମୟିକ ମନର ଦୁଃଖକୁ ଲାଘବ କରିପାରେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ଜଣେ ସମ୍ମାନନୀୟ ବ୍ୟକ୍ତି ସହାୟତା କରି ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରାଇବେ।

**ତୁଳା** ସହକର୍ମୀଙ୍କ ମନଗଢ଼ା କଥାକୁ ବିଶ୍ୱାସ କରି ଭାବପ୍ରବଣ ହୋଇପାରନ୍ତି। ବିଶାଖା ନକ୍ଷତ୍ରର ପାରିବାରିକ ସମ୍ପର୍କ ପୂର୍ବପରି ଅକ୍ଷୁଣ୍ଣ ରହିବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ। ଦରକାରୀ କାଗଜପତ୍ର କିମ୍ବା ଜିନିଷ ଆବଶ୍ୟକ ସମୟରେ ନ ପାଇ ଅନ୍ୟମନସ୍କ ରହିପାରନ୍ତି।

**ବିଛା** ବିଭିନ୍ନ ଜଞ୍ଜାଳରେ ବ୍ୟସ୍ତ ରହିବା ହେତୁ ମନ ଅସ୍ଥିର ରହିବ। ଭଲ ସମ୍ପର୍କ ଥିବା ବ୍ୟକ୍ତିଙ୍କୁ ନିକଟରେ ପାଇ ଆତ୍ମହରା ହୋଇପାରନ୍ତି। ଆନୁଷ୍ଠାନିକ କାମ,ସଂଗଠନ, ସଭାସମିତି ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ଅନୁରାଧା ନକ୍ଷତ୍ରର ସ୍ଥଗିତ କାର୍ଯ୍ୟଟି ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହୋଇଯିବ।

**ଧନୁ** ଉତ୍ତରାଷାଢ଼ା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ସଙ୍ଗକୁ କାମରେ ପ୍ରତିବନ୍ଧକ ଦୁଶ୍ଚିନ୍ତାକୁ ବଢ଼ାଇଦେବ। ଅଫିସିଆଲି କାମରେ ସମସ୍ୟାର ସମାଧାନ ହୋଇଯିବ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ କ୍ଷେତ୍ରରେ ସମସ୍ୟାର ସମାଧାନ କରିବାରେ ସଫଳ ହେବେ।

**ମକର** ଉପରିସ୍ଥଙ୍କ ପୃଷ୍ଠପୋଷକତା କାରଣରୁ କର୍ମକ୍ଷେତ୍ରରେ ସଫଳତା ଯୋଗୁ ମନ ଖୁସି ରହିବ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହୋଇପାରେ। ଶ୍ରବଣା ନକ୍ଷତ୍ରର ସମସ୍ୟା ବଢ଼ିଚାଲିଥିବାରୁ କେତେକ କ୍ଷେତ୍ରରେ ଅନ୍ୟମନସ୍କ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ଶିକ୍ଷା,ବିଦେଶଯାତ୍ରା,ଆମଦାନୀ କାରବାରରୁ ଖୁସି ରହିବେ।

**କୁମ୍ଭ** ଧନିଷ୍ଠା ନକ୍ଷତ୍ର ସରକାରୀ କାମରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଶତ୍ରୁତା କାରଣରୁ ଦୀର୍ଘଦିନରୁ ସ୍ଥଗିତ ରହିଥିବା କାମଟି ହଠାତ୍ ହୋଇଯିବ। ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କ ନ ହେଲେ ହଜିଯାଇପାରେ। ସକାଳୁ ସକାଳୁ ପ୍ରିୟଜନଙ୍କ ସହ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମୀନ** ଉପସ୍ଥିତି ବୁଦ୍ଧି ପ୍ରୟୋଗ କରି ଅସାଧ ସାଧନ କରିପାରିବେ। ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ଉତ୍ତରଭାଦ୍ର ନକ୍ଷତ୍ର ବ୍ୟବସାୟ ଓ ପରିବହନରେ ଲାଭବାନ୍ ହେବେ। ପିଲାମାନଙ୍କ କୃତିତ୍ୱରୁ ଆନନ୍ଦ ଲଭିବେ। ଅଫିସ କାମର ଟେନ୍‌ସନ୍ ସାମାନ୍ୟ ଲାଘବ ହୋଇପାରେ।

ଆଜି ନଭେମ୍ବର ୨୭ ତାରିଖ, ମାର୍ଗଶିର କୃଷ୍ଣପକ୍ଷ ଦ୍ୱାଦଶୀ ବୁଧବାର, ବୈଷ୍ଣବ ସମ୍ମତ ବ୍ୟୁଳିନୀ ଏକାଦଶୀ ଉପବାସ, ରାଶିନକ୍ଷତ୍ର-ଚିତ୍ରା/କନ୍ୟା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୦୬ମି. ଗତେ ଘ.୦୮.୧୭ମି. ମଧ୍ୟେ, ଘ.୧୦.୨୮ମି. ଗତେ ଘ.୧୧.୩୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୪ମି. ଗତେ ଘ.୧୨.୫୬ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ୧୨,୧୫୬ କୋଟିର...

କରାଯାଇଛି। ସେହିପରି ବନ୍ୟା ନିୟନ୍ତ୍ରଣ ଓ ଡ୍ରେନେଜ୍ ପାଇଁ ୬୬ କୋଟି, ମଧୁବାବୁ ପେନ୍‌ସନ ଯୋଜନା ପାଇଁ ୩୩୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ୬୪୪ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବା ବେଳେ ସୁଭଦ୍ରା ଯୋଜନା ପାଇଁ ୧, ୧୯୬ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ବଜେଟରେ ବିଭିନ୍ନ ନିଯୁକ୍ତି ପରୀକ୍ଷା ଆୟୋଜନ ପାଇଁ ୧୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବା ବେଳେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ ଥିବା ଅଣଆବାସିକ କୋଠାର ରକ୍ଷଣାବେକ୍ଷଣ ପାଇଁ ୧୩ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। କୋଠ ଭୋଗ ଦାନ ଯୋଜନା ପାଇଁ ୧୫ କୋଟି, ଶ୍ରଦ୍ଧାଳୁମାନେ ରଥ ଚଢ଼ି ନ ଥିବାରୁ ଦଇତାପତିଙ୍କ କ୍ଷତିପୂରଣ ବାବଦରେ ୧୨ କୋଟି, ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀଙ୍କୁ ପାରିଶ୍ରମିକ ଦେବା ପାଇଁ ଅନୁଦାନ ବାବଦରେ ୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଓଡ଼ିଶା ବିଧାନସଭାର କୋଠା ନିର୍ମାଣ ପାଇଁ ୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ମାଧ୍ୟମିକ ବିଦ୍ୟାଳୟର ଅତିଥି ଅଧ୍ୟାପକଙ୍କ ଦରମା ବାବଦରେ ୨୦ କୋଟି, ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦକୁ୧୩ କୋଟି, କର୍ମଚାରୀ ରାଜ୍ୟ ବୀମା ଯୋଜନାରେ ଔଷଧ ବାବଦରେ ୧୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସେହିପରି ବଜେଟରେ ଓଡ଼ିଶା ଉଠାଜଳସେଚନ ନିଗମକୁ ଅନୁଦାନ ବାବଦରେ ୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ସାଧାରଣ ମହାବିଦ୍ୟାଳୟଗୁଡ଼ିକ ପାଇଁ ୩୭ କୋଟି, ସରକାରୀ ପ୍ରଶିକ୍ଷଣ ମହାବିଦ୍ୟାଳୟଗୁଡ଼ିକ ସକାଶେ ଅନୁଦାନ ବାବଦରେ ୧୭ କୋଟି, ବିଶ୍ୱବିଦ୍ୟାଳୟ ଲାଗି ଅନୁଦାନ ବାବଦରେ ୨୭ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସେଥିରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପାଇଁ ୫ କୋଟି ଟଙ୍କା, ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ୧୩ କୋଟି ଟଙ୍କା ଏବଂ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନିମନ୍ତେ ୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ସଂରକ୍ଷଣ ଏବଂ ଗୋଦାମ ପାଇଁ ୫୯ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ ଗୋଦାମ ଭିତ୍ତିଭୂମି ପାଣ୍ଠି ପାଇଁ ୧୦ କୋଟି, ଓଡ଼ିଶା ଉଠା ଜଳସେଚନ ନିଗମ ଜରିଆରେ ଅଚଳ ହୋଇପଡ଼ିଥିବା ଉଠା ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ଓ ନବୀକରଣ ପାଇଁ ୮୦ କୋଟି, ଜଳ ଅଭାବ ଥିବା ଅଞ୍ଚଳରେ ଭୂତଳ ଜଳର ସ୍ଥାୟୀ ଉପଯୋଗ ପାଇଁ ୧୩୦ କୋଟି, ବନ୍ୟା ନିୟନ୍ତ୍ରଣ ଓ ଡ୍ରେନେଜ୍ ପାଇଁ ୬୬ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ବଜେଟରେ ମଧୁବାବୁ ପେନ୍‌ସନ ଯୋଜନା ଅଧୀନରେ ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ୧୬ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବା ବେଳେ ଭିନ୍ନକ୍ଷମ ଏବଂ ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ବିବାହ ପ୍ରୋତ୍ସାହନ ପାଇଁ ୧୦ କୋଟି, ବିଧବା ଭତ୍ତା ଯୋଜନା ପାଇଁ ୧୬ କୋଟି ଟଙ୍କା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗି ୬୪୪ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ମିଶନ ଶକ୍ତି ସାମର୍ଥ୍ୟ ପାଇଁ ୨୫ କୋଟି ଟଙ୍କା ଏବଂ ମିଶନ ଶକ୍ତି ସମ୍ବଳ ପାଇଁ ୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବା ବେଳେ ଆଦିବାସୀମାନଙ୍କ ବିକାଶକୁ ଦୃଷ୍ଟିରେ ରଖି ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ପାଇଁ ୯୨ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।

ବଜେଟରେ ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ପାଇଁ ୧୧୨ କୋଟି ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାର ପୋଷ୍ଟ ମାଟ୍ରିକ ସ୍କଲାରସିପ୍ ପାଇଁ ୧୨୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ଆନ୍ଦୋଳନ ଯୋଜନାର ଓବିସି ଏବଂ ସଂଖ୍ୟାଲଘୁ ଛାତ୍ରାଛାତ୍ରୀଙ୍କ ପାଇଁ ୧୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତିଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଶିକ୍ଷା ସହାୟତା ପାଇଁ ୮୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ୫୦ କୋଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସକାଶେ ୧୦୦ କୋଟି ଏବଂ ପିଏମ୍-ଶ୍ରୀ ପାଇଁ ୧୨୩ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ପାଇଁ ୩୯ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବା ବେଳେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୬୦ କୋଟି ଟଙ୍କା ଏବଂ ଅନୁଦାନପ୍ରାପ୍ତ ବେସରକାରୀ କଲେଜ ପାଇଁ ୧୩୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପାଇଁ ୧୦ କୋଟି ଟଙ୍କା, ଆଇଟିଆଇ ଭିତ୍ତିଭୂମି ବିକାଶ ଲାଗି ୩୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।

ସେହିପରି ବନୀକରଣ ପାଣ୍ଠି କ୍ଷତିପୂରଣ ପାଇଁ ୧୨୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବା ବେଳେ ରାଜ୍ୟର ସବୁଜ ମହାନଦୀ ମିଶନ ପାଇଁ ୧୦ କୋଟି ଟଙ୍କା ଏବଂ ସବୁଜିମା ବୃଦ୍ଧି ଲାଗି ୪୦ କୋଟି ଟଙ୍କା ଅତିରିକ୍ତ ବଜେଟରେ ବ୍ୟବସ୍ଥା କରାଯାଇଛି। ଇକୋ-ଟୁରିଜିମ୍‌ର ବିକାଶ ପାଇଁ ୨୦ କୋଟି ଟଙ୍କା ଏବଂ ସବୁଜ ଜଳବାୟୁ ପାଣ୍ଠି ପ୍ରକଳ୍ପ ନିମନ୍ତେ ମଧ ୨୩ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସେହିପରି ବ୍ୟାଘ୍ର ପ୍ରକଳ୍ପ ପାଇଁ ୯ କୋଟି ଟଙ୍କା, ହାତୀ କରିଡର ପରିଚାଳନା ପାଇଁ ୫ କୋଟି ଟଙ୍କା ଏବଂ ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ସକାଶେ ୧୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଗ୍ରାମୀଣ ଭିତ୍ତିଭୂମିର ବିକାଶ ପାଇଁପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପାଇଁ ୨୭୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସହରାଞ୍ଚଳ ନାଳବାହିତ ଆବର୍ଜନା ପରିଚାଳନା ଯୋଜନା ପାଇଁ ୧୪୮ କୋଟି ଟଙ୍କା ଏବଂ ସହରାଞ୍ଚଳ ଜଳଯୋଗାଣ ପାଇଁ ୨୨୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।

ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଯୋଜନା ପାଇଁ ୧୦୦ କୋଟି ଓ ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟ ସଂଗ୍ରହାଳୟ ଓ ଗବେଷଣା ପାଇଁ ୧୨ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ହସ୍ତଶିଳ୍ପର ପ୍ରୋତ୍ସାହନ ଲାଗି ୧୧ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।

ଏହି ଅତିରିକ୍ତ ବଜେଟର ରାଜସ୍ୱ ବଳକା ସ୍ଥିତି ବଜାୟ ରହିବା ସହ ବିତ୍ତୀୟ ନିଅଣ୍ଟ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ପ୍ରାୟ ୩ ପ୍ରତିଶତ ମଧ୍ୟରେ ସୀମିତ ରହିବ। ଋଣ ଓ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ଅନୁପାତ ୨୫ ପ୍ରତିଶତ ମଧ୍ୟରେ ସୀମିତ ରହିବ ବୋଲି ଅନୁମାନ କରାଯାଉଛି। ୨୦୨୩ ଜୁଲାଇ ପର୍ଯ୍ୟନ୍ତ ରାଜ୍ୟର ଋଣଭାର ରାଜ୍ୟ ସକଳ ଘରୋଇ ଉତ୍ପାଦର ଅନୁପାତ ୧୦.୧୨ ପ୍ରତିଶତ ରହିଛି। ସୁଧ ଦେୟ ଓ ରାଜସ୍ୱ ଆୟର ଅନୁପାତ ୧.୮୫ ପ୍ରତିଶତରେ ସୀମିତ ରହିଛି। ଅତିରିକ୍ତ ବଜେଟକୁ ମିଶାଇ ୨୦୨୪-୨୫ ଆର୍ଥିକ ବର୍ଷରେ ପୁଞ୍ଜି ବ୍ୟୟବରାଦ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ୬ ପ୍ରତିଶତରୁ ଅଧିକ ହେବ ବୋଲି ଆକଳନ କରାଯାଇଛି।

### ଅତିରିକ୍ତ ବଜେଟରେ ବିଭାଗୱାରି ବ୍ୟୟବରାଦ

| କ୍ର. ନଂ. | ବିଭାଗ | ଅତିରିକ୍ତ ବ୍ୟୟବରାଦ (କୋଟି ଟଙ୍କାରେ) |
|---|---|---|
| ୧ | ସ୍ୱରାଷ୍ଟ୍ର ବିଭାଗ | ୧,୩୫୨ |
| ୨ | ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ | ୩୪ |
| ୩ | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ | ୯୯ |
| ୪ | ଆଇନ ବିଭାଗ | ୬୫ |
| ୫ | ଅର୍ଥ ବିଭାଗ | ୧,୭୫୦ |
| ୬ | ବାଣିଜ୍ୟ ବିଭାଗ | ୧ |
| ୭ | ନିର୍ମାଣ ବିଭାଗ | ୨୭୭ |
| ୮ | ଓଡ଼ିଶା ବିଧାନସଭା | ୯ |
| ୯ | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | ୬୬ |
| ୧୦ | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ୧,୧୧୪ |
| ୧୧ | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ | ୪୦୬ |
| ୧୨ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | ୧,୫୩୦ |
| ୧୩ | ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ | ୧,୦୦୦ |
| ୧୪ | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ | ୨୫ |
| ୧୫ | କ୍ରୀଡ଼ା ଓ ଯୁବସେବା ବିଭାଗ | ୬ |
| ୧୬ | ଯୋଜନା ଓ ସଂଯୋଜନ ବିଭାଗ | ୨୮ |
| ୧୭ | ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ | ୨୨୧ |
| ୧୮ | ସାଧାରଣ ଅଭିଯୋଗ ଓ ପେନ୍‌ସନ ପ୍ରଶାସନ | ୦ |
| ୧୯ | ଶିଳ୍ପ ବିଭାଗ | ୧୧୫ |
| ୨୦ | ଜଳ ସମ୍ପଦ ବିଭାଗ | ୩୪୭ |
| ୨୧ | ପରିବହନ ବିଭାଗ | ୧୬ |
| ୨୨ | ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ | ୨୬୫ |
| ୨୩ | କୃଷି ଓ କୃଷକ ସଶକ୍ତୀକରଣ ବିଭାଗ | ୬ |
| ୨୪ | ଇସ୍ପାତ ଓ ଖଣି ବିଭାଗ | ୦ |
| ୨୫ | ସୂଚନା ଓ ଲୋକ ସମ୍ପର୍କ ବିଭାଗ | ୩୨ |
| ୨୬ | ଅବକାରୀ ବିଭାଗ | ୨୮ |
| ୨୭ | ବିଜ୍ଞାନ ଓ ବୈଷୟିକ ଶିକ୍ଷା ବିଭାଗ | ୦ |
| ୨୮ | ଗ୍ରାମ୍ୟ ଉନ୍ନୟନ ବିଭାଗ | ୪୧୩ |
| ୨୯ | ସଂସଦୀୟ ବ୍ୟାପାର ବିଭାଗ | ୦ |
| ୩୦ | ଶକ୍ତି ବିଭାଗ | ୧୦୩ |
| ୩୧ | ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ | ୨୨ |
| ୩୨ | ପର୍ଯ୍ୟଟନ ବିଭାଗ | ୫୦ |
| ୩୩ | ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ | ୪୩ |
| ୩୪ | ସମବାୟ ବିଭାଗ | ୭୨ |
| ୩୫ | ସରକାରୀ ଉଦ୍ୟୋଗ ବିଭାଗ | ୦ |
| ୩୬ | ମହିଳା ଓ ଶିଶୁ ବିକାଶ ବିଭାଗ | ୧,୨୩୦ |
| ୩୭ | ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ | ୨୫୨ |
| ୩୮ | ଉଚ୍ଚ ଶିକ୍ଷା ବିଭାଗ | ୩୦୫ |
| ୩୯ | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ | ୨୬୩ |
| ୪୦ | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ | ୦ |
| ୪୧ | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ | ୪୦୦ |
| ୪୨ | ବିପର୍ଯ୍ୟୟ ପରିଚାଳନା ବିଭାଗ | ୫ |
| ୪୩ | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ | ୨୦୩ |
| ୪୪ | ମିଶନ ଶକ୍ତି ବିଭାଗ | ୦ |
| | ମୋଟ | ୧୨,୧୫୬ |

## ସୁଭଦ୍ରା ଟଙ୍କା ପାଇବା...

କରାଇବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରଥମ କିସ୍ତିର ୩ୟ ପର୍ଯ୍ୟାୟ ଟଙ୍କା ମହିଳାଙ୍କ ଆକାଉଣ୍ଟକୁ ପଠାଯାଇଛି। ୩ଟି ପର୍ଯ୍ୟାୟରେ ମୋଟ ୮୦ ଲକ୍ଷ ୪୬ ହଜାର ମହିଳାଙ୍କୁ ସୁଭଦ୍ରା ସହାୟତା ରାଶି ମିଳିସାରିଲାଣି। ଡିସେମ୍ବରରେ ୪ର୍ଥ ପର୍ଯ୍ୟାୟରେ ଆଉ ୨୦ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ଦେଇ କୋଟିଏ ହିତାଧିକାରୀଙ୍କୁସାମିଲ କରିବାକୁସରକାର ଲକ୍ଷ୍ୟ ରଖିଛନ୍ତି। ହେଲେ ହିତାଧିକାରୀଙ୍କୁ ବ୍ୟାଙ୍କରେ ଅଯଥା ଭିଡ଼ ନ ଜମାଇବାକୁ ପ୍ରଭାତୀ ପରାମର୍ଶ ଦେଇଛନ୍ତି। ବଣ୍ଡାଘାଟିରେ 'ସୁଭଦ୍ରା' ଅପହଞ୍ଚ ନେଇ ପ୍ରତିକ୍ରିୟା ରଖି ପ୍ରଭାତୀ କହିଛନ୍ତି, ସରକାରୀ ଅଧିକାରୀ ବଣ୍ଡାଘାଟି ଯାଇ ଲୋକଙ୍କ ପାଖରେ ପହଞ୍ଚିବେ। ଯାହା ସମସ୍ୟା ରହିଛି ତାକୁ ସେମାନେ ଦୂରକରିବେ। ବଣ୍ଡାଘାଟିର ୧୭୧୧ ମହିଳାଙ୍କ ମଧ୍ୟରୁ ୫ ଶହରୁ ଊର୍ଦ୍ଧ୍ୱ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇସାରିଛନ୍ତି। ଆବେଦନ ସମସ୍ୟା ନେଇ ଅନ୍ୟ ହିତାଧିକାରୀମାନେ ସୁଭଦ୍ରା ଟଙ୍କା ପାଇବାରେ ବିଳମ୍ବ ହୋଇଛି। ତେଣୁ ଯାହା ବି ସମସ୍ୟା ରହିଛି ଦୂରକରାଯାଇ ସେମାନଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରଭାତୀ କହିଛନ୍ତି।

## ହାତୀ ମୃତ୍ୟୁ ରୋକିବାକୁ...

ଅଦ୍ୟାବଧି କେତେ ହାତୀ ମରିଛନ୍ତି, ହାତୀ ମୃତ୍ୟୁର କାରଣ, ରୁଜୁ ହୋଇଥିବା ମାମଲା ଆଦି ସଂକ୍ରାନ୍ତରେ ସତ୍ୟପାଠରେ ସେ ଦର୍ଶାଇଛନ୍ତି। ସତ୍ୟପାଠରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ୨୦୨୦-୨୧ରୁ ୨୦୨୪-୨୫ର ନଭେମ୍ବର ୨୨ ତାରିଖ ମଧ୍ୟରେ ମୋଟ ୩୮୭ଟି ହାତୀଙ୍କ ମୃତ୍ୟୁ ଘଟିଛି। ସେଥିମଧ୍ୟରେ ବିଦ୍ୟୁତ୍ ଆଘାତଜନିତ ହାତୀ ମୃତ୍ୟୁ ସଂଖ୍ୟା ୮୫ ରହିଛି। ସେହିପରି ବିଭିନ୍ନ କାରଣରୁ ହାତୀ ମୃତ୍ୟୁ ତଥ୍ୟ ଅନୁଯାୟୀ, ଶିକାର ୧୬, ଟ୍ରେନ୍ ଦୁର୍ଘଟଣାରେ ୧୮, ସଡ଼କ ଦୁର୍ଘଟଣାରେ ୧, ଅନ୍ୟାନ୍ୟ ଦୁର୍ଘଟଣାରେ ୪୧, ରୋଗାକ୍ରାନ୍ତ ଜନିତ ୧୨୮, ସ୍ୱାଭାବିକ ଭାବେ ୩୭, କାରଣ ଅସ୍ପଷ୍ଟ ୪୫ ଓ ଉଦ୍ଦେଶ୍ୟମୂଳକ ହତ୍ୟା ୧୬ ରହିଛି। ଅପରପକ୍ଷରେ ୨୦୨୦-୨୧ରେ ୭୭, ୨୦୨୧-୨୨ରେ ୮୬, ୨୦୨୨-୨୩ରେ ୯୨, ୨୦୨୩-୨୪ରେ ୬୬ ଓ ୨୦୨୪-୨୫ରେ ୬୬ଟି ହାତୀ ମୃତ୍ୟୁ ହୋଇଛି। ସୂଚନାନୁସାରେ, ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଘୋଷରାମାଳ ଫରେଷ୍ଟ ସେକ୍ସନ ବୁରୋମାଳ ଜଙ୍ଗଲ ସଂଲଗ୍ନ ଚାଷଜମି ନିକଟରେ ଗତ ୧୮ ତାରିଖରେ ବିଦ୍ୟୁତ୍ ଆଘାତରେ ୩ ହାତୀଙ୍କ ମୃତ୍ୟୁ ପରେ ହାଇକୋର୍ଟ ନିଜ ଆଡୁ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ହାଇକୋର୍ଟ ରେଜିଷ୍ଟ୍ରାର (ଜୁଡିସିଆଲ)ଙ୍କ ପକ୍ଷରୁ ରୁଜୁ ଜନସ୍ୱାର୍ଥ ମାମଲାକୁ ତ୍ୱରିତ ଶୁଣାଣି କରାଯାଇଛି। ଗତ ୧୯ ତାରିଖ ଶୁଣାଣିରେ ମୁଖ୍ୟ ବନ ସଂରକ୍ଷକ ଭର୍ଚୁଆଲ ମାଧ୍ୟମରେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ମାସାଧିକ କାଳ...

ଆଧାର କାର୍ଡ ଡିଟେଲ୍ସରୁ ଏହି ପାର୍ସଲ ତାଙ୍କର ହୋଇଥିବା ସ୍ପଷ୍ଟ ଭାବେ ଜଣାପଡ଼ିଛି। ସେହିପରି ତାଙ୍କ ଆଧାର କାର୍ଡ ଏକ ଅର୍ଥ ହେରଫେର ମାମଲା ସହ ଲିଙ୍କ୍ ରହିଛି। ଏହାଶୁଣି ବୃଦ୍ଧା ମହିଳା ଜଣକ ଭୟଭୀତ ହୋଇଯାଇଥିଲେ। ଅଭିଯୁକ୍ତମାନେ ତାଙ୍କୁ ଭୟଭୀତ ନ ହୋଇ ସ୍କାଇପ୍ ଆପ୍ ଡାଉନଲୋଡ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସାହାଯ୍ୟରେ ତାଙ୍କର ଅନ୍‌ଲାଇନ ଜେରା କରାଯିବ ବୋଲି କହିଥିଲେ। ଏନେଇ କାହାକୁ ନ ଜଣାଇବା ପାଇଁ ମହିଳାଙ୍କୁ ଧମକ ମିଳିଥିଲା। ଜଣେ ଅଭିଯୁକ୍ତ ନିଜକୁ ଆଇପିଏସ୍ ଅଫିସର ଆନନ୍ଦ ରାଣା ଏବଂ ଅନ୍ୟ ଜଣେ ଅର୍ଥ ବିଭାଗର ଅଧିକାରୀ ଜର୍ଜ ମାଥ୍ୟୁ ଭାବେ ପରିଚୟ ଦେଇ ତାଙ୍କୁ କଲ୍ କରୁଥିଲେ ବୋଲି ପୀଡ଼ିତା ମହିଳା କହିଛନ୍ତି। ସେ କହିଛନ୍ତି, ତାଙ୍କୁ ସବୁବେଳେ ହ୍ୱାଟ୍ସଆପ୍ ଭିଡିଓ କଲ୍‌କୁ ଅନ୍ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଉଥିଲା। ତେଣୁ ସେ ଭୟଭୀତ ହୋଇ ନିଜ ଘରର କମ୍ପ୍ୟୁଟରରେ ମାସେ କାଳ ଭିଡିଓ କଲ୍‌କୁ ଅନ୍ କରି ରଖିଥିଲେ। ଯେତେବେଳେ ଭିଡିଓ କଲ୍ ଡିସ୍‌କନେକ୍ଟ ହୋଇଯାଉଥିଲା, ସଙ୍ଗେ ସଙ୍ଗେ ପୁନର୍ବାର ଭିଡିଓ କଲ୍ ଅନ୍ କରିବା ପାଇଁ ତାଙ୍କୁ ଅଭିଯୁକ୍ତଙ୍କ ପକ୍ଷରୁ ନିର୍ଦ୍ଦେଶ ଆସୁଥିଲା।

ଭିଡିଓ କଲ୍ ଜେରା ସମୟରେ ମହିଳା ଜଣଙ୍କ ନିଜ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦେଇଥିଲେ। ଅର୍ଥ ହେରଫେର ମାମଲାର ଠିକ୍ ଭାବେ ଯାଞ୍ଚ ପାଇଁ ଆକାଉଣ୍ଟରେ ଥିବା ସମସ୍ତ ଟଙ୍କାକୁ ଅନ୍ୟ ଏକ ଆକାଉଣ୍ଟକୁ ଟ୍ରାନ୍ସଫର କରିବାକୁ ଅଭିଯୁକ୍ତମାନେ ମହିଳାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯଦି ଦୁର୍ନୀତିରେ ସମ୍ପୃକ୍ତି ନ ଥିବ ତେବେ ସେ ସମସ୍ତ ଟଙ୍କା ଫେରସ୍ତ ପାଇବ ବୋଲି ମହିଳାଙ୍କୁ କୁହାଯାଇଥିଲା। ମହିଳା ଜଣଙ୍କ ନିଜ ଆକାଉଣ୍ଟରେ ଥିବା ସମସ୍ତ ଟଙ୍କା ପଠାଇବା ପରେ ଅଭିଯୁକ୍ତମାନେ ୧୫ ଲକ୍ଷ ଟଙ୍କା ଫେରାଇ ତାଙ୍କ ବିଶ୍ୱାସ ଜିତିବାକୁ ସଫଳ ହୋଇଥିଲେ। ତେଣୁ ମହିଳା ଜଣକ ନିଜ ୬ ବ୍ୟାଙ୍କ ଆକାଉଣ୍ଟରୁ ୩.୮ କୋଟି ଟଙ୍କା ଅଭିଯୁକ୍ତଙ୍କ ନିକଟକୁ ପଠାଇଥିଲେ। ତେବେ ଏହାପରେ ଅଭିଯୁକ୍ତମାନେ ପୀଡ଼ିତା ମହିଳାଙ୍କ ଟଙ୍କା ଆଉ ଫେରାଇ ନ ଥିଲେ। ତେଣୁ ମହିଳା ଜଣକ ବିବ୍ରତ ହୋଇ ବିଦେଶରେ ରହୁଥିବା ନିଜ ଝିଅଙ୍କୁ ଜଣାଇଥିଲେ। ଝିଅର ପରାମର୍ଶ କ୍ରମେ ସେ ମୁମ୍ବାଇ ସାଇବର ପୋଲିସକୁ ନିଜ ଅଭିଯୋଗ ଜଣାଇଥିଲେ। ଘଟଣାକୁ ନେଇ ପୋଲିସ ଏକ ମାମଲା ରୁଜୁ କରିଛି। ମୁମ୍ବାଇ କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଚଳାଇଛି।

## ୨୦ରେ ରାଜ୍ୟ ସଭା...

ଆସନ ଭାଜପା ଖାତାକୁ ଯିବା ଏକ ପ୍ରକାର ନିଶ୍ଚିତ। ସୁଜିତ୍ କୁମାରଙ୍କ କାର୍ଯ୍ୟକାଳ ୨ ଏପ୍ରିଲ ୨୦୨୬ରେ ସରୁଥିଲା। ତେବେ ଭାଜପା ସୁଜିତ୍ କୁମାରଙ୍କ ସ୍ଥାନରେ କାହାକୁ ରାଜ୍ୟ ସଭାକୁ ପଠାଇବ ତାକୁ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ମମତା ମହାନ୍ତଙ୍କ ପରି ଭାଜପା ସୁଜିତ୍ କୁମାରଙ୍କୁ ରାଜ୍ୟ ସଭାକୁ ପଠାଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୬ରେ ସୁଜିତ କୁମାର ରାଜ୍ୟ ସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏହାସହ ସେ ବିଜେଡିରୁ ମଧ ଇସ୍ତଫା ଦେଇଥିଲେ। ଇସ୍ତଫାର କିଛି ସମୟ ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ଭର୍ତ୍ତୃହରି ମହତାବ, ଭାଜପା ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମରଙ୍କ ଉପସ୍ଥିତିରେ ସେ ଭାଜପାରେ ଯୋଗଦେଇଥିଲେ। ଅନ୍ୟପଟେ ଆନ୍ଧ୍ରପ୍ରଦେଶର ଭେଙ୍କଟରମଣ ରାଓ ମୋପିଦେବୀ, ବିଧ ମସ୍ତନ ରାଓ ଯାଦବ, ର୍ୟାଗା କ୍ରିଷ୍ଣାୟିହା, ପଶ୍ଚିମବଙ୍ଗର ଜୌହ୍ୱର ସିରକର ଏବଂ ହରିୟାଣାର କ୍ରିଷନ ଲାଲ୍ ପନୱାର ରାଜ୍ୟ ସଭାରୁ ଇସ୍ତଫା ଦେଇଛନ୍ତି। ଏହିସବୁ ସ୍ଥାନରେ ମଧ ଉପନିର୍ବାଚନ ହେବ।

## ଭିମ୍‌ସାରରେ ଶିଶୁ...

ଅନୁସନ୍ଧାନ କରୁଛି। ପିଲା ଚୋରି ପରେ ସେମାନଙ୍କ ମାନସିକ ସନ୍ତୁଳନ ବିଗିଡ଼ିଯାଇଥିବା ମୋହନ ଓ ତାଙ୍କ ସ୍ତ୍ରୀ ସୀତା କହିଛନ୍ତି। ଛତିଶଗଡ଼ର ମୋହନ ଦାସ ତାଙ୍କ ଆସନ୍ନ ପ୍ରସବା ସ୍ତ୍ରୀ ସୀତାଙ୍କୁ କିଛିଦିନ ତଳେ ଭିମ୍‌ସାରର ସ୍ତ୍ରୀ ଓ ପ୍ରସୂତି ୱାର୍ଡରେ ଭର୍ତ୍ତି କରିଥିଲେ। ରବିବାର ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ସିସି ଟିଭି ସ୍କାନ୍‌ରେ ଥିବା ଭିମ୍‌ସାରର ସୁରକ୍ଷା ବ୍ୟବସ୍ଥାକୁ ଭେଦକରି ୱାର୍ଡରୁ ପିଲା ଚୋରି ହେବାକୁନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ଭିମ୍‌ସାର ନିର୍ଦ୍ଦେଶକ ଡା. ଭାବଗ୍ରାହୀ ରଥ କହିଛନ୍ତି, ସ୍ତ୍ରୀ ଓ ପ୍ରସୂତି ୱାର୍ଡରୁ ଶିଶୁ ଚୋରି ଘଟଣାରେ ଉକ୍ତ ୱାର୍ଡରେ ନିୟୋଜିତ ସୁରକ୍ଷା କର୍ମୀଙ୍କ ସହ ସୁରକ୍ଷା ଦାୟିତ୍ୱରେ ଥିବା ସଂସ୍ଥାକୁ ରିପୋର୍ଟ ମଗାଯାଇଥିଲା। ସୁରକ୍ଷା ସଂସ୍ଥା ରିପୋର୍ଟ ଆଧାରରେ ବୁର୍ଲା ଥାନାରେ ଭିମ୍‌ସାର କର୍ତ୍ତୃପକ୍ଷ ଏତଲା ଦେଇଛନ୍ତି। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭିରେ ଜଣେ ମହିଳା ଉକ୍ତ ଶିଶୁକୁ ଧରି ବାହାରକୁ ଚାଲିଯାଉଥିବା ଦୃଶ୍ୟ ସ୍ପଷ୍ଟ ହେଉଛି। ଯେତେ କଡ଼ା ସୁରକ୍ଷା ବ୍ୟବସ୍ଥା ଥିଲେ ବି ଲୋକେ ସଚେତନ ହେବା ଉଚିତ ବୋଲି ଡା. ରଥ କହିଛନ୍ତି। ପୋଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି।




# ମୃତଦେହ ଆସିବାକୁ ଅପେକ୍ଷା କରିଥିବାବେଳେ ଘରୁ ଡକାୟତି

- ଖଣ୍ଡା, ବନ୍ଧୁକ ଧରି ବୋଲେରୋରେ ଆସିଥିଲେ ୧୦ ଦୁର୍ବୃତ୍ତ
- ନେଇଗଲେ ଲକ୍ଷାଧିକ ଟଙ୍କା, ୩୫୦ ଗ୍ରାମର ସୁନା ଅଳଙ୍କାର
- ସାନ୍ତ୍ୱନା ଦେବାକୁ ଆସିଥିବା ବନ୍ଧୁବାନ୍ଧବ ମଧ ହରାଇଲେ ଗହଣା

ବଇଣ୍ଡା, ୨୬।୧୧ (ପରିକ୍ଷିତ ସାହୁ)

ଦୁର୍ଘଟଣାରେ ଜଣେ ସଦସ୍ୟ ପ୍ରାଣ ହରାଇଥିବାରୁ ପରିବାର ଲୋକେ ଭାଙ୍ଗି ପଡ଼ିଥିଲେ। ଖବରପାଇ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେବାକୁ ବନ୍ଧୁବାନ୍ଧବ ମଧ ପହଞ୍ଚି ଯାଇଥିଲେ। ସମସ୍ତେ ଶୋକରେ ବୁଡି ମୃତଦେହକୁ ଅପେକ୍ଷା କରିଥିବା ବେଳେ ରାତିରେ ଖଣ୍ଡା, ବନ୍ଧୁକ ଧରି ହଠାତ୍ ପହଞ୍ଚିଥିଲେ ୧୦ ଜଣ ଦୁର୍ବୃତ୍ତ। ସମସ୍ତଙ୍କୁ ଭୟଭୀତ କରିବା ସହ ଘରେ ଥିବା ଲକ୍ଷାଧିକ ଟଙ୍କା ଓ ୩୫୦ ଗ୍ରାମର ସୁନାଗହଣା ନେଇ ଫେରାର ହୋଇଯାଇଥିଲେ। ଏପରିକି ମୃତକଙ୍କ ସ୍ତ୍ରୀ ଓ ବନ୍ଧୁବାନ୍ଧବ ପିନ୍ଧିଥିବା ଗହଣାକୁ ମଧ ଦୁର୍ବୃତ୍ତମାନେ ଝିଙ୍କି ନେଇଥିଲେ। ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଲକ୍ଷ୍ମୀପ୍ରିୟାପୁର ଗ୍ରାମରେ ସୋମବାର ରାତିରେ ହୋଇଥିବା ଏପରି ଏକ ଡକାୟତି ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ହଣ୍ଡପା ଥାନା ଲକ୍ଷ୍ମୀପ୍ରିୟାପୁର ଗ୍ରାମର ଟ୍ରାକ୍ଟର ଚାଳକ ବିଜୟ କୁମାର ସାହୁଙ୍କ ସୋମବାର ଗାଡ଼ିରୁ ଖସିପଡ଼ି ମୃତ୍ୟୁ ହୋଇଥିଲା। ସନ୍ଧ୍ୟା ହୋଇଯିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିଲା। ହାଟରୁ ଘରକୁ ଫେରୁଥିବା ବିଜୟଙ୍କ ଏପରି ମୃତ୍ୟୁ ପରିବାରକୁ ସ୍ତବ୍ଧ କରିଦେଇଥିବା ବେଳେ ସମସ୍ତେ ମୃତଦେହକୁ ଅପେକ୍ଷା କରିଥିଲେ। ବନ୍ଧୁବାନ୍ଧବମାନେ ମଧ ବିଜୟଙ୍କ ଘରେ ପହଞ୍ଚି ଯାଇଥିଲେ। ହେଲେ ରାତିରେ ବୋଲେରୋରେ ଗାଁକୁ ଆସିଥିବା ୧୦ ଜଣ ଡକାୟତ ବିଜୟଙ୍କ ଘରେ ପଶିଯାଇଥିଲେ। ସେମାନେ ବିଜୟଙ୍କ ଭାଇ ଅଜୟ କୁମାର ସାହୁଙ୍କ ବେକରେ ଖଣ୍ଡା ଲଗାଇବା ସହ ମୁଣ୍ଡରେ ମାଉଜର ଲଗାଇ ସମସ୍ତଙ୍କୁ ଭୟଭୀତ କରାଇଥିଲେ। ଏଥିସହ ଘରେ ଥିବା ଆଲମାରି, କାଠବାକ୍ସ ଭାଙ୍ଗି ୧ ଲକ୍ଷ ୩୫ ହଜାର ଟଙ୍କା, ୫ ଭରି ସୁନା, ରୁପା ଗହଣା ନେଇଯାଇଥିଲେ। ମୃତ ବିଜୟଙ୍କ ସ୍ତ୍ରୀ ଚାରୁଲତା ସାହୁଙ୍କ ବେକରୁ ସୁନା ଚେନ୍ ଓ କାନରେ ପିନ୍ଧିଥିବା ଅଳଙ୍କାର, ବନ୍ଧୁବାନ୍ଧବ ଆଲିସା ବେହେରା, ପ୍ରେମଲତା ସାହୁ, ସୁଷମା ସାହୁ, ବିଳାସ ସାହୁ, ମିନତୀ ସାହୁଙ୍କ ସମେତ ୧୫ ଜଣ ମହିଳାଙ୍କ ବେକ ଓ କାନରୁ ମୋଟ ୩୫୦ ଗ୍ରାମ୍‌ର ଅଳଙ୍କାର ଲୁଟି ନେଇଥିଲେ। ସେମାନଙ୍କଠାରୁ ୧୧ଟି ମୋବାଇଲ ଛଡ଼ାଇ ନେବା ସହ ସମସ୍ତଙ୍କୁ ୨ଟି ଘରେ ପୂରାଇ ବାହାରୁ କବାଟଦେଇ ଫେରାର ହୋଇଯାଇଥିଲେ। ଘଟଣା ଜଣାପଡ଼ିବା ପରେ ଲକ୍ଷ୍ମୀପ୍ରିୟାପୁର ଗ୍ରାମରେ ଭୟର ବାତାବରଣ ଖେଳିଯାଇଛି। ଖବରପାଇ ମଙ୍ଗଳବାର ସକାଳେ ହଣ୍ଡପା ଥାନା ଆଇଆଇସି ନମିତା ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଆଇଆଇସି ପ୍ରକାଶ କରିଛନ୍ତି। ସନ୍ଧ୍ୟାରେ ମୃତକଙ୍କ ଭାଇ ଅଜୟ ସାହୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୪୦୧/୨୪ରେ ଏକ ମାମଲା ରୁଜୁ କରିଛି।

# ବିପର୍ଯ୍ୟୟ ମୁକାବିଲା ପାଇଁ ସ୍ଥାୟୀ ଭିତ୍ତିଭୂମିର ବିକାଶ ଆବଶ୍ୟକ

ଭୁବନେଶ୍ୱର, ୨୬।୧୧ (ସୁନିତ୍ ମିଶ୍ର)



**ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ବାତ୍ୟା 'ଦାନା' କ୍ଷୟକ୍ଷତି ଆକଳନ ପାଇଁ ଆସିଥିବା କେନ୍ଦ୍ରୀୟ ଟିମ୍**

- ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଆଗରେ ଦାବି ଦୋହରାଇବୁ: ରାଜସ୍ୱ ମନ୍ତ୍ରୀ

ବାତ୍ୟା 'ଦାନା'ର କ୍ଷୟକ୍ଷତି ଆକଳନ କରିବା ପାଇଁ ଆସିଥିବା ଆନ୍ତଃ ମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ ମଙ୍ଗଳବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ ପି.କେ. ରାଏଙ୍କ ନେତୃତ୍ୱରେ ଏକ ୭ ଜଣିଆ ଟିମ୍ ୨୪ ତାରିଖରେ ଆସି ସବୁଠୁ ଅଧିକ କ୍ଷତିଗ୍ରସ୍ତ ଭଦ୍ରକ, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଜିଲା ଗସ୍ତକରି କ୍ଷୟକ୍ଷତି ଆକଳନ କରିଛନ୍ତି। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ କ୍ଷୟକ୍ଷତିର ଭରଣା ପାଇଁ ସହାୟତା ସହ ବିପର୍ଯ୍ୟୟ ମୁକାବିଲା ପାଇଁ ସ୍ଥାୟୀ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ପ୍ରତିବର୍ଷ ବାତ୍ୟା, ବନ୍ୟା ପରି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିଆସୁଛି। ଲୋକଙ୍କ ଜୀବନ ବଞ୍ଚାଇବାରେ ସରକାର ସଫଳ ହେଉଥିବା ବେଳେ ବିଭିନ୍ନ ଭିତ୍ତିଭୂମିର ବ୍ୟାପକ କ୍ଷୟକ୍ଷତି ହେଉଛି। ଏହାର ପୁନଃ ନିର୍ମାଣ ପାଇଁ ବହୁ ଅର୍ଥ ବିନିଯୋଗ କରିବାକୁ ପଡୁଛି। ତେଣୁ ବିପର୍ଯ୍ୟୟ ପ୍ରତିରୋଧୀ ସ୍ଥାୟୀ ଭିତ୍ତିଭୂମିର ବିକାଶ କରାଯିବାର ଆବଶ୍ୟକତା ରହିଛି। ଉପକୂଳବର୍ତ୍ତୀ ଜିଲାରେ ଭୂତଳ ବିଦ୍ୟୁତ୍ କେବୁଲ ସ୍ଥାପନ, ଉପକୂଳରେ ବନ୍ଧ ନିର୍ମାଣ, ବ୍ୟାପକ ହେନ୍ତାଳବନ ସୃଷ୍ଟି ଆଦି ପଦକ୍ଷେପ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହା ସହ ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ସ୍ଥାପନ ପାଇଁ ସେ ମତ ରଖିଛନ୍ତି। ଏ ଦିଗରେ କେନ୍ଦ୍ର ସରକାର ଆବଶ୍ୟକ ସହଯୋଗ ଯୋଗାଇଦେବା ପାଇଁ ସେ ପ୍ରସ୍ତାବ ରଖିଥିଲେ। ଆଲୋଚନାରେ ଅଂଶଗ୍ରହଣକରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ସ୍ଥାୟୀ ଭିତ୍ତିଭୂମି ସୃଷ୍ଟି କରାଯାଇପାରିଲେ ଓଡ଼ିଶାର ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହୋଇପାରିବ। କେନ୍ଦ୍ରୀୟ ଟିମ୍ ମୁଖ୍ୟ ରାଏ ବାତ୍ୟା 'ଦାନା'ର ସୁପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂହ ଉପସ୍ଥିତ ଥିଲେ। ବୈଠକ ପରେ ଗଣମାଧ୍ୟମକୁ ପୂଜାରୀ କହିଛନ୍ତି, ବିପର୍ଯ୍ୟୟ ବେଳେ କ୍ଷୟକ୍ଷତି ହ୍ରାସ ଲାଗି ଦୀର୍ଘକାଳୀନ ଯୋଜନା ଦାବି କରାଯାଇଛି। ବାତ୍ୟା, ବନ୍ୟା ନିରୋଧୀ ଗୃହ ନିର୍ମାଣ ଲାଗି କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଛି। ଉପକୂଳ ଜିଲାରେ ହେନ୍ତାଳ ବନ ସୃଷ୍ଟି ପାଇଁ ପ୍ରସ୍ତାବ ମଧ ରଖାଯାଇଛି। ଓଡ୍ରାଫକୁ ଆଧୁନିକୀକରଣ କରିବାକୁ ମଧ ସହଯୋଗ ଲୋଡ଼ିଛନ୍ତି। ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଆସିଲେ ଦାବି ଦୋହରାଇବେ ବୋଲି ସୁରେଶ କହିଛନ୍ତି।

# ବିଧାନସଭା ଆରମ୍ଭରୁ ହଟ୍ଟଗୋଳ

## ଅନାହାର, ସମ୍ବିଧାନ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିଲେ ବିରୋଧୀ

ଭୁବନେଶ୍ୱର, ୨୬।୧୧ (ଅନିଲ ଦାସ)

ବିଧାନସଭା ଶୀତ ଅଧିବେଶନ ଆରମ୍ଭରୁ ବିଭ୍ରାଟ ଦେଖାଦେଇଛି। ଆମ୍ବଟାକୁଆ ଖାଇ ଅନାହାର ମୃତ୍ୟୁ ଏବଂ ସମ୍ବିଧାନ ମୁଖବନ୍ଧରେ ଧର୍ମନିରପେକ୍ଷ ଓ ସମାଜବାଦ ଶବ୍ଦ ନ ଥିବା ନେଇ ବିରୋଧୀ କଂଗ୍ରେସ ଓ ବିଜେଡି ରାଜ୍ୟ ସରକାରଙ୍କୁ ଘେରିଛନ୍ତି। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ଦିନତମାମ ଗୃହକାର୍ଯ୍ୟ ବରବାଦ ହୋଇଯାଇଛି। ପରିସ୍ଥିତି ସ୍ୱାଭାବିକ ନ ହେବାରୁ ବାଚସ୍ପତି ଗୃହକୁ ବୁଧବାର ପୂର୍ବାହ୍ନ ୧୦ଟା ୩୦ ଯାଏ ମୁଲତବୀ ଘୋଷଣା କରିଛନ୍ତି।

ସପ୍ତଦଶ ବିଧାନସଭା ଦ୍ୱିତୀୟ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପୂର୍ବାହ୍ନ ୧୦ଟା ୩୦ରେ ବାଚସ୍ପତି ସୁରମା ପାଢ଼ୀ ସଭାକାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିଥିଲେ। ପ୍ରଥମ ଦିବସ ଥିବାରୁ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ପୂରା ଫ୍ରେଶ୍ ଜଣାପଡୁଥିଲେ। ବିଧାନସଭାର ଦିବଂଗତ ସଦସ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୃହରେ ଶୋକ ପ୍ରସ୍ତାବ ଆଗତ କରିବାକୁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବାଚସ୍ପତି କହିଥିଲେ। ଶୋକ ପ୍ରସ୍ତାବ ଆଲୋଚନା ପରେ ୧୧ଟା ୨୫ରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ ଉଭୟ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ ଆରମ୍ଭ କରିଥିଲେ। ବିଜେଡି ସଭ୍ୟମାନେ ନିଜ ସିଟ୍‌ରେ ଛିଡ଼ା ହୋଇ ପ୍ରତିବାଦ କରିଥିଲେ। କଂଗ୍ରେସ ସଦସ୍ୟମାନେ ହାତରେ ପ୍ଲାକାର୍ଡ ଧରି ପ୍ରତିବାଦ କରିବା ସହ ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ରାଜ୍ୟ ସରକାର ହାଏ ହାଏ, ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଆମର ଦାବି କହି ଗୃହରେ ପ୍ରବଳ ହୋହଲ୍ଲା କରିଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ଚେଷ୍ଟା କରିଥିଲେ। ମାତ୍ର ପରିସ୍ଥିତି ସ୍ୱାଭାବିକ ନ ହେବାରୁ ବାଚସ୍ପତି ଗୃହକୁ ପୂର୍ବାହ୍ନ ୧୧ଟା ୩୧ ମିନିଟରୁ ୧୨ଟା ୨୫ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ଗୃହକାର୍ଯ୍ୟ ପୁନର୍ବାର ଆରମ୍ଭ ହେବାମାତ୍ରେ ବିଜେଡି ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ବାଚସ୍ପତି କହିବାକୁ ସୁଯୋଗ ଦେଇଥିଲେ। ରଣେନ୍ଦ୍ର କହିଥିଲେ, ବିଧାନସଭା ପରିସରରେ ଥିବା ସମ୍ବିଧାନ ମୁଖବନ୍ଧକୁ ପରିବର୍ତ୍ତନ କରାଯାଉ। ସମ୍ବିଧାନ ମୁଖବନ୍ଧରେ ଧର୍ମନିରପେକ୍ଷ ଏବଂ ସମାଜବାଦ ଶବ୍ଦ ନାହିଁ, ଯାହା ସମ୍ବିଧାନର ଆତ୍ମା ବୋଲି ସେ ଯୁକ୍ତି ବାଢ଼ିଥିଲେ। କେନ୍ଦ୍ରର ଭାଜପା ସରକାର ସମ୍ବିଧାନ ବଦଳାଇ ଦେବାକୁ ଚାହୁଁଛନ୍ତି। ସମ୍ବିଧାନର ମୁଖବନ୍ଧରେ ଧର୍ମନିରପେକ୍ଷ ଓ ସମାଜବାଦ ଉଲ୍ଲେଖ ରହିଛି। ଏହାକୁ ହଟାଇ ଦେବାକୁ ଚକ୍ରାନ୍ତ ହେଉଛି। ଏହି ପ୍ରସଙ୍ଗ ଉପରେ ଆଲୋଚନା ହେବା ଦରକାର ବୋଲି ସେ କହିଥିଲେ। ଭାଜପା ସଭ୍ୟ ଇରାଶିଷ ଆଚାର୍ଯ୍ୟ ବିରୋଧୀଙ୍କ ଅଭିଯୋଗ ଉପରେ କଡ଼ା ଜବାବ ଦେଇଛନ୍ତି। ସେ କହିଛନ୍ତି, ପବିତ୍ର ସମ୍ବିଧାନ ଦିବସରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଅପ୍ରସଙ୍ଗକୁ ପ୍ରସଙ୍ଗ କରିବାକୁ ଉଦ୍ୟମ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ଆମେ ଗ୍ରହଣ କରିଛୁ ଏବଂ ମୁଖବନ୍ଧ ସମ୍ବିଧାନର ମୂଳ ଆତ୍ମା ବୋଲି ସ୍ୱୀକାର କରିଛୁ। ବିରୋଧୀ ଗୃହକୁ ଭ୍ରମିତ କରୁଛନ୍ତି। ବିଧାନସଭା ପରିସରରେ ବର୍ତ୍ତମାନ ଯେଉଁ ମୁଖବନ୍ଧଟି ସ୍ଥାନିତ ହୋଇଛି ତାହା କନ୍‌ଷ୍ଟିଚୁଏଣ୍ଟ ଆସେମ୍ବ୍ଲିର ପ୍ରଥମ ବହି। ଏଠି ମୂଳ ସମ୍ବିଧାନର ଆତ୍ମାକୁ ସମ୍ମାନ ଦିଆଯାଇଛି। ସମ୍ବିଧାନର ମୁଖବନ୍ଧରେ ଥିବା ଧର୍ମନିରପେକ୍ଷ ଓ ସାମାଜବାଦ ଶବ୍ଦକୁ ଉଚ୍ଛେଦ କରାଯାଇ ନାହିଁ। ଏହି ପ୍ରସଙ୍ଗ ଯଦି ଉଠାଇବା କଥା ପାର୍ଲାମେଣ୍ଟରେ ଉଠାନ୍ତୁ। ବିଜେଡିର ପାର୍ଲାମେଣ୍ଟରେ ଶୂନ ହୋଇଯାଇଛି। ସେଥିପାଇଁ ସେମାନେ ଏଠାରେ ହଟ୍ଟଗୋଳ କରୁଛନ୍ତି। ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୋଧେ ଭୁଲି ଯାଇଛନ୍ତି ଯେ ଗତ ସରକାର ସମୟରେ ଏହି ବହିକୁ ବିଧାନସଭାରେ ଉପସ୍ଥାପନ କରାଯାଇଥିଲା। ବୋଧେ ମନ୍ତ୍ରୀ ଥିବା ସମୟରେ ତାମିଲ ଅଫିସରଙ୍କ ଭୟରେ ଏକଥା ଉଠାଇ ନ ଥିଲେ ବୋଲି ଇରାଶିଷ କହିଛନ୍ତି। ଅନ୍ୟପକ୍ଷରେ କନ୍ଧମାଳରେ ଆମ୍ବଟାକୁଆ ଜାଉ ଖାଇ ମୃତ୍ୟୁ ଘଟଣାକୁ ଅନାହାର ମୃତ୍ୟୁ ବୋଲି କହି କଂଗ୍ରେସ ଗୃହରେ ହଟ୍ଟଗୋଳ କରିଛି। ଏହି ଘଟଣାର କଂଗ୍ରେସ ବିଚାର ବିଭାଗୀୟ ତଦନ୍ତ ଦାବି କରିଛି।

# ଦିବଂଗତ ସଦସ୍ୟଙ୍କ ସ୍ମୃତିରେ ଶୋକ

ଭୁବନେଶ୍ୱର, ୨୬।୧୧ (ଅନିଲ ଦାସ)

ସପ୍ତଦଶ ବିଧାନସଭାର ଶୀତ ଅଧିବେଶନ ପ୍ରଥମ ଦିନ ଗୃହରେ ପରଲୋକଗତ ୬ ଜଣ ସଦସ୍ୟଙ୍କ ବିୟୋଗରେ ଶୋକ କରାଯାଇଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଜାତୀୟସଙ୍ଗୀତ ଗାନ ପରେ ବାଚସ୍ପତି ସୁରମା ପାଢ଼ୀ ବିଧାନସଭାର ସ୍ୱର୍ଗତ ସଦସ୍ୟ ସମୀର ଦେ, ଧନେଶ୍ୱର ମାଝି, ମକରଧ୍ୱଜ ପ୍ରଧାନ, ନିରଞ୍ଜନ ପ୍ରଧାନ, ଉତ୍କଳକେଶରୀ ପରିଡ଼ା ଏବଂ ପୂର୍ଣ୍ଣଚନ୍ଦ୍ର ମାଝିଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ କରିବାକୁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ଶୋକ ପ୍ରସ୍ତାବ ଆଗତ କରିବା ସହ ଦିବଂଗତ ସଦସ୍ୟଙ୍କ ରାଜନୈତିକ ଜୀବନୀ ଉପରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ଏଥିସହିତ ସ୍ୱର୍ଗତ ସଦସ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇ(ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ସମର୍ଥନ କରିବା ସହ ସ୍ୱର୍ଗତ ସଦସ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ। ଶେଷରେ ବାଚସ୍ପତି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ନିଜର ତଥା ଗୃହର ସମବେଦନା ଜଣାଇଥିଲେ। ପରଲୋକଗତ ସଦସ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୃହରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଧାନସଭାରେ ୨୫ ମିନିଟ୍ ଧରି ଶୋକ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା।












# ସୁଜାତାଙ୍କ ଛୁଟିର ପୁନଃ ଆବେଦନ ଖାରଜ


ସୁଜାତା କାର୍ତ୍ତିକେୟନ୍

### ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୬।୧୧(ସୁନିତ୍ ମିଶ୍ର)

ଆଇଏଏସ୍ ଅଫିସର ସୁଜାତା କାର୍ତ୍ତିକେୟନ ପାଣ୍ଡିଆନ୍‌ଙ୍କୁ ମଙ୍ଗଳବାର ଶକ୍ତ ଝଟକା ଲାଗିଛି। ଗତ ମେ’ ୩୧ରୁ ୬ ମାସ ଧରି ଛୁଟିରେ ଯାଇଥିବା ସୁଜାତା କାର୍ତ୍ତିକେୟନ୍ ପୁଣି ଥରେ ନିଜର ଛୁଟି ସମୟକୁ ଆହୁରି ୬ ମାସ ବୃଦ୍ଧି ଲାଗି ଆବେଦନ କରିଥିଲେ। ରାଜ୍ୟ ସରକାର ଏହାକୁ ଖାରଜ କରିଦେଇଛନ୍ତି। ସେ ନେଇଥିବା ୬ ମାସିଆ ଛୁଟି ସମୟ ନଭେମ୍ବର ୨୬ ଅର୍ଥାତ୍ ମଙ୍ଗଳବାରକୁ ଶେଷ ହୋଇଛି। ବୁଧବାର ତାଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି। ନିଜ ସନ୍ତାନର ଯତ୍ନନେବା କଥା ଦର୍ଶାଇ ସୁଜାତା ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ଛୁଟି ମାଗିଥିଲେ, ଯାହାକୁ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଅନୁମୋଦନ କରିଥିଲେ। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ମନୋଜ କୁମାର ମହାନ୍ତି ମଙ୍ଗଳବାର ୨୦୦୦ ବ୍ୟାଚ୍ ଆଇଏଏସ୍ ଅଫିସର ସୁଜାତାଙ୍କୁ ଚିଠି ଲେଖି ତାଙ୍କର ଛୁଟି ଆବେଦନକୁ ରାଜ୍ୟ ସରକାର ଖାରଜ କରିଥିବା କଥା ଅବଗତ କରାଇଛନ୍ତି। ସୁଜାତା ନଭେମ୍ବର ୨୭ରୁ ଆଉ ୬ ମାସ ପାଇଁ ଛୁଟିରେ ଯିବାକୁ ଗତ ନଭେମ୍ବର ୪ ରେ ମୁଖ୍ୟ ଶାସନ ସଚିବଙ୍କୁ ଲିଖିତ ଅନୁରୋଧ କରିଥିଲେ। ତାଙ୍କୁ ଅଧିକ ଛୁଟି ଦେବା ପାଇଁ ସରକାର ରାଜି ନ ଥିବା ନେଇ ସୁଜାତାଙ୍କୁ ଲିଖିତ ଭାବେ ମନୋଜ କୁମାର ମହାନ୍ତି ସ୍ପଷ୍ଟ କରିବା ସହ ନଭେମ୍ବର ୨୭ରୁ କାର୍ଯ୍ୟରେ ଯୋଗଦେବାକୁ କହିଛନ୍ତି।

ସୂଚନଯୋଗ୍ୟ, ନବୀନ ପଟ୍ଟନାୟକ ସରକାର ସମୟରେ ସର୍ବେସର୍ବା ସାଜିଥିବା କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ସ୍ତ୍ରୀ ସୁଜାତା ବହୁ କ୍ଷମତାଶାଳୀ ହୋଇଯାଇଥିଲେ। ହେଲେ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ବିପର୍ଯ୍ୟୟ ପରେ ସୁଜାତା ଛୁଟିରେ ଯାଇଥିଲେ। ଏହି ଛୁଟି ଅବଧି ସମୟ ମଧ୍ୟରେ ସୁଜାତାଙ୍କୁ ସମ୍ପୂର୍ଣ୍ଣ ଦରମା ମଧ୍ୟ ମିଳୁଥିଲା। ସର୍ବଭାରତୀୟ ସେବା ଆଇନ–୧୯୫୫ର ରୁଲ୍–୧୮(ଘ)ରେ ଥିବା ପ୍ରାବଧାନ ଆଧାରରେ ସେ ତାଙ୍କ ଝିଅର ଦଶମ ପରୀକ୍ଷା ପାଇଁ ରାଜ୍ୟ ସରକାରଙ୍କୁ ଛୁଟି ଆବେଦନ କରିଥିଲେ। ସାଧାରଣ ନିର୍ବାଚନ ସମୟରେ ବିଜେଡିକୁ ସହଯୋଗ କରୁଥିବା ଅଭିଯୋଗରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ସୁଜାତାଙ୍କୁ ମିଶନ ଶକ୍ତି ସଚିବ ପଦରୁ ହଟାଇ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଥିଲା।


ବିଧାନସଭା ପରିସରରେ ସମ୍ବିଧାନ ଦିବସ ଅବସରରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବିଧାନର ମୁଖବନ୍ଧ ପାଠ କରୁଛନ୍ତି।

# ଭାରତ ଓ ମାଲଡୋଭା ମଧ୍ୟରେ ଶିକ୍ଷା ଓ ଗବେଷଣା ସହଯୋଗ ସୁଗମ ହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୬।୧୧
(ସୁନିତ୍ ମିଶ୍ର)



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ମାଲଡୋଭାର ଶିକ୍ଷା ଏବଂ ଗବେଷଣା ମନ୍ତ୍ରୀ ଡାନ୍ ପର୍ସିୟୁନ୍ ଏବଂ ରାଷ୍ଟ୍ରଦୂତ ଆନା ଟବାନଙ୍କୁ ସାକ୍ଷାତ ଆଲୋଚନା କରିଛନ୍ତି। ଏହି ଆଲୋଚନା କାଳରେ ଉଭୟ ଦେଶର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ଶୈକ୍ଷିକ ଏବଂ ଗବେଷଣା ସହଯୋଗକୁ ସୁଗମ କରିବା ଉପରେ ଫଳପ୍ରଦ ଆଲୋଚନା ହୋଇଛି। ବୈଠକ ସମୟରେ ଧର୍ମେନ୍ଦ୍ର ଜାତୀୟ ଶିକ୍ଷାନୀତି ଉପରେ ଚର୍ଚ୍ଚା କରିବା ସହ ଭାରତର ଶିକ୍ଷାକୁ ଅନ୍ତର୍ଜାତୀୟକରଣ ପାଇଁ ହେଉଥିବା ଉଦ୍ୟମ ସମ୍ପର୍କରେ ସୂଚନା ଦେଇଛନ୍ତି। ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ଭାରତ ନୂଆ ଠିକଣା ହୋଇଛି। ମାଲଡୋଭା ଓ ଭାରତର ଛାତ୍ରୀଛାତ୍ର, ଅଧ୍ୟାପକ, ଗବେଷକ, ଉଦ୍ଭାବକ ଏବଂ କର୍ମଚାରୀଙ୍କ ପାଇଁ ନୂତନ ସୁଯୋଗ ଅନ୍ୱେଷଣ କରିବା ପାଇଁ ସହଯୋଗ ଓ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ଉପରେ ଉଭୟେ ମନ୍ତ୍ରୀ ଆଲୋଚନା କରିଛନ୍ତି।

# ସମ୍ବିଧାନ ଆମ ଦେଶର ମାର୍ଗଦର୍ଶକ: ମୁଖ୍ୟମନ୍ତ୍ରୀ

### ଏଜି ଛକରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଲେ ମୋହନ ମାଝୀ

ଭୁବନେଶ୍ୱର, ୨୬।୧୧
(ସୁନିତ୍ ମିଶ୍ର)

ଦେଶବ୍ୟାପୀ ମଙ୍ଗଳବାର ସମ୍ବିଧାନ ଦିବସ ପାଳନ କରାଯାଇଛି। ଏହି ଅବସରରେ ରାଜଧାନୀ ସ୍ଥିତ ଏଜି ଛକଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ସମ୍ବିଧାନ ହେଉଛି ଆମ ସ୍ୱାଧୀନ ଭାରତର ପୁଣ୍ୟ ଗ୍ରନ୍ଥ ଏବଂ ଦେଶର ମାର୍ଗଦର୍ଶକ। ଏହା ଦେଶର ସବୁ ଆଇନକାନୁନ, ବିଧି ବ୍ୟବସ୍ଥାର ମୁଖ୍ୟସ୍ରୋତ। ସମ୍ବିଧାନର ମୂଲ୍ୟବୋଧ ପ୍ରତି ସଚେତନ ରହି ସବୁ ନାଗରିକ ନିଜ ନିଜର ମୌଳିକ କର୍ତ୍ତବ୍ୟ ପାଳନ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ମନ୍ତ୍ରିମଣ୍ଡଳର ଉପସ୍ଥିତ ସଦସ୍ୟମାନେ ପ୍ରଥମେ ସମ୍ବିଧାନ ଚିଠା ପ୍ରସ୍ତୁତ କମିଟିର ଅଧ୍ୟକ୍ଷ ବାବା ସାହେବ ଭୀମ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ପ୍ରଦାନକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବିଧାନର ମୁଖବନ୍ଧକୁ ପାଠ କରାଇଛନ୍ତି। ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ସମ୍ବିଧାନ ସଭାର ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ, ସମ୍ବିଧାନ ଚିଠା ପ୍ରସ୍ତୁତକାରୀ କମିଟିର ଅଧ୍ୟକ୍ଷ ଡ. ବାବା ସାହେବ ଆମ୍ବେଦକର ଓ କମିଟିର ସମସ୍ତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସମ୍ବିଧାନ ଆମ ପାଇଁ ଏକ ଆଶୀର୍ବାଦ। ଏହା ଜାତି–ଧର୍ମ, ଧନୀ– ଗରିବ, ପୁରୁଷ–ନାରୀ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ଦେଇଛି। ତେଣୁ ଆମେ ଆମ ସମ୍ବିଧାନ ନିର୍ମାତାମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ଉଚିତ। ସମ୍ବିଧାନ ଆମ ଦେଶର ଏକତା ଓ ଅଖଣ୍ଡତାର ମୂଳ ସ୍ରୋତ। ସେଥିପାଇଁ ଆମ ସମସ୍ତଙ୍କୁ ସମ୍ବିଧାନରେ ଥିବା ମୌଳିକ କର୍ତ୍ତବ୍ୟଗୁଡ଼ିକ ପାଳନକରିବା ଆବଶ୍ୟକ। ଦେଶର ସାର୍ବଭୌମତ୍ୱ, ଏକତା ଓ ସଂହତି ପ୍ରତି ଆମେ ପ୍ରତି ମୁହୂର୍ତ୍ତରେ ସଚେତନ ରହିବା ଆବଶ୍ୟକ। ଆମ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ମଧ୍ୟ ସମ୍ମାନ ପ୍ରଦର୍ଶନ କରିବା ଆବଶ୍ୟକ। ଦେଶର ଐତିହ୍ୟର ସୁରକ୍ଷା ପାଇଁ ମଧ୍ୟ ଦାୟିତ୍ୱବାନ ହୋଇ କାମ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

ଏହା ପରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏଜିଛକଠାରୁ କ୍ୟାପିଟାଲ ହସ୍ପିଟାଲ ପର୍ଯ୍ୟନ୍ତ ପ୍ରାୟ ୧ ହଜାରରୁ ଅଧିକ ଲୋକ ଏକ ପଦଯାତ୍ରାରେ ଯାଇଛନ୍ତି। ପଦଯାତ୍ରାରେ ‘ଆମ ସମ୍ବିଧାନ ଆମ ସ୍ୱାଭିମାନ’ ଧ୍ୱନି ଦେଇ ସମସ୍ତେ ଉତ୍ସାହର ସହ ଯାଇଛନ୍ତି। କ୍ୟାପିଟାଲ ହସ୍ପିଟାଲରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀଗଣ ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମା, ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ, ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ, କ୍ରୀଡ଼ାବିତ୍, ଛାତ୍ରୀଛାତ୍ର ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଏହି ଅବସରରେ ପଥପ୍ରାନ୍ତ ନାଟକ ଓ ଅନ୍ୟାନ୍ୟ ସଚେତନତା ଧର୍ମୀ କାର୍ଯ୍ୟକ୍ରମ କରିଥିଲେ।

### ଆମ୍ବଟାକୁଆ ଜାଉ ଖାଇ ଗୁରୁତର ହେବା ଘଟଣା

# ଏସ୍‌ସିବିରୁ ଡିସ୍‌ଚାର୍ଜ ହେଲେ ଟୁନି ମାଝୀ

କଟକ, ୨୬।୧୧
(ଶିଲ୍ପା ପ୍ରିୟଦର୍ଶିନୀ)

ଆମ୍ବଟାକୁଆ ଜାଉ ଖାଇ ଗୁରୁତର ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଗଦାପୁର ପଞ୍ଚାୟତ ଅନ୍ତର୍ଗତ ମାଣ୍ଡିପଙ୍କା ଗ୍ରାମର ଟୁନି ମାଝୀଙ୍କୁ ମଙ୍ଗଳବାର ଡିସ୍‌ଚାର୍ଜ କରାଯାଇଛି। ସେ ୨୦ରୁ ଅଧିକ ଦିନ ହେବ ଚିକିତ୍ସିତ ହୋଇ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଏକ ଡାକ୍ତରୀ ଟିମ୍ ତାଙ୍କୁ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଅପରାହ୍ନରେ ତାଙ୍କ ଗ୍ରାମକୁ ପଠାଇ ଦେଇଛନ୍ତି। ଏନେଇ ଭେଷଜ ବିଭାଗ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା କହିଛନ୍ତି, ଆମ୍ବଟାକୁଆ ଜାଉ ଖାଇ ଗୁରୁତର ହେବା ପରେ ମାଣ୍ଡିପଙ୍କା ଗ୍ରାମର ଟୁନି ମାଝୀ ଓ ଜିତା ମାଝୀଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ଲିଭର, କିଡ୍‌ନୀ, ମସ୍ତିଷ୍କ ଓ ଫୁସ୍‌ଫୁସ୍ ସମସ୍ୟା ରହିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଜିତାଙ୍କ ମୃତ୍ୟୁ ଘଟିଥିଲା। ହେଲେ ଟୁନିଙ୍କ ଲିଭର ଓ କିଡ୍‌ନୀ ଠିକ୍ ଭାବେ କାମ କରୁଛି। ଏବେ ସେ ବିପଦମୁକ୍ତ ଅଛନ୍ତି। ତାଙ୍କୁ ଔଷଧ ଖାଇବା ସହ ଶରୀରର ଯତ୍ନ ନେବାକୁ ପରାମର୍ଶ ଦିଆଯାଇଛି। ଏଥିସହ ୧୫ ଦିନ ପରେ ଏସ୍‌ସିବି କିମ୍ବା ଏମ୍‌କେସିଜି ମେଡିକାଲରେ ସମସ୍ତ ପରୀକ୍ଷା କରାଇବାକୁ କୁହାଯାଇଛି। ଅପରପକ୍ଷରେ ଉତ୍ତମ ଚିକିତ୍ସା ଯୋଗାଇ ଦିଆଯାଇଥିବାରୁ ରାଜ୍ୟ ସରକାର ଓ ଏସ୍‌ସିବି ମେଡିକାଲ ଡାକ୍ତରଙ୍କୁ ଟୁନି ଧନ୍ୟବାଦ ଜଣାଇଛନ୍ତି। ଏଭଳି ଆମ୍ବ ଟାକୁଆ ନ ଖାଇବାକୁ ସେ ନିଜ ଅଞ୍ଚଳବାସୀଙ୍କୁ ସଚେତନ କରାଇବେ ବୋଲି କହିଛନ୍ତି।

# ‘ସମ୍ବିଧାନ ସ୍ୱାଧୀନ ଭାରତର ପୁଣ୍ୟ ଗ୍ରନ୍ଥ’


ରାଜ୍ୟ ପୋଲିସ ମୁଖ୍ୟାଳୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଦୟାଲ ଗଙ୍ଗୱାର ଅଧିକାରୀ ଓ କର୍ମଚାରୀଙ୍କୁ ଶପଥପାଠ କରାଉଛନ୍ତି।

### ରାଜ୍ୟ ପୋଲିସ ମୁଖ୍ୟାଳୟରେ ଶପଥ ପାଠ

କଟକ, ୨୬।୧୧ (କାର୍ତ୍ତିକ ସାହୁ)

ସମ୍ବିଧାନ ଦିବସ ଅବସରରେ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଶପଥ ପାଠ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ମୁଖ୍ୟାଳୟ) ଦୟାଲ ଗଙ୍ଗୱାର ଯୋଗଦେଇ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଛନ୍ତି। ସମ୍ବିଧାନ ହେଉଛି ଆମ ସ୍ୱାଧୀନ ଭାରତର ପୁଣ୍ୟ ଗ୍ରନ୍ଥ। ଦେଶର ମାର୍ଗ ଦର୍ଶକ। ଦେଶର ସବୁ ଆଇନ୍‌କାନୁନ, ବିଧି ବ୍ୟବସ୍ଥାର ମୁଖ୍ୟ ସ୍ରୋତ। ତେଣୁ ସମ୍ବିଧାନର ମୂଲ୍ୟବୋଧ ପ୍ରତି ସଚେତନ ରହି ସବୁ ନାଗରିକ ନିଜର ମୌଳିକ କର୍ତ୍ତବ୍ୟ ପାଳନ କରିବାକୁ ଗଙ୍ଗୱାର ଆହ୍ୱାନ ଦେଇଛନ୍ତି। ସେହିପରି ଆମ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ଦେବା ଆବଶ୍ୟକ। ଦେଶର ଐତିହ୍ୟର ସୁରକ୍ଷା ପାଇଁ ଦାୟିତ୍ୱବାନ ହୋଇ କାମ କରିବା ଆବଶ୍ୟକ। ସମ୍ବିଧାନ ଆମ ଦେଶର ଏକତା ଓ ଅଖଣ୍ଡତାର ମୂଳ ସ୍ରୋତ। ସେଥିପାଇଁ ଆମ ସମସ୍ତଙ୍କୁ ସମ୍ବିଧାନରେ ଥିବା ମୌଳିକ କର୍ତ୍ତବ୍ୟଗୁଡ଼ିକୁ ପାଳନ କରିବା ଆବଶ୍ୟକ। ଦେଶର ସାର୍ବଭୌମତ୍ୱ, ଏକତା ଓ ସଂହତି ପ୍ରତି ଆମେ ପ୍ରତି ମୁହୂର୍ତ୍ତରେ ସଚେତନ ରହିବା ଆବଶ୍ୟକ ବୋଲି ସମସ୍ତ କର୍ମଚାରୀ ଶପଥ ପାଠ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏଆଇଜି (ପ୍ରୋଭିଜନିଂ) ବାମଦେବ ସିଂଙ୍କ ସମେତ ପୋଲିସ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ, ସମସ୍ତ ସଂସ୍ଥାର ଅଧିକାରୀ, ଉପବିଭାଗ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ୩୦ରୁ ବଢ଼ିବ ତାପମାତ୍ରା

ଭୁବନେଶ୍ୱର,୨୬।୧୧(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ହେଲା ଶୀତର ଲହରି ଜାରି ରହିଥିବାବେଳେ ସୁନ୍ଦରଗଡ଼ ଓ କନ୍ଧମାଳ ଆଦି ଜିଲାରେ ଗଭୀର କୁହୁଡ଼ି ଦେଖିବାକୁ ମିଳୁଛି। ସେହିପରି କଳାହାଣ୍ଡି ସମେତ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣ କୁହୁଡ଼ିର ଆସ୍ତରଣ ରହୁଛି। ତେବେ ନଭେମ୍ବର ୩୦ରୁ ଡିସେମ୍ବର ପହିଲା ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ ବଢ଼ିପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ଜନସାଧାରଣଙ୍କୁ ନିବେଦନ

ମେସର୍ସ ରାଗାଟ୍ରେଡକନ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଜନସାଧାରଣଙ୍କୁ ଘୋଷଣା କରାଯାଇଛି ଯେ, ସୁନ୍ଦରଗଡ଼ ଜିଲ୍ଲାର ତହସିଲ: କୋଇଡ଼ା, ଗ୍ରାମ: ବଲଡିହି ଓ ସଣୁଆ, ତହସିଲ: କୋଇଡ଼ାଠାରେ ୧ ଏମ୍‌ଟିପିଏ ଲୁହାପଥର ଉତ୍ପାଦନ ନିମନ୍ତେ ୭୪.୩୭୦ ହେକ୍ଟର ଅଞ୍ଚଳରେ ନେତ୍ର ବନ୍ଧ ପାହାଡ଼ (ପଶ୍ଚିମ)ର ପରିବେଶ ମଞ୍ଜୁରୀ ରାଜ୍ୟ ପରିବେଶ ଆକଳନ କର୍ତ୍ତୃପକ୍ଷ ଇସି ପରିଚୟ ନମ୍ବର EC24B0000OR5521001N, ଫାଇଲ ନଂ. 462515/07–ମିନ୍/୦୨–୨୦୨୪ ଜରିଆରେ ପ୍ରଦାନ କରିଛନ୍ତି। ତାରିଖ: 18.11.2022, ଯାହା Parivesh.nic.inରେ ଉପଲବ୍ଧ।
ପ୍ରକଳ୍ପ ପ୍ରବକ୍ତା ରାଜ୍ୟ ପରିବେଶ ମୂଲ୍ୟାୟନ କର୍ତ୍ତୃପକ୍ଷ, ରାଜ୍ୟସ୍ତରୀୟ ପରିବେଶ ମୂଲ୍ୟାଙ୍କନ କମିଟି ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଏବଂ ସମ୍ପୃକ୍ତ ଅନ୍ୟ ସମସ୍ତ ବ୍ୟକ୍ତିଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଭୁବନେଶ୍ୱର ପାହାଳ ରେ ମେଡିସିନ ଗୋଦାମ ପାଇଁ TATA ACE COMMERCIAL Licence ଥିବା Driver, private Mahindra XYLO, XUV Driver ଦରକାର। ଏଥିପାଇଁ ୨ ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ । ଉପଯୁକ୍ତ ଦରମା ସହିତ ରହିବା ପାଇଁ ମଧ୍ୟ ସୁବିଧା ରହିଛି। ଯୋଗାଯୋଗ –
6370953002
6370953001

WANTED
LADY OFFICE ASSISTANT
Age upto 30 year. ଖାଇବା + ରହିବା ସହ Salary 10,000/-.
Phulanakhara, Cuttack.
Contact: 7809525452

WANTED FOR A PHARMACEUTICAL UNIT IN ODISHA
1. **Quality Assurance-cum-Regulatory Affairs Officer:** The candidate must have minimum 3 years experience as QA Officer. Should be able to face ISO & GMP Audit Inspections. Must have knowledge to prepare documents for regulatory authorities.
2. **Quality Control Officer:** The candidate must be able to handle sophisticated equipment like HPLC etc. and conduct tests independently as per different pharmacopoeia's. He should have minimum 5 years experience as QC Officer.
*Please apply with confidence to email:*
consultant4466@gmail.com within 15 days intimating expected salary.

JPSS PVT. LTD.
REQUIRE DATA ENTRY OPERATOR & FIELDS STAFF
Interested candidates can send the resume to this
Whatsapp No.: 7855982241
& Mail ID:
interviewforjpss@gmail.com

REQUIRED
MARKETING EXECUTIVES
ONLY OFFICES VISIT FOR GODREJ INTERIO.
M/S ARCHANA TRADERS
Tankapani Road, Bhubaneswar
Contact : 9437104943

STAR MANAGEMENT COLLEGE
Govt. of Odisha Recognised Under Utkal University
Required urgently **Telecaller** (15Nos), **Faculty** - Pol.Sc, Logic, Psy., Biology, Physics, Chemistry, Math. (10Post). **Marketing Manager** (4Nos), **Peon** (4Nos), **Driver** (2Nos) & **Admin.** (2Nos) (Experience in Education Institutions).
167, Forest Park, Bhubaneswar, Mail id - starmgtcollege@gmail.com
Contact: 7077263799, 9853489329, 9861444447, 9937337659




# ପଡ଼ୋଶୀଙ୍କ ଗୁହାଳରେ ଝୁଲି ପଡ଼ିଲେ ବୃଦ୍ଧ ବାପା

### ବୋହୂ, ପୁଅଙ୍କ ନିର୍ଯ୍ୟାତନା ସୀମା ଟପିଲା

### ମୁଖାଗ୍ନି ଦେଲେ, ସତ୍କାର କଲେ ଗ୍ରାମବାସୀ

ଭୋଗରାଇ, ୨୬।୧୧
(ପ୍ରଦୀପ ଦାସ)

ବହୁ ଦୁଃଖ କଷ୍ଟ ସହି ଦୁଇ ପୁଅଙ୍କୁ ବଡ଼ କରିଥିଲେ। ଭାବିଥିଲେ ପରିଣତ ବୟସରେ ସାହାରା ହେବେ। ହେଲେ ସେ ଅଲୋଡ଼ା ହୋଇଗଲେ। ବୋହୂ, ପୁଅଙ୍କ ନିର୍ଯାତନା ସହି ନ ପାରି ଶେଷରେ ୭୨ବର୍ଷୀୟ ବୃଦ୍ଧ ବାପା ପଡୋଶୀଙ୍କ ଗୁହାଳରେ ବେକରେ ରଶି ଲଗାଇ ଝୁଲିପଡିଲେ। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଚଣ୍ଡିପୁର ଗ୍ରାମରେ। ମୃତ ବୃଦ୍ଧ ହେଲେ ନିରଞ୍ଜନ କର। ମୃତଦେହ ନିକଟରୁ ଏକ ସୁଇସାଇଡ ନୋଟ୍ ଜବତ ହୋଇଛି। ଏଥିରେ ୧୦ଡିସମିଲ ଜାଗା ଗ୍ରାମବାସୀଙ୍କୁ ଦାନ କରିଥିବା ଉଲ୍ଲେଖ କରିଛନ୍ତି। ମୃତ୍ୟୁପରେ ସାନ ପୁଅ ବୋହୂ ମୃତଦେହ ଛୁଇଁବେ ନାହିଁ କିମ୍ବା ସତ୍କାର କରିବେ ନାହିଁ। ଗ୍ରାମବାସୀ ମୁଖାଗ୍ନି ଦେବା ସହ ମୃତଦେହ ସତ୍କାର କରିବା ପାଇଁ ଉକ୍ତ ସୁଇସାଇଡ୍ ନୋଟରେ ଲେଖାଯାଇଛି। ଭୋଗରାଇ ପୋଲିସ ପହଞ୍ଚି ପଡୋଶୀ ଅରୁଣ କୁମାର ମହାନ୍ତିଙ୍କ ଗୁହାଳ ଘରୁ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ଏଥିସହିତ ୫ବର୍ଷ ଧରି ଏକୁଟିଆ ରହୁଥିବା ଏକ କୁଡ଼ିଆରେ ତକିଆ ତଳୁ ୨୩ହଜାର ୪୨୦ଟଙ୍କା ଉଦ୍ଧାର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩୫/୨୪) ରୁଜୁ ହୋଇଛି। ସୂଚନା ଅନୁଯାୟୀ, କୌଣସି ରୋଗରେ ସ୍ତ୍ରୀ ଆଖିବୁଜିବା ପରେ ନିରଞ୍ଜନ ପୁଅ, ବୋହୂଙ୍କ ପାଖରେ ରହୁଥିଲେ। ବଡପୁଅ ରାଜେଶ ୨୦୧୯ରୁ ନିଖୋଜ ହୋଇଯିବା ପରେ ତାଙ୍କ ସ୍ତ୍ରୀ କୌଶଲ୍ୟା ବାପଘରକୁ ପଳାଇ ଯାଇଥିଲେ। ନିରଞ୍ଜନ ସାନପୁଅ ସୁରେଶ ଓ ବୋହୂଙ୍କ ପାଖରେ ରହିଆସୁଥିଲେ। ଦିନକୁ ଦିନ ସାନ ପୁଅ, ବୋହୂଙ୍କ ଅତ୍ୟାଚାର ବଢିଚାଲିଲା। ବୃଦ୍ଧ ବାପାଙ୍କୁ ମାଡ଼ ମାରି ଘରୁ ବାହାର କରିଦେଇଥିଲେ। ନିରଞ୍ଜନ ଅନ୍ୟ ଏକ କୁଡ଼ିଆରେ ରହି ପଡୋଶୀଙ୍କ ଘରୁ ଖାଦ୍ୟ ସଂଗ୍ରହ କରି ଜୀବନ ବଞ୍ଚାଉଥିଲେ। ଶେଷରେ ଅତିଷ୍ଠ ହୋଇ ଆତ୍ମହତ୍ୟା ଭଳି ଚରମ ପନ୍ଥା ବାଛିନେଲେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୃଦ୍ଧଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ଆତ୍ମୀୟ ସ୍ୱଜନଙ୍କୁ ହସ୍ତାନ୍ତର କରାଯାଇଛି। ଗ୍ରାମବାସୀ ଓ ଆତ୍ମୀୟସ୍ୱଜନମାନେ ମିଳିତ ହୋଇ ଗାଁ ଶ୍ମଶାନରେ ବୃଦ୍ଧଙ୍କ ମୃତଦେହ ଦାହ କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୬।୧୧।୨୦୨୪

| | |
|---|---|
| ୪,୨୩,୭୮୧ ଟଙ୍କା | |
| ସୁନା | ୪.୨୦୦ ଗ୍ରାମ୍ |
| ରୁପା | ୧୦୫.୩୫୦ ଗ୍ରାମ୍ |

# ଡିସେମ୍ବର ୪ରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ରାଷ୍ଟ୍ରପତି

- ସକାଳ ୮ଟା ୪୫ରୁ ପ୍ରସ୍ଥାନ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ
- ଗୋପାଳବଲ୍ଲଭ ନୀତି ହେବନି, ଭିତର ଗୁମୁଟରେ ରହିବେନି ସେବାୟତ

ପୁରୀ,୨୬।୧୧(ଅଜିତ୍ କୁମାର ମହାନ୍ତି)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଡିସେମ୍ବର ୪ରେ ପୁରୀ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ଏହାକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସନ୍ଧ୍ୟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଛତିଶା ନିଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଷ୍ଟ୍ରପତିଙ୍କ ଶ୍ରୀମନ୍ଦିର ଗସ୍ତ ସହ ଉକ୍ତ ଦିନର ନୀତିନିର୍ଘଣ୍ଟ ଚୂଡ଼ାନ୍ତ କରାଯାଇଛି। ସେହିପରି ଶ୍ରୀମନ୍ଦିର ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ମଧ୍ୟ ଆଲୋଚନା ହୋଇଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଅଧ୍ୟକ୍ଷତା କରିଥିବାବେଳେ ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲ, ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସମେତ ବିଭିନ୍ନ ନିଯୋଗର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।



ଛତିଶା ନିଯୋଗ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏବଂ ଅନ୍ୟମାନେ।

ବୈଠକ ପରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସ୍ୱାଇଁ ସୂଚନା ଦେଇ କହିଛନ୍ତି, ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ବୈଠକରେ ଅନୁମୋଦିତ ହୋଇଥିବା ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଅନୁଯାୟୀ ଡିସେମ୍ବର ୪ତାରିଖ ଭୋର ୫ଟାରେ ଦ୍ୱାରଫିଟା ନୀତି ଅନୁଷ୍ଠିତ ହେବ। ୫ଟା ୩୦ରେ ଭିତରଶୋଧ ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ। ସକାଳ ୮ଟା ୩୦ରେ ବେଶ ସରିବ। ପୂର୍ବାହ୍ନ ୧୦ଟା ୧୫ରୁ ୧୦ଟା ୪୦ ମଧ୍ୟରେ ଶ୍ରୀମନ୍ଦିର ଗର୍ଭଗୃହରେ ମହାପ୍ରଭୁଙ୍କ ଦର୍ଶନ କରିବେ ରାଷ୍ଟ୍ରପତି। ଏହି ଗସ୍ତ ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ତେଣୁ ବେଶ ସମ୍ପନ୍ନ ହେବା ପରେ ସକାଳ ୮ଟା ୪୫ ସୁଦ୍ଧା ଶ୍ରୀମନ୍ଦିରକୁ ଶୋଧ କରାଯିବା ସହ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯିବ। ରାଷ୍ଟ୍ରପତି ଦର୍ଶନ ସାରି ଫେରିବା ପରେ ପୁନର୍ବାର ଦର୍ଶନ ଆରମ୍ଭ ହେବା ସହ ଅନ୍ୟାନ୍ୟ ନୀତିକାନ୍ତି ଚାଲିବ। ରାଷ୍ଟ୍ରପତିଙ୍କ ସହିତ କେବଳ ଅଧିକୃତ ପାଳିଆ ସେବାୟତ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିପାରିବେ।

ସେହିପରି ସୁଆର ମହାସୁଆର ନିଯୋଗର ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ଉକ୍ତ ଦିନ ଭୋର ୫ଟାରେ ଦ୍ୱାର ଫିଟାଯାଇ ନୀତି କରାଯିବ। ତେବେ ମହାପ୍ରଭୁଙ୍କ ଗୋପାଳବଲ୍ଲଭ ନୀତି କରାଯିବ ନାହିଁ। ଗୋପାଳବଲ୍ଲଭ ସମୟରେ ଦ୍ୱାର ବନ୍ଦ ରହିଥାଏ। ତେଣୁ ବେଶ କରାଯାଇ ନୀତିକୁ ବନ୍ଦ କରାଯିବ। ରାଷ୍ଟ୍ରପତିଙ୍କ ଦର୍ଶନ ପରେ ପୁନର୍ବାର ନୀତି ଆରମ୍ଭ ହେବ। ଭିତର ଗୁମୁଟ ଭିତରେ କେହି ସେବାୟତ ରହିବେ ନାହିଁ। ଭିତର କାଠ ନିକଟରେ ଅଧିକ ପ୍ରତିହାରୀ ସେବକ ରହିବେ ଓ ସେମାନେ କୌଣସି ସେବାୟତଙ୍କୁ ଭିତରକୁ ଛାଡ଼ିବେ ନାହିଁ। ମହାପ୍ରସାଦ ପ୍ରସ୍ତୁତି ପାଇଁ ସୁପକାରମାନଙ୍କୁ ରୋଷଶାଳା ଯିବା ନେଇ ଆଲୋଚନା ହୋଇଛି। ସମସ୍ତ ସେବାୟତ ଦକ୍ଷିଣ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିବେ। ତେବେ ରାଷ୍ଟ୍ରପତି ମହାପ୍ରସାଦ ସେବନ କରିବେ କି ନାହିଁ ସେ ନେଇ କୌଣସି ସୂଚନା କି ଖବର ମିଳିନାହିଁ ବୋଲି ମହାସୁଆର କହିଛନ୍ତି। ବରିଷ୍ଠ ସେବାୟତ ଗୌରହରି ପ୍ରଧାନ କହିଛନ୍ତି, ରାଷ୍ଟ୍ରପତିଙ୍କ ଗସ୍ତ ନେଇ ଛତିଶା ନିଯୋଗ ପକ୍ଷରୁ ସମସ୍ତ ସହଯୋଗ କରାଯିବ। ଯେଉଁମାନେ ଅନୁମତି ପାଇଥିବେ, ସେମାନଙ୍କ ସମେତ କୌଳିକ ପଣ୍ଡା ରାଷ୍ଟ୍ରପତିଙ୍କ ସାଥିରେ ଶ୍ରୀମନ୍ଦିରକୁ ପ୍ରବେଶ କରିବେ ବୋଲି ପ୍ରଧାନ ସୂଚନା ଦେଇଛନ୍ତି।

# ରତ୍ନଭଣ୍ଡାର ମରାମତି ନେଇ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ ହେବ

ପୁରୀ,୨୬।୧୧(ଅଜିତ୍ କୁମାର ମହାନ୍ତି)

ରତ୍ନଭଣ୍ଡାର ସର୍ଭେ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହେବା ପରେ ରତ୍ନଭଣ୍ଡାର ମରାମତି ପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଏ ନେଇ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ରତ୍ନଭଣ୍ଡାରର ଲେଜର ସ୍କାନିଂ ଏବଂ ଜିପିଆର ସର୍ଭେ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହୋଇଥିଲା। ତେଣୁ ସର୍ଭେ ରିପୋର୍ଟ ସମ୍ପର୍କରେ ଛତିଶା ନିଯୋଗକୁ ଅବଗତ କରାଯାଇଛି। ରତ୍ନଭଣ୍ଡାର ମରାମତି ସମୟରେ ଠାକୁରଙ୍କ ନୀତିକାନ୍ତି ଓ ଭକ୍ତଙ୍କ ଦର୍ଶନରେ ଯେଉଁଭଳି କୌଣସି ଅସୁବିଧା ନ ହେବ ତା'କୁ ବିଶେଷ ଗୁରୁତ୍ୱ ଦିଆଯିବ। ତେବେ କେଉଁ ସମୟରେ ରତ୍ନଭଣ୍ଡାର ମରାମତି ହେବ ଓ କେତେ ସମୟ ଧରି ମରାମତି କାର୍ଯ୍ୟ ଚାଲିବ ସେନେଇ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରାଯିବ। ଏଥିପାଇଁ ଶ୍ରୀମନ୍ଦିର ନୀତି ପ୍ରଶାସକ ଓ କମାଣ୍ଡରଙ୍କୁ ନେଇ ଦୁଇଜଣିଆ କମିଟି ଗଠନ କରାଯାଇଛି। କମିଟି ଖସଡ଼ା ପ୍ରସ୍ତୁତି କରି ଶ୍ରୀମନ୍ଦିର ପ୍ରଶାସନକୁ ଦେବ। ଏହାପରେ ଶ୍ରୀମନ୍ଦିର ପ୍ରଶାସନ ଏନେଇ ଏଏସ୍‌ଆଇ ସହ ଆଲୋଚନା କରାଯାଇ କାର୍ଯ୍ୟ ଆରମ୍ଭ ହେବ। ଯଥାଶୀଘ୍ର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ଏଏସ୍‌ଆଇକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ବୋଲି ଜିଲାପାଳ ସ୍ୱାଇଁ କହିଛନ୍ତି। ତେବେ ରତ୍ନଭଣ୍ଡାର ମରାମତି ପାଇଁ ରାଜ୍ୟ ସରକାର ୫ କୋଟି ଟଙ୍କା ବ୍ୟୟ ବରାଦ କରିଥିବାରୁ ସେବାୟତମାନେ ଏହାକୁ ସ୍ୱାଗତ କରିଛନ୍ତି।

## ସଂକ୍ଷେପରେ

### ସମ୍ବିଧାନ ଦିବସରେ ଶପଥ ପାଠ

ପୁରୀ,୨୬।୧୧(ଅଜିତ୍ କୁମାର ମହାନ୍ତି)

ସମ୍ବିଧାନ ଦିବସ ଅବସରରେ ମଙ୍ଗଳବାର ଶପଥ ପାଠ କାର୍ଯ୍ୟକ୍ରମ ପୁରୀ ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଏହି ଶପଥ ପାଠ କରାଇବା ସହ ଆମ ମହାନ ସମ୍ବିଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ ରାଷ୍ଟ୍ର କରିବା ସହ ଏହା ସମସ୍ତ ନାଗରିକଙ୍କୁ ସାମାଜିକ ଆର୍ଥିକ ଏବଂ ରାଜନୈତିକ ନ୍ୟାୟ, ବିଚାର, ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଓ ଉପାସନାର ସ୍ୱତନ୍ତ୍ରତା ପ୍ରତିଷ୍ଠା କରିଛି। ପ୍ରତ୍ୟେକ ବ୍ୟକ୍ତିଙ୍କ ଗରିମା ଏବଂ ରାଷ୍ଟ୍ରର ଏକତା ଓ ଅଖଣ୍ଡତା ସୁନିଶ୍ଚିତ କରାଉଥିବା ଓ ଭ୍ରାତୃଭାବ ବଢାଇବା ପାଇଁ ଦୃଢ ସଂକଳ୍ପ ହୋଇ ଶପଥ ନେଉଛୁ ବୋଲି ସମସ୍ତେ ଶପଥ ପାଠ କରିଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଏଡିଏମ୍‌ଓ ଡା. ବିରଜା ଶଙ୍କର ରଥ, ଡେପୁଟି କଲେକ୍ଟର ସହଦେବ ସାହୁ, ପୋଲିସ ରିଜର୍ଭ ଇନ୍ସପେକ୍ଟର ଚିତ୍ତରଞ୍ଜନ ମହାନ୍ତି, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀଙ୍କ ସହ ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଶପଥ ପାଠ କରିଥିଲେ।

### ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

ସାକ୍ଷୀଗୋପାଳ,୨୬।୧୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ଦାଶବିଦ୍ୟାଧରପୁର ହରିଜନ ସାହିରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି କାର୍ତ୍ତିକ ମଲିକଙ୍କ ୨ବଖରା ଚାଳ ଘର ପୋଡ଼ିଯାଇଛି। ଲୋକେ ଏ ସମ୍ପର୍କରେ ସାକ୍ଷୀଗୋପାଳ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ଅଧିକାରୀ ଅଭୟ ଦାଶ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ।




ସମ୍ବିଧାନ ଦିବସ ଅବସରରେ ମଙ୍ଗଳବାର ବିଭିନ୍ନ ଦାବି ନେଇ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

# 'ଭକ୍ତଙ୍କଠାରୁ ପୋଲିସ ଟଙ୍କା ଆଦାୟ କରୁଛି'

**ଅଭିଯୋଗ ଆଣିଲେ ଶ୍ରୀମନ୍ଦିର ସେବାୟତ**

ପୁରୀ,୨୬।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଭକ୍ତଙ୍କଠାରୁ ପୋଲିସ ଟଙ୍କା ଆଦାୟ କରୁଥିବା ନେଇ ମଙ୍ଗଳବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଅଭିଯୋଗ ହୋଇଛି। ପୋଲିସ ଭକ୍ତଙ୍କଠାରୁ ଟଙ୍କା ନେଇ ଦର୍ଶନ କରିବାକୁ ଛାଡୁଛି ବୋଲି ବରିଷ୍ଠ ଦଇତାପତି ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର ଅଭିଯୋଗ କରିଛନ୍ତି। ଦାସ ମହାପାତ୍ର କହିଛନ୍ତି, ବହୁ ପ୍ରାଚୀନକାଳରୁ ଯାତ୍ରୀପଣ୍ଡା କରି ଚଳି ଆସୁଥିବା ସେବାୟତମାନଙ୍କ ପ୍ରତି ଅଣଦେଖା କରାଯାଉଛି। ପୋଲିସ ଖୁଲମଖୁଲା ଟଙ୍କା ଆଦାୟ କରୁଛି, ଯାହା ଦୁର୍ଭାଗ୍ୟଜନକ। ବାର୍ତ୍ତମାନ ଶ୍ରୀମନ୍ଦିର ଚାରିଦ୍ୱାର ଭକ୍ତଙ୍କ ପାଇଁ ଖୋଲାଯାଇଛି। ମାତ୍ର ପ୍ରତ୍ୟେକ ଦ୍ୱାରରେ ୩ଟି ରାସ୍ତା ହୋଇଛି କହିଲେ ଭୁଲ ହେବ ନାହିଁ। ଶ୍ରୀମନ୍ଦିର ବାହାରେ ଓଡ଼ିଶା ପୋଲିସ ଏବଂ ମନ୍ଦିର ଭିତରେ ଶ୍ରୀଜଗନ୍ନାଥ ମନ୍ଦିର ପୋଲିସ (ଜେଟିପି) ଭକ୍ତଙ୍କଠାରୁ ଟଙ୍କା ନେଇ ଛାଡୁଛନ୍ତି, କିନ୍ତୁ ସେବାୟତମାନେ ବଦନାମ ହେଉଛନ୍ତି। ବର୍ତ୍ତମାନ ଏଭଳି ପରିସ୍ଥିତି ହେଲାଣି ଯେ, ସେବାୟତମାନେ ପୋଲିସକୁ ଟଙ୍କା ଦେଇ ଭକ୍ତଙ୍କୁ ସାଥିରେ ଧରି ମନ୍ଦିର ଭିତରକୁ ଯାଉଛନ୍ତି। ଯାହା ସେବାୟତ କୂଳ ପାଇଁ ଲଜ୍ଜାର ବିଷୟ। ପୋଲିସ ଆଇ କାର୍ଡ ପକାଇ ଲୋକଙ୍କୁ ମନ୍ଦିରକୁ ନେଉଛି। ମାତ୍ର କେହି ସେବାୟତ ଯାତ୍ରୀଙ୍କୁ ନେଇ ଯିବା ବେଳେ ଛଡାଯାଉ ନାହିଁ। ଡିସେମ୍ବର ୨୫ତାରିଖ ମଧ୍ୟରେ ଏହି ସମସ୍ୟାର ସମାଧାନ କରା ନ ଗଲେ ସେବାୟତମାନେ ପ୍ରଶାସନକୁ ସହଯୋଗ କରିବେ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇ ବିହିତ ପଦକ୍ଷେପ ନିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୈଠକରେ ପ୍ରତିଶ୍ରୁତି ଦେଇଥିବା ଦାସ ମହାପାତ୍ର କହିଛନ୍ତି। ଶ୍ରୀମନ୍ଦିରରେ ଦର୍ଶନ ପାଇଁ ସାଧାରଣ ଭକ୍ତଙ୍କ ଠାରୁ ପୋଲିସର ଟଙ୍କା ଆଦାୟ ଘଟଣାକୁ ନେଇ ସେବାୟତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ

ଅସ୍ତରଙ୍ଗ,୨୬।୧୧(ମମତା ଜେନା)

ସଡ଼କ ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଶିକ୍ଷକ ଜଣଙ୍କ ହେଲେ କାକଟପୁର ବ୍ଲକ ଅନ୍ତର୍ଗତ ରାଏସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସଞ୍ଜୟ ନାୟକ(୫୩)। ଅସ୍ତରଙ୍ଗ ବ୍ଲକ୍‌ରେ ଏକ ମିଟିଂରେ ଯୋଗଦେଇ ଫେରିବା ବେଳେ ଏକ ଟାଟା ଏସିଇ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଚାରିଛକ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ କଟକ ମେଡିକାଲ୍ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ପାର୍ଥିବ ଶରୀର କାକଟପୁରରେ ପହଞ୍ଚିବା ପରେ ଶିକ୍ଷକ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ତାଙ୍କର ମୃତଦେହ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା।

# କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ମହୋଦଧି ଦିବସ ପୋଷ୍ଟର ଉନ୍ମୋଚିତ




କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମହୋଦଧି ଦିବସ ପୋଷ୍ଟର ଉନ୍ମୋଚନ କରୁଛନ୍ତି ।

ପୁରୀ,୨୬।୧୧(ଅଜିତ୍ କୁମାର ମହାନ୍ତି)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନଠାରେ ମହୋଦଧି ଦିବସର ଅଫିସିଆଲ୍ ପୋଷ୍ଟର ଉନ୍ମୋଚନ କରିଛନ୍ତି। ପୁରୀ ସ୍ୱର୍ଣ୍ଣାଭ ବେଳାଭୂମିରେ ଡିସେମ୍ବର ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ମହୋଦଧି ଦିବସ ପାଳନ କରାଯିବ। ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଙ୍ଗଠନ ସାମ୍ମୁଖ୍ୟ 'ଦି ବେଲ୍' ତରଫରୁ ଏହି ଦିବସ ଆୟୋଜନ କରାଯାଉଛି। ଏହି ଦିବସକୁ ଲୋକାଭିମୁଖୀ କରିବା ପାଇଁ ଅନ୍ତର୍ରାଷ୍ଟ୍ରୀୟ ବିଚ୍ ସ୍ପୋର୍ଟସ କାର୍ନିଭାଲ୍-୨୦୨୪ ଆୟୋଜନ ହେବ। ଏଥିପାଇଁ ଏହି ଦିବସର ଅଫିସିଆଲ୍ ପୋଷ୍ଟରକୁ କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କ ସହଧର୍ମିଣୀ ମୃଦୁଳା ପ୍ରଧାନ ତାଙ୍କ ନୂଆଦିଲ୍ଲୀ ତ୍ରିମୂର୍ତ୍ତି ମାର୍ଗସ୍ଥିତ ସରକାରୀ ବାସଭବନରେ ଉନ୍ମୋଚନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମହୋଦଧି ଉତ୍ସବ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜିତେନ୍ଦ୍ର ମହାପାତ୍ର, ପଣ୍ଡିତ ମହେଶ ସାହୁ, କୃଷ୍ଣଚନ୍ଦ୍ର ଦାଶ, ସତ୍ୟ ରଞ୍ଜନ ଦାଶ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମରେ ୧୦ଟି ରାଷ୍ଟ୍ରର ପ୍ରତିନିଧି ଯୋଗଦେବେ। ଇଣ୍ଡୋ-ଶ୍ରୀଲଙ୍କା ଲାଇଫ୍ ସେଭିଂ ସ୍ପୋର୍ଟସ୍ ଚାମ୍ପିୟନଶିପ୍‌ର ମୁଖ୍ୟ ଆକର୍ଷଣ ହେବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ସୂଚନା ଦେଇଛନ୍ତି।




୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଣ ସମେତ ଅନ୍ୟାନ୍ୟ ଦାବିରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ମଙ୍ଗଳବାର ପୁରୀ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ଚୋରା ଗାଡ଼ି ଧରିବାକୁ ଯାଇ ଜିଏସ୍‌ଟି ଅଧିକାରୀ ହଟହଟା

ଗୋପ,୨୬।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ପୁରୀ ଜିଲା ଜିଏସ୍‌ଟି ଡେପୁଟି କମିଶନର ଦାମୋଦର ପାତ୍ରଙ୍କ ସହ ଅତିରିକ୍ତ ଜିଲା ଜିଏସ୍‌ଟି ଅଧିକାରୀ ଲକ୍ଷ୍ମୀକାନ୍ତ ଜେନା ଓ ପ୍ରସନ୍ନଜିତ୍ ସେଠୀଙ୍କୁ ମଙ୍ଗଳବାର ମଧ୍ୟାହ୍ନରୁ ଗୋପଠାରେ ଗୋଟିଏ ଚୋରାଚାଲାଣ ହେଉଥିବା ଲୁହା ବୋଝେଇ ମିନିଟ୍ରକ୍ ଧରିବାକୁ ନେଇ ୩ ଘଣ୍ଟା ହଟହଟା ହେବାକୁ ପଡ଼ିଛି। ପରେ ସ୍ଥାନୀୟ ପୋଲିସ ପହଞ୍ଚିବା ପରେ କବାଡ଼ିଆଙ୍କଠାରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚାଲାଣ କଟାଯାଇଥିବା ଜଣାପଡ଼ିଛି।

ଜିଲା ଜିଏସ୍‌ଟି (ବାଣିଜ୍ୟକର) ଅଧିକାରୀ ଗୋପ ଆସିଥିବାବେଳେ ନାଗପୁର ଅଞ୍ଚଳର ଗୋଟିଏ ଡାଲି ମସଲା ସାମଗ୍ରୀ ନେଉଥିବା ଏକ ଗାଡ଼ିକୁ ଧରି ଫାଇନ୍ କାଟିଥିଲେ। ଏହି ସମୟରେ ଏକ କବାଡ଼ିଆ ଦୋକାନୀ ମିନିଟ୍ରକ୍‌ରେ ଚୋରା ଲୁହା ଜିନିଷ ଚାଲାଣ କରୁଥିବା ଖବର ଆସିଥିଲା। ଅଧିକାରୀ ଗୋପ ବଜାରରେ ପହଞ୍ଚିବା ପରେ ମିନିଟ୍ରକ୍ ଖସିଯିବାକୁ ଉଦ୍ୟମ କରି ସେଠାରୁ ପଳାଇଥିଲା। ଟ୍ରକ୍‌ଟି ଗୋପ-କୋଣାର୍କ ରାସ୍ତାର ବଣିଆସାହି ନିକଟ ଏକ ସିମେଣ୍ଟ ବିକ୍ରୟ କେନ୍ଦ୍ର ଆଡ଼କୁ ଯାଉଥିବାବେଳେ ରାସ୍ତା ଉପରେ ଅଧିକାରୀମାନେ ଜଗିରହିଥିଲେ। ଏହାପରେ ଫାଇନ୍ କାଟିବାକୁ ନେଇ କବାଡ଼ିଆ ଓ ଅଧିକାରୀଙ୍କ ମଧ୍ୟରେ ୩ ଘଣ୍ଟାରୁ ଅଧିକ ସମୟ ବାଦାନୁବାଦ ଲାଗିରହିଥିଲା। ସେଠାରେ ଲୋକଙ୍କ ଭିଡ଼ ହେବାରୁ ଜିଏସ୍‌ଟି ଅଧିକାରୀମାନେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡିହାରୀଙ୍କୁ ଖବର ଦେବାରୁ ସେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ଚାଲାଣ କଟାଯାଇଥିଲା। ତେବେ ଗୋପ ଅଞ୍ଚଳରେ ଅନେକ କବାଡ଼ିଆ ଦୋକାନରୁ ଚୋରାଚାଲାଣ ହେଉଥିବାବେଳେ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି କରାଯାଇଛି।

# ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ସହ କାଠ ଜବତ

**୩ ବେଆଇନ୍ କରତକଳରେ ଚଢ଼ାଉ**

ଅସ୍ତରଙ୍ଗ, ୨୬।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଅଞ୍ଚଳରେ ବେଆଇନ ଭାବେ କରତକଳ ଚାଲୁଥିବା ସାଧାରଣରେ ଅଭିଯୋଗ ହୋଇଆସୁଥିଲା। ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ଏବଂ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବିବେକ କୁମାରଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗ ଟିମ୍ ମଙ୍ଗଳବାର କୁହୁଡ଼ି ଛକଠାରେ ଥିବା ୩ଟି କରତ କଳରେ ଚଢାଉ କରିଛନ୍ତି। ସେଠାରୁ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ସହ ବହୁ ପରିମାଣର ମୂଲ୍ୟବାନ କାଠ ଜବତ କରାଯାଇଛି। ସମସ୍ତ ଜବତ ଯନ୍ତ୍ରାଂଶ ଅସ୍ତରଙ୍ଗ ବନାଞ୍ଚଳ ଅଧୀନ ପାଣିଛତ୍ର କାର୍ଯ୍ୟାଳୟ ପରିସରରେ ରଖାଯିବ ବୋଲି ସୂଚନା ମିଳିଛି। ଚଢାଉରେ ଭୁବନେଶ୍ୱର ଭିଜିଲାନ୍ସ ଏସିଏଫ୍ ସାଧନା ସ୍ୱାଇଁ, ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର, ବନପାଳ ବବୁଲ ମଲ୍ଲିକ, ମାନସ ବେହେରା, ଭିଜିଲାନ୍ସ ଟିମ୍‌ର ପ୍ରଦୀପ୍ତ ସେଠୀ, ଅଭିଜିତ ମହାନ୍ତିଙ୍କ ସମେତ ଭିଜିଲାନ୍ସ ଫୋର୍ସ, ବନବିଭାଗ ସ୍କ୍ୱାଡ୍, ଅସ୍ତରଙ୍ଗ ପୋଲିସ, ବିଦ୍ୟୁତ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ମଧ୍ୟ ଏଭଳି ଚଢାଉ ପ୍ରକ୍ରିୟା ଚାଲିବ ବୋଲି ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବିବେକ କୁମାର କହିଛନ୍ତି।

# ପୁସ୍ତକ ହିଁ ଜ୍ଞାନ ହାସଲର ସର୍ବୋତ୍କୃଷ୍ଟ ମାଧ୍ୟମ

**ସୁନାମଣି ଅଣ୍ଣୁ ପାଠାଗାରର ସ୍ମୃତି ସମାରୋହ**

ପୁରୀ,୨୬।୧୧(ଅଜିତ୍ କୁମାର ମହାନ୍ତି)

ସୁନାମଣି ଅଣ୍ଣୁ ପାଠାଗାର ପକ୍ଷରୁ ୟୁଥ୍ ହଷ୍ଟେଲ ପରିସରରେ ସୁନାମଣି ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ସାହିତ୍ୟିକ ଡ. ଲିଙ୍ଗରାଜ ରଥ, ପୁରୀ ବାର୍ ଆସୋସିଏଶନର ପୂର୍ବତନ ସଭାପତି ପୁଷ୍କର ମହାପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ରେଣୁକା ମିଶ୍ର, ମଞ୍ଚ କଳାକାର ପ୍ରଦୀପ୍ତ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁସ୍ତକ ଓ ପାଠାଗାରର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପୁସ୍ତକ ହିଁ ଶ୍ରେଷ୍ଠ ବନ୍ଧୁ ଓ ଜ୍ଞାନ ହାସଲର ସର୍ବୋତ୍କୃଷ୍ଟ ମାଧ୍ୟମ। ଯେଉଁଠି ପାଠାଗାରଟିଏ ଅଛି, ସେଠାରେ ଜ୍ଞାନର ଭଣ୍ଡାର ମହଜୁଦ ରହିଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ କବି ସୁଷମା ମହାନ୍ତି, ସାମାଜିକ କର୍ମୀ ପ୍ରସନ୍ନ ଦାଶ, ଜୟନ୍ତୀ ମହାପାତ୍ର, ଆଇନଜୀବୀ ସର୍ବାଣୀ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ କବି ପୌର୍ଣ୍ଣମାସୀ ଦେବୀ, ସାମ୍ବାଦିକ ସତ୍ୟନାରାୟଣ ରାଉତରାୟ, ବିକ୍ରମ କେଶରୀ ଆଚାର୍ଯ୍ୟ, ଅଜିତ କୁମାର ମହାନ୍ତି, ସୁଜିତ କୁମାର ମହାପାତ୍ର, ଦିବ୍ୟରଞ୍ଜନ ବିଶୋୟୀ, ନୃତ୍ୟଶିଳ୍ପୀ ଅନୁପ କୁମାର ଷଡ଼ଙ୍ଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଠାଗାର ପ୍ରତିଷ୍ଠାତା ତଥା ଗ୍ରନ୍ଥାଗାରିକ ଶିବସୁନ୍ଦର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସର୍ବାଣୀ ଦାସଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ପ୍ରାକ୍ତନ ଶିକ୍ଷୟିତ୍ରୀ କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ। ସ୍ମିତା ପୂଜାପଣ୍ଡା, ଜ୍ୟୋତି ଖୁଣ୍ଟିଆ, ଜୟରାମ ପୂଜାପଣ୍ଡା, ସୌଦାମିନୀ ତ୍ରିପାଠୀ, ଗୋପାଳ ପାତ୍ର, ଜିତୁ ଭୋଇ, ଜିତେନ୍ଦ୍ର ମହାପାତ୍ର, ଶାଶ୍ୱତୀ ମହାପାତ୍ର, ଭୂପତି ତ୍ରିପାଠୀ, ଆଶୀର୍ବାଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ସୁନାମଣି ଅଣ୍ଣୁ ପାଠାଗାରର ସ୍ମୃତି ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ ।

# 'ସ୍କନ୍ଦ ପୁରାଣରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ'

**ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ**

ପୁରୀ,୨୬।୧୧(ଅଜିତ୍ କୁମାର ମହାନ୍ତି)



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

କେନ୍ଦ୍ର ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସର ଆନୁକୂଲ୍ୟରେ ସ୍କନ୍ଦ ପୁରାଣରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଶୀର୍ଷକ ଦ୍ୱି-ଦିବସୀୟ ଜାତୀୟ ଆଲୋଚନାଚକ୍ର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ିଙ୍କ ତତ୍ତ୍ୱାବଧାନରେ ପରିସର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବ କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ଦେଇଥିଲେ। ଭିତ୍ତି ପ୍ରବକ୍ତା ଭାବେ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତିର ପ୍ରାକ୍ତନ କୁଳପତି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀର ସଂସ୍କୃତ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ହରେକୃଷ୍ଣ ଶତପଥୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତିର କୁଳପତି ପ୍ରଫେସର ଜି.ଏସ୍.ଆର୍. କ୍ରିଷ୍ଣମୂର୍ତ୍ତି ମଞ୍ଚାସୀନ ଥିଲେ। ସ୍ୱତନ୍ତ୍ର ଅତିଥିଭାବେ ରାଜେନ୍ଦ୍ର ନାରାୟଣ କୃଷି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳାଧିପତି ତଥା ପ୍ରଖ୍ୟାତ ସଂସ୍କୃତ ବାଗ୍ମୀ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦେଇ ସ୍କନ୍ଦ ପୁରାଣରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଆଙ୍ଗିକ ଓ ଆତ୍ମିକ ବିଭବ ଉପରେ ଆଲୋଚନା କରିଥିଲେ। ପରେ ବୈଷୟିକ ଅଧିବେଶନ ଆରମ୍ଭ ହୋଇଥିଲା। ଓଡ଼ିଶା ଏବଂ ଓଡ଼ିଶା ବାହାରୁ ଆସିଥିବା ଅଧ୍ୟାପିକା ଅଧ୍ୟାପକ ଏବଂ ଗବେଷିକା ଗବେଷକମାନେ ସେମାନଙ୍କ ସନ୍ଦର୍ଭ ପାଠ କରିଥିଲେ। ପ୍ରଫେସର ବସନ୍ତ କୁମାର ମିଶ୍ର, ପ୍ରଫେସର ସୀମାଞ୍ଚଳ ପଣ୍ଡା, ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, ଡ. ନୃସିଂହନାଥ ଗୁରୁ, ପ୍ରଫେସର ହରିହର ପଣ୍ଡା, ପ୍ରଫେସର ସି. ଲଳିତାରାଣୀ, ଡ. ପାରମିତା ପଣ୍ଡା, ଡ. ନିରଞ୍ଜନ ମିଶ୍ର, ଡ. ଭାରତ ଭୂଷଣ ରଥ ପ୍ରମୁଖ ଯୋଗଦେଇ ଆଲୋଚନା ଚକ୍ର ଶୀର୍ଷକର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଡ. ରୁଦ୍ରପ୍ରସାଦ ମିଶ୍ର ଏବଂ ଡ. ସୁବ୍ରତ କୁମାର ଷଡ଼ଙ୍ଗୀ ବୈଷୟିକ ଅଧିବେଶନର ସଂଯୋଜକ ଥିଲେ। ପ୍ରଫେସର ସୁଶାନ୍ତ କୁମାର ରାଜ୍ ଏବଂ ଯୁଗ୍ମ ସଂଯୋଜକ ଅଧ୍ୟାପକ ବିଶ୍ୱନାଥ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପରିସରର ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର ବିଜୟପାଲ୍ କଚ୍ଛୱା ଧନ୍ୟବାଦ ଦେଇଥିଲେ।

**ପରମେଶ୍ୱର ମୁଣ୍ଡ ପାଇବେ 'ସୁରେଶ ସୃଜନ ସମ୍ମାନ'**

ଭୁବନେଶ୍ୱର,(ସୌମ୍ୟରଞ୍ଜନ ରାଉତ): ସୁରେଶ ବଳବନ୍ତରାୟ ଫାଉଣ୍ଡେସନ ପକ୍ଷରୁ ଚଳିତବର୍ଷର 'ସୁରେଶ ସୃଜନ ସମ୍ମାନ' ଘୋଷଣା କରାଯାଇଛି। ଲୋକସଂସ୍କୃତି, ଲୋକନାଟ୍ୟ ଓ ଲୋକସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଧ୍ୟାପକ ପରମେଶ୍ୱର ମୁଣ୍ଡଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସେ ଏବେ ଭବାନୀପାଟଣା ଜେପିଏସ୍ ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟାପକ ଅଛନ୍ତି। ଡିସେମ୍ବର ୧ ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ରେଡକ୍ରସ ଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଫାଉଣ୍ଡେସନର ସମ୍ପାଦିକା ଅଧ୍ୟାପିକା ଡ. ଅନ୍ୟା ଅନୁରୂପା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଆଜି ଆସିପାରେ ଶୀତଦିନିଆ ହାତୀ ଗଣନା ରିପୋର୍ଟ

ଭୁବନେଶ୍ୱର, ୨୬।୧୧(ବନ୍ଦନା ସେଠୀ)

ରାଜ୍ୟରେ ପ୍ରଥମ ଶୀତକାଳୀନ ହାତୀ ଗଣନା ସରିଛି। ଓଡ଼ିଶା ଜଙ୍ଗଲରେ କେତେ ହାତୀ ଅଛନ୍ତି ତାହାର ବିସ୍ତୃତ ରିପୋର୍ଟ ବୁଧବାର ପ୍ରକାଶ ପାଇପାରେ ବୋଲି ପିସିସିଏଫ୍ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। ନଭେମ୍ବର ୧୪ରୁ ୧୬ ପର୍ଯ୍ୟନ୍ତ ୩ଦିନ ଧରି ରାଜ୍ୟର ୪୮ ବନଖଣ୍ଡରେ ବନ ବିଭାଗ ପକ୍ଷରୁ ହାତୀ ଗଣନା କରାଯାଇଥିଲା। ଏବେ ବିଭିନ୍ନ ବନଖଣ୍ଡରୁ ଆସିଥିବା ରିପୋର୍ଟକୁ ତର୍ଜମା କରାଯାଉଛି। ଯେଭଳି କୌଣସି ହାତୀ ଦୁଇଥର ଗଣତି ନ ହୁଏ, ସେନେଇ ଫିଲ୍ଡ ଡାଟା ତାଳମେଳ କରାଯିବା ସହିତ ଜିପିଏସ୍ କୋଅର୍ଡିନେଟ୍ କରାଯାଉଛି। ଖରାଦିନେ ହୋଇଥିବା ଗଣନା ବେଳେ ଯେଉଁ ହାତୀ ଅଭୟାରଣ୍ୟ ଭିତରେ ଥିଲେ, ଏବେ ସେମାନେ ଜନବସତିମୁହାଁ ହୋଇଛନ୍ତି। ସେସବୁର ତଥ୍ୟକୁ ଏକାଠି କରାଯାଉଛି। ବୁଧବାର ସନ୍ଧ୍ୟା ନଚେତ୍ ଗୁରୁବାର ଏହାର ବିସ୍ତୃତ ରିପୋର୍ଟ ପ୍ରଦାନ କରାଯିବ। ରାଜ୍ୟର ବିଭିନ୍ନ ଜଙ୍ଗଲରେ କେତେ ହାତୀ ଅଛନ୍ତି ଓ ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ ପଶ୍ଚିମବଙ୍ଗରୁ କେତେ ରାଜ୍ୟକୁ ଆସିଛନ୍ତି, ଏସବୁର ବିସ୍ତୃତ ତଥ୍ୟ ପ୍ରଦାନ କରାଯିବ। ଏଥିସହ ଖରାଦିନେ ରାଜ୍ୟରେ କେତେ ହାତୀ ଥିଲେ ଏବଂ ଶୀତଦିନେ କେତେ ଅଛନ୍ତି, ତାହା ମଧ୍ୟ ଜଣାପଡିବ ବୋଲି ପିସିସିଏଫ୍ କହିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ଖରାଦିନେ ଅର୍ଥାତ୍ ମେ'ରେ ରାଜ୍ୟର ୩୮ଟି ବନଖଣ୍ଡରେ ହାତୀ ଗଣନା କରାଯାଇଥିଲା। ରାଜ୍ୟରେ ମୋଟ୍ ୨ହଜାର ୯୮ ହାତୀ ରହିଥିବା ଉକ୍ତ ଗଣନାରୁ ଜଣାପଡିଥିଲା। ଏହା ପୂର୍ବରୁ ୨୦୧୭ରେ ହୋଇଥିବା ହାତୀ ଗଣନାରେ ରାଜ୍ୟରେ ମୋଟ୍ ୧୯୭୬ଟି ହାତୀ ଥିବା ରିପୋର୍ଟ ପ୍ରକାଶ ପାଇଥିଲା। ତେଣୁ ରାଜ୍ୟରେ ଦିନକୁ ଦିନ ହାତୀ ସଂଖ୍ୟା ବୃଦ୍ଧି ପାଉଥିବା ଜଣାପଡୁଛି।

### ଶ୍ରୀଅନ୍ନ ମେଳାରେ ୩୦ରୁ ଊର୍ଦ୍ଧ୍ୱ ମିଲେଟ ବ୍ୟଞ୍ଜନ

ବାରଙ୍ଗ,୨୬।୧୧(ଲିଙ୍ଗରାଜ ରାଉତ)

ମୁଣ୍ଡଳିସ୍ଥିତ ସିଆଇଏସ୍ଏଫ୍ ଖାରବେଳ ଟ୍ରେନିଂ ସେଣ୍ଟର ପରିସରରେ ୨ ଦିନିଆ ମିଲେଟ୍ ବା ଶ୍ରୀଅନ୍ନ ଫୁଡ୍ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ସିଆଇଏସ୍ଏଫ୍‌ର ଡିଆଇଜି ଗଙ୍ଗାଶଙ୍କର ପ୍ରଦୀପ ପ୍ରଜ୍ୱଳିତ କରି ଉଦ୍‌ଘାଟନ କରିଥିଲେ। ଏହି ୨ ଦିନିଆ ଶ୍ରୀଅନ୍ନ ଫୁଡ ମେଳାର ମଙ୍ଗଳବାର ଉଦ୍‌ଯାପନୀ ଉତ୍ସବରେ ମୋଟ ୧୨ଟି ଷ୍ଟଲ୍‌ରେ ୩୦ରୁ ଅଧିକ ପ୍ରକାରର ମିଲେଟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ଏଥିରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶ୍ରୀଅନ୍ନର ଉପକାରିତା ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆୟୋଜିତ ମେଳାରେ ସିଆଇଏସ୍ଏଫ୍‌ର କମାଣ୍ଡାଣ୍ଟ ଶଙ୍କର ରାଓ ବାଇରେଡ଼ି, ଏନ୍‌ଡିଆର୍‌ଏଫ୍ ମଣ୍ଡଳୀ କମାଣ୍ଡାଣ୍ଟ ବର୍ଦ୍ଧମାନ ମିଶ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ମେଳାକୁ ପ୍ରାୟ ୨୫୦୦ରୁ ଊର୍ଦ୍ଧ୍ୱ ଲୋକ ଆସିଥିବାବେଳେ ବିଭିନ୍ନ ମିଲେଟ ବ୍ୟଞ୍ଜନର ସ୍ୱାଦ ଉପଭୋଗ କରିଥିଲେ।

### ଦୋକାନୀଙ୍କୁ ସଂଘବଦ୍ଧ ଆକ୍ରମଣ, ଲୁଟ୍: ୩ ଗିରଫ

ବାରଙ୍ଗ/ ତ୍ରିଶୂଳିଆ, ୨୬।୧୧
(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ବାରଙ୍ଗ କାର୍ତ୍ତିକେଶ୍ୱର ଭସାଣି ସୋମବାର ରାତିରେ ଚାଲିଥିବାବେଳେ ସୀତାରାମ ବଜାରର ଏକ ଜଳଖିଆ ଦୋକାନରେ ପଶି ସଂଘବଦ୍ଧ ଆକ୍ରମଣ ସହ ୩୦ ହଜାର ଟଙ୍କା ଓ ସୁନା ଚେନ୍ ଲୁଟ୍ ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କନକଦୁର୍ଗା ଗ୍ରାମର ଦେବ ବେହେରା, ଦୀନବନ୍ଧୁ ମୁର୍ମୁ, ଲଛମନ ମାରାଣ୍ଡି। ପୋଲିସ ଏନେଇ ୪୬୦/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମୁଣ୍ଡାସାହି ମୋଡ଼ ଭସାଣି ଆସୁଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତେଲେଙ୍ଗାସାହିର ୨ ଜଣ ଯୁବକଙ୍କୁ ମୁଣ୍ଡାସାହିର ଯୁବକ ଗୋଡ଼ାଉଥିଲେ। ସେମାନେ ପ୍ରାଣ ବିକଳରେ ଅଶୋକଙ୍କ ଜଳଖିଆ ଦୋକାନର ଭିତର ଘରେ ପଶିଯାଇଥିଲେ। ଆକ୍ରମଣକାରୀମାନେ ଅଶୋକ ଓ ପରିବାରବର୍ଗଙ୍କ ସମେତ ଦୋକାନ କର୍ମଚାରୀଙ୍କୁ ଆକ୍ରମଣ କରି ଲୁଟ୍ କରିଥିବା ନେଇ ଅଶୋକଙ୍କ ସ୍ତ୍ରୀ ସତ୍ୟଭାମା ଥାନାରେ ଅଭିଯୋଗ କରିଥିଲେ।

# ଗ୍ରାମାଞ୍ଚଳରେ ସୁସ୍ୱାଦୁ ସ୍ୱାସ୍ଥ୍ୟକର ଉତ୍ପାଦ ପହଞ୍ଚାଇବ ଓମ୍‌ଫେଡ୍

**ଜାତୀୟ ଦୁଗ୍ଧ ଦିବସ**

ଭୁବନେଶ୍ୱର/ବାରଙ୍ଗ,୨୬।୧୧
(ଅନୁରାଧା ମହାରଣା/ଲିଙ୍ଗରାଜ ରାଉତ)



ଓମ୍‌ଫେଡ୍ ମୁଖ୍ୟ କାର୍ଯ୍ୟାଳୟରେ ଜାତୀୟ ଦୁଗ୍ଧ ଦିବସ ପାଳନ ଅବସରରେ ଅତିଥିମାନେ।

ଭାରତର ମିଲ୍କ ମ୍ୟାନ ଭାବେ ପରିଚିତ ଡ. ଭର୍ଗିସ କୁରିଏନ୍‌ଙ୍କ ଜୟନ୍ତୀ ଅବସରରେ ମଙ୍ଗଳବାର ଓମ୍‌ଫେଡ୍ ପକ୍ଷରୁ ଜାତୀୟ ଦୁଗ୍ଧ ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱର ଶହୀଦନଗରସ୍ଥିତ ମୁଖ୍ୟାଳୟ ଓ ଓମ୍‌ଫେଡ୍‌ର କଟକ ଜିଲ୍ଲା ଅରିଲୋ ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟରେ ଆୟୋଜିତ କାର୍ଯ୍ୟକ୍ରମରେ ଓମ୍‌ଫେଡ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ, ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ସ୍ୱର୍ଗତ କୁରିଏନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ କୁଲାଙ୍ଗେ କହିଲେ, ଆମ ରାଜ୍ୟରେ ମୁଣ୍ଡ ପିଛା ୩୦୦ ମିଲି ଲିଟର ଦୁଗ୍ଧ ଆବଶ୍ୟକ ହେଉଥିବା ବେଳେ ଏବେ ଉତ୍ପାଦନ ହେଉଛି ମାତ୍ର ୧୬୦ ମିଲି ଲିଟର। ତେଣୁ ଦୁଗ୍ଧ ଉତ୍ପାଦନ ଦ୍ୱିଗୁଣିତ କରିବାକୁ ପଡିବ। କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳରେ ବି ସୁସ୍ୱାଦୁ ଓ ସ୍ୱାସ୍ଥ୍ୟକର ଉତ୍ପାଦ ପହଞ୍ଚାଇବାକୁ କୁଲାଙ୍ଗେ ଆହ୍ୱାନ ଦେଇଥିଲେ। ଜାତୀୟ ଦୁଗ୍ଧ ଦିବସ ଅବସରରେ ଓମ୍‌ଫେଡ୍‌ର ନାରା ହେଉଛି 'ଓମ୍‌ଫେଡ ଫାଷ୍ଟ'। ରାଜ୍ୟର ପ୍ରତି ପଞ୍ଚାୟତରେ କ୍ଷୀରଧାରା କେନ୍ଦ୍ରମାନ ଖୋଲିବାକୁ ଓମ୍‌ଫେଡ୍ ଲକ୍ଷ୍ୟ ରଖିଥିବାବେଳେ ବର୍ତ୍ତମାନ ୨୦ଟି ଗ୍ରାମପଞ୍ଚାୟତରେ ଏହି କେନ୍ଦ୍ର ଖୋଲାଯାଇଛି ଓ ୨୮ଟି କ୍ଷୀରଧାରା କେନ୍ଦ୍ର ଖୋଲିବାକୁ କାମ ଚାଲିଛି। ଏହି କ୍ଷୀରଧାରା କେନ୍ଦ୍ର ଖୋଲିଲେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବା ସହ ବହୁଳ ଭାବେ ପ୍ରତ୍ୟେକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଗ୍ରାମାଞ୍ଚଳ ଲୋକେ ମଧ୍ୟ ସହଜରେ ସୁସ୍ୱାଦୁ, ଉତ୍ତମମାନର ଉତ୍ପାଦ ପାଇପାରିବେ। ଓମ୍‌ଫେଡ୍‌ର ଛେନାପୋଡ, ରାବିଡ଼ି, ଆଇସକ୍ରିମ, ପନିର, ମିଠା ଦହି, ଖଟା ଦହି, ଲସି, ସୁଇଟ ଫେବର ମିଲ୍କ, ଡାଏରୀ ହ୍ୱାଇଟ୍‌ନର, ହଳଦୀ, ବିଭିନ୍ନ ପ୍ରକାର କ୍ଷୀର, ନୂତନ ଭାବେ ବଜାରକୁ ଆସିଥିବା ଏ୨ ମିଲ୍କ, ଯୁଏଚ୍ ଟି ମିଲ୍କ, ଗୋଲ୍ଡ ପ୍ଲସ୍ ମିଲ୍କ ଗ୍ରାହକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିବା ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଓମଫେଡ୍ ଜିଏମ୍ (ଡିଓ) ସୌମେନ୍ଦ୍ର ଭୌମିକ, ଜିଏମ (ଫାଇନାନ୍ସ) ସୁରେଶ ଚନ୍ଦ୍ର ଅଲଟିଆ, ଡିଜିଏମ୍ (ମାନବ ସମ୍ବଳ) ଡ. ଜୟକୃଷ୍ଣ ପଟ୍ଟନାୟକ, ପ୍ଲାଣ୍ଟ ମ୍ୟାନେଜର ମୃତ୍ୟୁଞ୍ଜୟ କୁମାର, ଡେପୁଟି ମ୍ୟାନେଜର (ସିଏସ୍ଏସ୍) ଡ. ବିଶ୍ୱରଞ୍ଜନ ତ୍ରିପାଠୀ, ଆସିଷ୍ଟାଣ୍ଟ ମ୍ୟାନେଜର(ଆଇଟି) ମନସ୍ୱିନୀ ପଟ୍ଟନାୟକ, ଆସିଷ୍ଟାଣ୍ଟ ମ୍ୟାନେଜର (ଆଇଟି) ଜିତେନ୍ଦ୍ର କୁମାର ବରାଡ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବିଧାନ ବିନା ଭାରତର ଗଣତନ୍ତ୍ର ଅସମ୍ଭବ




ଭୁବନେଶ୍ୱର,୨୬।୧୧(ସୁଚିସ୍ମିତା ସାହୁ)

ଗୋଟିଏ ଦେଶ, ଗୋଟିଏ ନିର୍ବାଚନ। ସମ୍ବିଧାନ ବିନା ଭାରତର ଗଣତନ୍ତ୍ର ଅସମ୍ଭବ। ସମାଜ ପାଇଁ ସମ୍ବିଧାନର ଗୁରୁତ୍ୱ ଭୂମିକା ରହିଛି ବୋଲି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଚଣ୍ଡି ଚରଣ ରଥ କହିଛନ୍ତି। ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ମଙ୍ଗଳବାର ସମ୍ବିଧାନ ଦିବସ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ମିହିର ରଞ୍ଜନ ସେଠୀ ଯୋଗଦେଇ ସମ୍ବିଧାନ ଭାରତର ମୂଳଦୁଆ ବୋଲି କହିଥିଲେ। ସମ୍ବିଧାନ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାର ଆତ୍ମା ବୋଲି ପ୍ରଫେସର ମାନସ ବେହେରା ମତବ୍ୟକ୍ତ କରିଥିଲେ। ସଂଯୋଜିକା ଅଧ୍ୟାପିକା ବସନ୍ତ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ଦେବୀ ପ୍ରସାଦ ଦାସ ଓ ଅଧ୍ୟାପିକା ହାସିୟା ଖାତୁନ ପରିଚାଳନା ଏବଂ ଅଧ୍ୟାପିକା ଜିନା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ପିଏଚ୍.ଡି.. ସ୍ନାତକୋତ୍ତର ଓ ସ୍ନାତକ ଛାତ୍ରୀମାନେ ଯୋଗଦେଇଥିଲେ।

# ସାମ୍ବିଧାନିକ ଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ



ଅତିଥିମାନେ ଡା. ସେବା ମହାପାତ୍ରଙ୍କୁ 'ନୋବେଲ ସିଟିଜେନ ଆୱାର୍ଡ' ପ୍ରଦାନ କରୁଛନ୍ତି।

**କ୍ଲାପ୍ ପକ୍ଷରୁ ୩ଜଣଙ୍କୁ 'ନୋବେଲ ସିଟିଜେନ ଆୱାର୍ଡ'**

ଭୁବନେଶ୍ୱର, ୨୬।୧୧(ବନ୍ଦନା ସେଠୀ)

ଆଇନ ସେବା ସଂସ୍ଥା କ୍ଲାପ୍ ପକ୍ଷରୁ ପରିଚାଳିତ 'ଘର ଘର ସମ୍ବିଧାନ ଅଭିଯାନ' ଆନୁକୂଲ୍ୟରେ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଭାରତୀୟ ସମ୍ବିଧାନ ଗୃହୀତ ହେବାର ୭୫ବର୍ଷ ପାଳିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଏ.ଏସ୍.ନାଇଡୁ, ବରିଷ୍ଠ ଚିକିତ୍ସକ ଡା. ସେବା ମହାପାତ୍ର ଓ ସାମାଜିକ କର୍ମୀ ପ୍ରଫୁଲ୍ଲ ସାହୁଙ୍କୁ ସେମାନଙ୍କର ଜୀବନବ୍ୟାପୀ ଜନସେବା ନିମନ୍ତେ 'ନୋବେଲ ସିଟିଜେନ ଆୱାର୍ଡ'ପ୍ରଦାନ କରାଯାଇଛି। କ୍ଲାପ୍‌ର ସଭାପତି ଡ. ବିକାଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ରଘୁବର ଦାସ, ରାଜ୍ୟ ଆଇନ ପରିଷଦର ପୂର୍ବତନ ଅଧ୍ୟକ୍ଷ ବରିଷ୍ଠ ଆଇନଜୀବୀ ମାନସ ମହାପାତ୍ର, ମହିଳା ଆୟୋଗର ପୂର୍ବତନ ସଦସ୍ୟା ସ୍ନିଗ୍ଧା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ କହିଲେ, ସାମ୍ବିଧାନିକ ଶାସନ ବ୍ୟବସ୍ଥାରେ ନାଗରିକଙ୍କର ପ୍ରମୁଖ ଭୂମିକା ରହିଛି। ତେବେ ଏଥିନିମନ୍ତେ ସାମ୍ବିଧାନିକ ଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସମ୍ବିଧାନର ୭୫ବର୍ଷ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଏଥିସହିତ ସମ୍ବିଧାନ ଶିକ୍ଷା ନିମନ୍ତେ ଏକ ୱେବ୍ ପୋର୍ଟାଲ 'କନ୍‌ଷ୍ଟିଟ୍ୟୁଶନାଲ୍ସ ରିର୍ସୋସେସ୍ ଡଟ୍ ଓଆର୍‌ଜି' ଏବଂ ବିଭିନ୍ନ ଶିକ୍ଷଣ ସାମଗ୍ରୀ ଲୋକାର୍ପିତ ହୋଇଥିଲା। କ୍ଲାପ୍ ପକ୍ଷରୁ ଘର ଘର ସମ୍ବିଧାନ ଅଭିଯାନ ମାଧ୍ୟମରେ ଜନଭାଗିଦାରିତା ସ୍ଥିର ନିଶ୍ଚିତ କରାଯିବ ବୋଲି ସମ୍ପାଦକ ପୁରୁଷୋତ୍ତମ ସାହୁ କହିଥିଲେ। କ୍ଲାପ୍ ଉପସଭାପତି ସୌମ୍ୟ ସୁରଚିତା ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରମିକ, କୃଷକ ବିରୋଧୀ ନୀତି ବିରୋଧରେ ଚେତାବନୀ ସମାବେଶ

ଭୁବନେଶ୍ୱର, ୨୬।୧୧ (ବନ୍ଦନା ସେଠୀ)

କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତି ବିରୋଧରେ ଅଖିଳ ଭାରତୀୟ ଟ୍ରେଡ୍ ୟୁନିୟନ କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ଚେତାବନୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ଓ କୃଷକଙ୍କ ମିଳିତ ଶୋଭାଯାତ୍ରା ରାଜମହଲ ଛକରୁ ବାହାରି ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ପରେ ସେଠାରେ ଏକ ସଭା ହୋଇଥିଲା। ସରକାର ୪୪ଟି ଶ୍ରମ ଆଇନ ବାତିଲକରି କମ୍ପାନୀଙ୍କ ସ୍ୱାର୍ଥରେ ୪ଟି ଶ୍ରମକୋଡ୍ ପ୍ରଣୟନ କରି ଶ୍ରମିକ ଶ୍ରେଣୀକୁ କ୍ରୀତଦାସ କରାଇବାର ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ ହୋଇଥିଲା। ସେହିପରି ଡ. ସ୍ୱାମୀନାଥନ କମିଶନଙ୍କ ସୁପାରିସ ଭିତ୍ତିରେ କୃଷକଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟରୁ ବଞ୍ଚିତ କରିବା, ଜାତୀୟ ଶିକ୍ଷାନୀତି–୨୦୨୦ ପ୍ରଣୟନ କରି ଶିକ୍ଷା ବ୍ୟବସ୍ଥାକୁ ଧ୍ୱସ୍ତ ବିଧ୍ୱସ୍ତ କରିବା, ସରକାରୀ କାର୍ଯ୍ୟରେ କଣ୍ଟ୍ରାକ୍‌ଚୁଆଲ ଓ ଆଉଟ୍‌ସୋର୍ସିଂ କରାଇ କର୍ମଚାରୀ ଶୋଷଣ କରାଯାଉଥିବା ଭଳି ଅଭିଯୋଗ ଉପସ୍ଥାପିତ ହୋଇଥିଲା। ଆଇଏନ୍‌ଟିୟୁସିର ଡ. ରାମଚନ୍ଦ୍ର ଖୁଣ୍ଟିଆ, ଏଆଇଟିୟୁସିର ବିଜୟ ଜେନା, ଏଚ୍‌ଏମ୍‌ଏସ୍‌ର ବି.ଏନ୍ ମହାପାତ୍ର, ସିଆଇଟିୟୁର ଦୁଷ୍ମନ୍ତ ଦାସ, ଏଆଇସିସିଟିୟୁର ମହେନ୍ଦ୍ର ପରିଡ଼ା, ଏଆଇୟୁଟିୟୁସିର ଡ. ପୂର୍ଣ୍ଣଚନ୍ଦ୍ର ବେହେରା, ଟିୟୁସିସିର ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଡିସେମ୍ବର ୪ରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ରାଷ୍ଟ୍ରପତି

### ସର୍ବସାଧାରଣ ଦର୍ଶନ କଟକଣା

ପୁରୀ,୨୬।୧୧(ଅଜିତ୍ କୁମାର ମହାନ୍ତି)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଡିସେମ୍ବର ୪ରେ ପୁରୀ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ଏ ନେଇ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଛତିଶା ନିଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସ୍ୱାଇଁ ସୂଚନା ଦେଇ କହିଛନ୍ତି, ଡିସେମ୍ବର ୪ତାରିଖ ଭୋର ୫ଟାରେ ଦ୍ୱାରଫିଟା ନୀତି ଅନୁଷ୍ଠିତ ହେବ। ୫ଟା ୩୦ରେ ଭିତରଶୋଧ ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ। ସକାଳ ୮ଟା ୩୦ରେ ବେଶ ସରିବ। ପୂର୍ବାହ୍ନ ୧୦ଟା ୧୫ରୁ ୧୦ଟା ୪୦ ମଧ୍ୟରେ ଶ୍ରୀମନ୍ଦିର ଗର୍ଭଗୃହରେ ମହାପ୍ରଭୁଙ୍କ ଦର୍ଶନ କରିବେ ରାଷ୍ଟ୍ରପତି। ଏହି ଗସ୍ତ ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

# ଶ୍ରଦ୍ଧା ଓ ସମ୍ମାନର ସହ ସମ୍ବିଧାନ ଗ୍ରନ୍ଥକୁ ପୂଜିଲେ ବିଦ୍ୟାର୍ଥୀ




ପୁରୁଣା ଭୁବନେଶ୍ୱର,୨୬।୧୧(ସୁବାସ ଚନ୍ଦ୍ର ପ୍ରଧାନ)

**ଆଦିବାସୀ ପଲ୍ଲୀରେ ସମ୍ବିଧାନ ଦିବସ**

ଭାରତୀୟ ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଅବସରରେ ରାଜଧାନୀ ଭୁବନେଶ୍ୱର ଉପକଣ୍ଠସ୍ଥିତ ଅଗମ୍ୟ ଆଦିବାସୀ ପଲ୍ଲୀ କନ୍ଦଲେଇ ଠାରେ ସମ୍ବିଧାନ ଦିବସ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଅନୁଷ୍ଠାନ 'ବୁଲ୍‌ସଆଇ' ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ବିଦ୍ୟାର୍ଥୀମାନେ ପ୍ରତୀକାତ୍ମକ ସମ୍ବିଧାନ ଗ୍ରନ୍ଥକୁ ଶ୍ରଦ୍ଧା ଓ ସମ୍ମାନର ସହ ପୂଜନ କରିବା ସହ ଜାତୀୟ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ସାମାଜିକ କର୍ମୀ ସୁଶାନ୍ତ ସାହୁ ଭାରତୀୟ ସମ୍ବିଧାନର ପରିଚୟ ହେଉଛି ବିଶ୍ୱରେ ଅନନ୍ୟ ବୋଲି କହିଥିଲେ। 'ବୁଲ୍‌ସଆଇ'ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ସମ୍ବିଧାନର ଗୁରୁତ୍ୱ ଏବଂ ଏହାର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ବିଚିତ୍ର କୁମାର ମାଝୀ ଏବଂ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

# ରବି ରାୟଙ୍କ ଭଳି ନେତୃତ୍ୱ ଦେଶ ପାଇଁ ଆବଶ୍ୟକ

ବାଲିପାଟଣା,୨୬।୧୧(ଅଭିମନ୍ୟୁ ନାୟକ)

**ପୂର୍ବତନ ବାଚସ୍ପତିଙ୍କ ୯୮ତମ ଜୟନ୍ତୀ**

ଲୋକସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କର ୯୮ତମ ଜୟନ୍ତୀ ଉତ୍ସବ ମଙ୍ଗଳବାର ଜନ୍ମମାଟି ବାଲିପାଟଣାଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ରବି ରାୟ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରବି ରାୟ ଏ ଅଞ୍ଚଳରେ ଜନ୍ମ ହୋଇଥିଲେବି ସେ ଜାତୀୟସ୍ତରରେ ରାଜନୀତିର ଯେଉଁସ୍ତରକୁ ଯାଇଛନ୍ତି ତାହା ତାଙ୍କୁ କାଳଜୟୀ କରି ରଖିବ। ସେ ମାଟି ମନସ୍କ ଥିଲେ। ରବି ରାୟଙ୍କ ଭଳି ନେତୃତ୍ୱ ଏବେ ଦେଶ ପାଇଁ ଆବଶ୍ୟକ ରହିଛି। ମୁଖ୍ୟବକ୍ତା ଭାବେ ପ୍ର. ଦାସ ବେନହୁର ରବି ରାୟ, ସମ୍ମାନୀତ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ପ୍ରସନ୍ନ କୁମାର ସ୍ୱାଇଁ, ଓଡ଼ିଶା କ୍ରାନ୍ତି ସଂଗଠନର ଅଧ୍ୟକ୍ଷ ପ୍ରଭାତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ଡ ଅରବିନ୍ଦ ଢାଲି ମଧ୍ୟ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତି ନଟବର ଷଡ଼ଙ୍ଗୀଙ୍କୁ ରବିରାୟ ସ୍ମୃତି ସମ୍ମାନ, ବୀରେନ୍ଦ୍ର ସାମନ୍ତରାୟଙ୍କୁ ସାରସ୍ୱତ ସମ୍ମାନ, ଇସ୍ରୋ ବୈଜ୍ଞାନିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କୁ ଉତ୍କର୍ଷ ସମ୍ମାନ, ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କୁ ସ୍ୱାସ୍ଥ୍ୟ ସେବା ସମ୍ମାନ, ବଂଶୀବାଦକ ରାଜକିଶୋର ଦଳବେହେରାଙ୍କୁ କଳା ସଂସ୍କୃତି ସମ୍ମାନ ଓ ଶିବ ପ୍ରସାଦ ପାଟଯୋଶୀଙ୍କୁ ସାମାଜିକ କର୍ମୀ ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ପାଦକ ଭଗବାନ ସାହୁ ବିବରଣୀ ପାଠ କରିଥିଲେ। ବିପିନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଲିପାଟଣା ପ୍ରେସ କ୍ଲବ ସମ୍ପାଦକ ସୁରେଶ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ପୂର୍ବତଟ ରେଳପଥ ପାଳିଲା ସମ୍ବିଧାନ ଦିବସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଭୁବନେଶ୍ୱର,୨୬।୧୧ (ସୁଚିସ୍ମିତା ସାହୁ)

ପୂର୍ବତଟ ରେଳପଥ ମୁଖ୍ୟାଳୟ ରେଳ ସଦନଠାରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ନେତୃତ୍ୱରେ ସମ୍ବିଧାନରେ ଦର୍ଶାଯାଇଥିବା ମୂଲ୍ୟବୋଧ ପ୍ରତି ସଂଗଠନର ଗଭୀର ସମ୍ମାନ, ଦୈନନ୍ଦିନ ଜୀବନ ଏବଂ କାର୍ଯ୍ୟରେ ନୀତି ରକ୍ଷା କରିବାର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ଭାରତୀୟ ସମ୍ବିଧାନର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରାଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗଦେଇଥିଲେ। ପୂର୍ବତଟ ରେଳପଥ ଅଧୀନରେ ଥିବା ୩ଟି ରେଳ ମଣ୍ଡଳ ଖୋର୍ଦ୍ଧା ରୋଡ, ୱାଲଟିୟର ଏବଂ ସମ୍ବଲପୁରରେ ଏହି ଦିବସ ପାଳନ କରାଯାଇଛି। ରେଳପଥର ପ୍ରମୁଖ କାର୍ମିକ ଅଧିକାରୀ ସିଦ୍ଧାର୍ଥ କାଟି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

**ଫଟୋରେ ଖବର**



ସମ୍ବିଧାନ ଦିବସରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟମାନେ ଏଜି ଛକସ୍ଥିତ ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପଦଯାତ୍ରାରେ କ୍ୟାପିଟାଲ ହସ୍ପିଟାଲ ଯାଇ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗଦେଇ ପରିସର ସଫେଇ କରୁଛନ୍ତି।

# ‘ବିକଶିତ ଭାରତ ନିର୍ମାଣରେ ସହଭାଗୀ ହୁଅ’

ଖୋର୍ଦ୍ଧା,୨୬।୧୧(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା(ଏନ୍ଏସ୍ଏସ୍) ଏବଂ ରାଜନୀତି ବିଜ୍ଞାନ ମିଳିତ ଆନୁକୂଲ୍ୟରେ ମୈତ୍ରୀ ଭବନରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ଡ.ବିନୋଦିନୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ବକ୍ତା ପ୍ରଫେସର ପ୍ରଦୀପ କୁମାର ମିଶ୍ର ବିକଶିତ ଭାରତ ପାଇଁ ଡ.ଭୀମରାଓ ରାମଜୀ ଆମ୍ବେଡକରଙ୍କ ଦ୍ୱାରା ପ୍ରଣିତ ସମ୍ବିଧାନ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତ୍ୟେକ ନାଗରିକଙ୍କ ସାମ୍ବାଧାନିକ ଅଧିକାର ପ୍ରସଙ୍ଗରେ କହିଥିଲେ। ୨୦୪୭ ସ୍ୱାଧୀନତାର ଶତାବ୍ଦୀ ବର୍ଷରେ ନୂତନ ଭାରତ ବର୍ଷ ଭିତ୍ତିଭୂମି ପାଇଁ ପ୍ରତ୍ୟେକ ଭାରତୀୟ ନାଗରିକ ନିଜ ଦାୟିତ୍ୱ କର୍ତ୍ତବ୍ୟ ପ୍ରତି ସଚେତନ ହେବା ଜରୁରୀ। ସଭାପତିତ୍ୱ ଭାଷଣରେ ମିଶ୍ର କହିଥିଲେ, ଏହି ଦିବସ ପାଳନ ପଛରେ ସମ୍ବିଧାନର ମହତ୍ତ୍ୱ, ଭୀମରାଓ ଆମ୍ବେଡକରଙ୍କ ବିଚାରକୁ ପ୍ରଚାର ଓ ସମ୍ମାନ କରିବା ଉଦ୍ଦେଶ୍ୟ ରହିଛି। ସମ୍ବିଧାନରେ ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର, କର୍ତ୍ତବ୍ୟ, ସରକାରଙ୍କ ଭୂମିକା ଓ କ୍ଷମତା ବିଷୟରେ ବର୍ଣ୍ଣନା କରାଯାଇଛି। ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି, ମହାବିଦ୍ୟାଳୟ ଉପାଧ୍ୟକ୍ଷ ପ୍ରଣବ କିଶୋର ମହାନ୍ତି, ଡ. ଅଜୟ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମ୍ବିଧାନ ଦିବସର ମହତ୍ତ୍ୱ, ରାଷ୍ଟ୍ରର ପ୍ରଗତିରେ ଯୁବ ସମାଜର ଭୂମିକା ସମ୍ପର୍କରେ କହିଥିଲେ। ପ୍ରାଧ୍ୟାପିକା ବିଦ୍ୟୁଶ୍ରୀ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ ସଂଯୋଜନା କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପିକା ଡ.ଶିବାନୀ ବରାଳ ସଭା ସଂଯୋଜନା କରିଥିବା ବେଳେ ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଲିଭା ବେହୁରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ,ଛାତ୍ରୀଛାତ୍ରପ୍ରମୁଖଉପସ୍ଥିତଥିଲେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ବେଗୁନିଆ/ବାଘମାରୀ,୨୬।୧୧ (ସନ୍ଧ୍ୟାରାଣୀ ମିଶ୍ର/ମିହିର ରଞ୍ଜନ ମହାପାତ୍ର): ବେଗୁନିଆ ଥାନା ଅଧୀନ ଚୋଡିପାଳଙ୍ଗ ଛକ ନିକଟରେ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁଞ୍ଜୁରୀ ପଞ୍ଚାୟତ ଡାଲଟୋଲା କୁଞ୍ଜବିହାରୀ ପାଟଣା ଗ୍ରାମର ଜୟ ପ୍ରକାଶ ପ୍ରଧାନ(୨୨)। ସୂଚନା ମୁତାବକ, ସୋମବାର ସାଢେ ୬ଟାରେ ବାଇକ୍‌ରେ ଜୟ ପ୍ରକାଶ ବାଘମାରୀପଟୁ ଗାଁକୁ ଫେରୁଥିଲେ। ଚୋଡିପାଳଙ୍ଗ ଛକ ନିକଟ ବୁଲାଣିରେ ଏକ ଗାଡ଼ି ତାଙ୍କୁ ଧକ୍କାଦେଇ ପଳାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଜୟ ପ୍ରକାଶଙ୍କୁ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପୁତୁରା ପବିତ୍ର ପ୍ରଧାନଙ୍କ ଅଭିଯୋଗକ୍ରମେ ବେଗୁନିଆ ପୋଲିସ ଏକ ମାମଲା (ନଂ. ୩୨୮/୨୪) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଅବକାରୀ ଚଢ଼ାଉ: ପୋଚ, ଦେଶୀମଦ ଜବତ

ବାଣପୁର,୨୬।୧୧(ଦିଲୀପ କୁମାର ସ୍ୱାଇଁ): ବାଣପୁର ପୋଲିସ ଏବଂ ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ କୋଶରଡ଼ାରେ ଚଢ଼ାଉ କରାଯାଇ ଦେଶୀମଦ ଓ ପୋଚ ଜବତ କରାଯାଇଛି। ତେବେ ଚଢ଼ାଉ ପୂର୍ବରୁ ବେପାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ବାଲୁଗାଁ ଅବକାରୀ ଉପନିରୀକ୍ଷକଙ୍କ ନେତୃତ୍ୱରେ ଏକ ସେକ୍ସନ ପୋଲିସ ଫୋର୍ସ ସହାୟତାରେ ବରବରା ଜଙ୍ଗଲରେ ଅବସ୍ଥିତ କୋଶରଡ଼ା ଗ୍ରାମରେ ଚଢ଼ାଉ କରାଯାଇଥିଲା। ୧୩୧୦ ଲିଟର ଦେଶୀମଦ ସହ ସାମଗ୍ରୀ ଏବଂ ୧୬,୬୦୦ କିଲୋ ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି। ଅନ୍ୟପଟେ ଚଢ଼ାଉ ପୂର୍ବରୁ କିପରି ବେପାରୀମାନେ ଖବର ପାଉଛନ୍ତି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଓଡ଼ିଶା ନାଟ୍ୟ ସଂଘର ସାଧାରଣ ପରିଷଦ ବୈଠକ

ଜଟଣୀ,୨୬।୧୧(ରବୀନ୍ଦ୍ରନାଥ ମହାକୁଡ଼): ଓଡ଼ିଶା ନାଟ୍ୟ ସଂଘର ସାଧାରଣ ପରିଷଦ ବୈଠକ ଜଟଣୀ ସ୍ଥିତ ଉତ୍ତରାୟଣୀ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ମନୋଜ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଆବାହକ ବିପ୍ଳବ କେଶରୀ ଶତପଥୀ ଶୃଙ୍ଖଳିତଭାବେ ସଭା କାର୍ଯ୍ୟ ପରିଚାଳନା ପାଇଁ ନିବେଦନ କରିଥିଲେ। ସଂଘ ସଭାପତି ସ୍ୱାଗତ ଅଭିଭାଷଣ ପ୍ରଦାନ ସହିତ ସଂଘର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଶୁଭକାନ୍ତ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଘ ମାଧ୍ୟମରେ ଓଡ଼ିଶାର ବିଭିନ୍ନ ଜୋନରେ ନାଟ୍ୟକର୍ମଶାଳା କରାଯିବା ନେଇ ଗୁରୁତ୍ୱ ଦିଆଯାଇଥିଲା। ଓଡିଶା ନାଟ୍ୟ ସଙ୍ଘର ନିୟମାବଳୀକୁ ଆଧାରକରି ସଙ୍ଘର ସଦସ୍ୟତା ନେବା ନିମନ୍ତେ ନିବେଦନପତ୍ର ଦାଖଲ କରିଥିବା ୨୫ଟି ଅନୁଷ୍ଠାନକୁ ସର୍ବସମ୍ମତିକ୍ରମେ ସ୍ୱକୃତି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଉତ୍ତରାୟଣୀ କ୍ଲବ ପକ୍ଷରୁ ନାଟକ ସହିତ ଜଡ଼ିତ ଏବଂ ନାଟକରେ ବ୍ୟବହୃତ ବହୁପୁରାତନ ସାମଗ୍ରୀ ପ୍ରେକ୍ଷାଳୟ ପରିସରରେ ପ୍ରଦର୍ଶିତ କରାଯାଇଥିଲା।

## ସମ୍ବିଧାନ ଆମ ଦେଶର ସ୍ୱାଭିମାନ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

ଜଟଣୀ,୨୬।୧୧ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ରାଜୀବ କର ଯୋଗଦେଇ ଭାରତୀୟ ସମ୍ବିଧାନର ଗୁରୁତ୍ୱ ଏବଂ ମୂଲ୍ୟବୋଧକୁ ନେଇ ଅଭିଭାଷଣ ରଖିଥିଲେ। ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ ଅଧ୍ୟାପିକା ସମ୍ବିଧାନର ପ୍ରସ୍ତାବନାକୁ ପାଠକରି ଶପଥ ନେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଜିତ କୁମାର ସୁନ୍ଦରାୟ ଏବଂ ଓଡ଼ିଆ ବିଭାଗର ମୁଖ୍ୟ ଡ. ତପନ ମିଶ୍ର ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସମ୍ବିଧାନର ଗୁରୁତ୍ୱ ପ୍ରତିପାଦନ କରିଥିଲେ। ବିଭାଗୀୟ ଅଧ୍ୟାପକ ବାଳକୃଷ୍ଣ ଚୌଧୁରୀ ଓ ଅଧ୍ୟାପିକା ଶାନ୍ତିଲତା ସାହୁ ବିକଶିତ ରାଷ୍ଟ୍ର ଗଠନରେ ସମ୍ବିଧାନର ପ୍ରମୁଖ ଭୂମିକା ଉପରେ ଆଲୋକପାତ କରିଥିଲେ। ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେମିନାର ସମ୍ପାଦକ ସତ୍ୟସନ୍ଧାନ ପରିଡ଼ା, କୌଶଲ୍ୟା ପାହାଳ, ଅର୍ଚ୍ଚିତା ସିଂ, ଅଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଦୀପସୁନ୍ଦର ବେହେରା ଧନ୍ୟବାଦ ଦେଇଥିଲେ।

### ପୃଥକ୍ ଦୁର୍ଘଟଣା: ଚିକିତ୍ସାଧୀନ ୨ ଆହତଙ୍କ ମୃତ୍ୟୁ

ଝାଁଳା,୨୬।୧୧(ବୁଲା ବାରିକ): ଇନ୍‌ଫୋଭ୍ୟାଲି ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥରେ ଦୁଇଟି ପୃଥକ୍ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଥିବା ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ପୁରୀ ଜିଲା ବଳଙ୍ଗା ଅଞ୍ଚଳର ଫିରୋଜ ଖାଁ ଏବଂ ଢେଙ୍କାନାଳ ଜିଲା ହିନ୍ଦୋଳର ରଞ୍ଜନ ପ୍ରଧାନ। ସୂଚନା ମୁତାବକ, ରଞ୍ଜନ ସ୍ଥାନୀୟ ଅଞ୍ଚଳରେ ଏକ ଗ୍ୟାରେଜରେ କାମ କରନ୍ତି। ସୋମବାର ଓଗାଳପଡା ଠାରେ ରଞ୍ଜନ ରାସ୍ତା ଅତିକ୍ରମ କରି ଗ୍ୟାରେଜକୁ ଆସୁଥିବା ବେଳେ ଏକ ଗାଡି ତାଙ୍କୁ ଧକ୍କାଦେଇ ପଳାଇଥିଲା। ଫଳରେ ରଞ୍ଜନଙ୍କ ଛାତିରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମତ୍ୟୁ ଘଟିଛି। ସେହପରି ୧୦ଦିନ ପୂର୍ବେ ଭୁଆସୁଣୀ ମନ୍ଦିର ନିକଟରେ ଏକ ଦୁର୍ଘଟଣାରେ ଫିରୋଜ ଗୁରୁତର ଆହତ ହୋଇଥିଲେ। ଇନ୍‌ଫୋଭ୍ୟାଲି ପୋଲିସ ପହଞ୍ଚି ଫିରୋଜଙ୍କୁ ଉଦ୍ଧାର କରି ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଇଥିଲା। ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

## ଜନଜାତିଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଥିଲେ ବିର୍ସା ମୁଣ୍ଡା




ବୋଲଗଡ,୨୬।୧୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ହରିପୁର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ମାତାପିତା ସମ୍ମିଳନୀ ଏବଂ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ଧ୍ରୁବାନନ୍ଦ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଯୋଗଦେଇ ବିର୍ସା ମୁଣ୍ଡା ଥିଲେ ଗରିବଙ୍କ ପ୍ରକୃତ ଦେବଦୂତ, ଯିଏ ଶୋଷିତ ଓ ବଞ୍ଚିତ ବର୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସାରାଜୀବନ ସଂଘର୍ଷ କରିଥିଲେ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ପ୍ରଧାନଶିକ୍ଷକ ପ୍ରମୋଦ ସ୍ୱାଇଁ କହିଥିଲେ, ଦେଶମାତୃକାର ରକ୍ଷା ପାଇଁ ବିର୍ସା ମୁଣ୍ଡାଙ୍କ ସଂଗ୍ରାମ ଓ ବଳିଦାନ ଏବଂ ଜନଜାତିଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟ ସର୍ବଦା ପ୍ରେରଣାଦାୟୀ। ସମ୍ମାନିତ ଅତିଥିଭାବେ ସମିତିସଭ୍ୟା ବିନୋଦିନୀ ଦତ୍ତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାରତୀ ନାୟକ, ମୋ ସ୍କୁଲ କମିଟି ସଭାପତି କୈଳାସ ଛାଟୋଇ, ସିଆର୍‌ସିସି ଚନ୍ଦ୍ର ଶେଖର ନାୟକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଗୌରଚନ୍ଦ୍ର ସୁବୁଦ୍ଧି ଅତିଥି ପରିଚୟ ପ୍ରଦାନ ଏବଂ ଶିକ୍ଷୟିତ୍ରୀ ମୀନତି ଦଲାଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ମାତାପିତା ସମ୍ମିଳନୀରେ ଖୋର୍ଦ୍ଧା, ନୟାଗଡ଼, ରାୟଗଡା, କନ୍ଧମାଳ, କେନ୍ଦୁଝର, ଗଞ୍ଜାମ, ଗଜପତି ଓ ମୟୂରଭଞ୍ଜ ଜିଲାର ୧୩୫ଜଣ ଅଭିଭାବକ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଏବଂ ମାତାପିତାଙ୍କ ମଧ୍ୟରେ ମଧ୍ୟ ମ୍ୟୁଜିକ ପ୍ରତିଯୋଗିତା, ଫୋଟୋ ଗ୍ୟାଲେରି ପ୍ରଦର୍ଶନ କରାଯାଇଥିଲା। ଶିକ୍ଷକ ରଜନୀକାନ୍ତ ପୃଷ୍ଟି, ଶରତ ପୃଷ୍ଟି, ପ୍ରଦୀପ୍ତ ସାହୁ, ଦେବେନ୍ଦ୍ର ଗିରି, ଶିକ୍ଷୟିତ୍ରୀ ସ୍ୱାଗତିକା ସାହୁ, ଆରାଧନା ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୃତୀ ଛାତ୍ରୀଛାତ୍ର ଏବଂ ମାତାପିତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଗୌରଚନ୍ଦ୍ର ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

### ନକଲି ପାନମସଲା ଜର୍ଦ୍ଦା ଜବତ, ବ୍ୟବସାୟୀ ଅଟକ

ବାଲୁଗାଁ,୨୬।୧୧(ସଂଗ୍ରାମ ପାଇକରାୟ)

ବାଲୁଗାଁ ପୋଲିସ ପକ୍ଷରୁ ମଙ୍ଗଳବାର ବିଭିନ୍ନ ପାନ ମସଲା ଦୋକାନରେ ଚଢ଼ାଉ କରାଯାଇଥିଲା। ଚିଲିକା ରୋଡ୍ ସ୍ଥିତ ଏକ ଦୋକାନରୁ ନକଲି ଗୋପାଳ ଜର୍ଦ୍ଦା ଜବତ ହୋଇଥିବା ବେଳେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ପୋଲିସ ଅଟକ ରଖିଛି। ସେ ହେଲେ ବାଲୁଗାଁ ପାଟଣା ସାହିର ରବି ସୁବୁଦ୍ଧି। ଏନେଇ ଥାନାରେ ଏକ ମାମଲା (ନଂ.୩୬୮/୨୪) ରୁଜୁ ହୋଇଥିବା ବେଳେ ଏହି ନକଲି ଚୋରା କାରବାରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଆଇଆଇସି ଜୟ ପ୍ରକାଶ ପରିଡା କହିଛନ୍ତି। ପ୍ରକାଶ ଯେ, ବାଲୁଗାଁ ଏବଂ ବାଣପୁର ଅଞ୍ଚଳରେ ନକଲି ପାନ ମସଲା ଜର୍ଦ୍ଦା ବହୁଳ ଭାବେ କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଗୋପାଳ ଜର୍ଦ୍ଦା କମ୍ପାନୀର ପରିଚାଳକ କୈଳାସ ସିଂ ଚୌହାନଙ୍କ ଅଭିଯୋଗକ୍ରମେ ଆଇଆଇସି ପରିଡାଙ୍କ ତତ୍ତ୍ୱାବଧାନରେ ଏସ୍ଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀ ସଦଳେବଳେ ବାଲୁଗାଁ ବଜାରରେ ଚଢ଼ାଉ କରିଥିଲେ। ରବି ସୁବୁଦ୍ଧିଙ୍କ ଦୋକାନରୁ ନକଲି ୨୬ଟି ୪୫ ଗ୍ରାମ ଓଜନର ଏବଂ ୫ଶହ ଗ୍ରାମ ଓଜନର ୨ଟି ଗୋପାଳ କମ୍ପାନୀ ଜର୍ଦ୍ଦା ମସଲା ଜବତ ହୋଇଥିଲା। ତେବେ ଏହି ଚଢ଼ାଉ ଖବରପାଇ ଅନ୍ୟ ପାନମସଲା ବ୍ୟବସାୟୀ ଦୋକାନ ବନ୍ଦ କରିଦେଇଥିବା ଦେଖିବାକୁ ମିଳିଥିଲା।

## କୌଶଳ ଦେଖାଇଲେ ଅଗ୍ନିଶମ କର୍ମଚାରୀ



ବେଗୁନିଆ,୨୬।୧୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରିବା ପାଇଁ ଅଗ୍ନି ନିର୍ବାପକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ଅଗ୍ନିଶମ କାର୍ଯ୍ୟାଳୟ ଅଧିକାରୀ ତପନ କୁମାର ନାୟକଙ୍କ ନେତୃତ୍ୱରେ କର୍ମଚାରୀମାନେ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର, ଏଲ୍‌ପିଜି ସିଲିଣ୍ଡର ଗ୍ୟାସ୍ ନିଆଁକୁ ଆୟତ୍ତ କରିବା ଏବଂ ବନ୍ୟା ବାତ୍ୟା ସମୟରେ ଧନଜୀବନ ରକ୍ଷା କରିବା ଆଦି କୌଶଳ ପ୍ରଦର୍ଶନ କରିବା ସହ ବିଭିନ୍ନ ଘଟଣାରେ କିପରି ସଚେତନ ରହିବ ସେ ସଂକ୍ରାନ୍ତରେ ଶିକ୍ଷା ଦେଇଥିଲେ।

## ସମ୍ବିଧାନ ଦିବସରେ କୁଇଜ୍ ପ୍ରତିଯୋଗିତା

ବୋଲଗଡ଼/କଳାପଥର/ନିରାକାରପୁର, ୨୬।୧୧(ଦେବବ୍ରତ ହୋତା/ ଗଙ୍ଗାଧର ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ବୋଲଗଡ଼ ବ୍ଲକର ଗେଡ଼ିଆପଲ୍ଲୀ ଉଚ୍ଚ ବିଦ୍ୟାଳୟ ପରିସରରେ ସମ୍ବିଧାନ ଦିବସ ଉପଲକ୍ଷେ କୁଇଜ୍‌ପ୍ରତିଯୋଗିତା ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ମହାପାତ୍ର ସଭାପତିତ୍ୱ କରିଥିଲେ। କାୟକଳ୍ପର ସମ୍ପାଦକ ତ୍ରିଲୋଚନ ଦାଶ, ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ, ଶିକ୍ଷୟିତ୍ରୀ ଅମିତା ଦାସ, ତୃପ୍ତି ପଟ୍ଟନାୟକ ଅତିଥିଭାବେ ଯୋଗଦେଇଥିଲେ। ପିଲାଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ତ୍ରିଲୋଚନ ଦାସଙ୍କ ପରିଚାଳନା ଓ ଠଣାପଲ୍ଲୀ ମିଳିତ ଯୁବକ ସଂଘ ସଂପାଦକ ଭାଗୀରଥି ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜ୍ୟୋତି ରଞ୍ଜନ ପୃଷ୍ଟି, ସନ୍ଧ୍ୟାରାଣୀ ମାଝୀ, ଆଦିତ୍ୟ ରାଉତରାୟ, ଶୁଭଲକ୍ଷ୍ମୀ ପାଣିଗ୍ରାହୀଙ୍କୁ ସତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ଉମେଶ ଚନ୍ଦ୍ର ସାହୁ ସହଯୋଗ କରିଥିବା ବେଳେ ଶିକ୍ଷୟିତ୍ରୀ ଅନିତା ଦାଶ ଧନ୍ୟବାଦ ଦେଇଥିଲେ।

ନିରାକାରପୁରର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଅଧ୍ୟକ୍ଷା ବ୍ରତତୀ ମିଶ୍ର ପୌରୋହିତ୍ୟ କରିଥିବା ବେଳେ ଅଧ୍ୟାପକ ଡ.ପ୍ରଭାତ ଦାଶ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧ୍ୟାପକ ସୁକାନ୍ତ କୁମାର ପଟ୍ଟନାୟକ ସାମ୍ବିଧାନ ଦିବାସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ.ମୃତ୍ୟୁଞ୍ଜୟ ରଥ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସମ୍ବିଧାନ ଦିବସର ଶପଥ ପାଠ କରାଇଥିଲେ। ଚନ୍ଦନ ମିଶ୍ର, ଉଜୟନ୍ତ ବାନାର୍ଜୀ, ଅଞ୍ଜୁଳା ତ୍ରିପାଠୀ, କାଦମ୍ବିନୀ ସାହୁ, ପୂର୍ଣ୍ଣ୍ୟଦର୍ଶନ ସାହୁ ଛାତ୍ରୀଛାତ୍ରଙ୍କୁ ପ୍ରତିଯୋଗିତାରେ ସଫଳତା ପାଇଁ ପୁରସ୍କାର ପ୍ରଦାନ କରିଥିଲେ। ବରିଷ୍ଠ ପ୍ରାଧ୍ୟାପକ ପ୍ରସନ୍ନ ନାୟକ ଧନ୍ୟବାଦ ଦେଇଥିଲେ।

### ପଥର ବୋଝେଇ ଗାଡ଼ି ଜବତ, ଚାଳକ ଗିରଫ

ବେଗୁନିଆ,୨୬।୧୧(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ଥାନା ଅନ୍ତର୍ଗତ ମା’ ବରମୂଳେଇ ମନ୍ଦିର ନିକଟରେ ବେଆଇନ ଭାବେ ପଥର ବୋଝେଇକରି ଯାଉଥିବା ଏକ ଗାଡ଼ିକୁ ବେଗୁନିଆ ପୋଲିସ ଜବତ କରିଛି। ଏଥିସହ ବାଘମାରୀ ଥାନା ଅନ୍ତର୍ଗତ ଅତ୍ରି ଗ୍ରାମର ଗାଡ଼ିଚାଳକ ଶ୍ରୀଧର ଦାସଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା କହିଛନ୍ତି।

## ‘ସଙ୍କଟରେ ସମ୍ବିଧାନ’ ଶୀର୍ଷକ ଆଲୋଚନାଚକ୍ର




ବେଗୁନିଆ,୨୬।୧୧(ହରପ୍ରସନ୍ନ ପଣ୍ଡା)

ଆମ୍ ଆଦ୍‌ମୀ ପାର୍ଟି(ଏଏପି) ପକ୍ଷରୁ ନିର୍ବାଚନମଣ୍ଡଳୀ ସ୍ତରୀୟ ସମ୍ବିଧାନ ଦିବସ ମଙ୍ଗଳବାର ବେଗୁନିଆ ବରିଷ୍ଠ ନାଗରିକ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଭାରତରତ୍ନ ଡ. ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବୋଲଗଡ଼ ବ୍ଲକ ସଭାପତି କିଶୋର ଚନ୍ଦ୍ର ସାହୁ ଓ ବେଗୁନିଆ ସଭାପତି କଳ୍ପତରୁ ପଣ୍ଡାଙ୍କ ଆୟୋଜନରେ ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ‘ସଙ୍କଟରେ ସମ୍ବିଧାନ’ ଶୀର୍ଷକ ଆଲୋଚନାଚକ୍ରରେ ଶିକ୍ଷାବିତ୍ ପତିତପାବନ ବଳବନ୍ତରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଏଏପି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଭରତ ଦାସ ଯୋଗଦେଇ ସମ୍ବିଧାନ ଜନଗଣଙ୍କ ଆଶା ଆକାଂକ୍ଷା, ଆବେଗ ଉଚ୍ଛ୍ୱାସର ଏକ ଅପୂର୍ବ ସମନ୍ୱିତ ସମାହାର, ଜୀବନ୍ତ ଦଲିଲ ତଥା ଦୃଢ଼ ସଙ୍କଳ୍ପ ଇଚ୍ଛାପତ୍ର ଏବଂ ଜାତୀୟ ଜୀବନର ଆତ୍ମା ସଦୃଶ ବୋଲି କହିଥିଲେ। ନବନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂହ, ଏଏପି ଜିଲା ସଭାପତି ସୁବାଶିଷ ସ୍ୱାଇଁ, ପ୍ରଶାନ୍ତ ରଣସିଂହ, ପ୍ରମୋଦ ନନ୍ଦ, ଚିତ୍ତରଞ୍ଜନ ଆଚାର୍ଯ୍ୟ, ବବିଦାସ ଗୋଛି, ଭକ୍ତବନ୍ଧୁ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ଗୁଆଳ, ଲକ୍ଷ୍ମୀଧର ମହାପାତ୍ର, ଲକ୍ଷ୍ମଣ ସେଠୀ, ପଦ୍ମାଳୟା ମହାପାତ୍ର, ସନ୍ଧ୍ୟାରାଣୀ ମହାପାତ୍ର, ଗୀତାଞ୍ଜଳି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### କୁଶପଲା କ୍ରିକେଟ: ଅଠରାଙ୍ଗ, ବୈଦେଶ୍ୱର ଫାଇନାଲରେ

ବେଗୁନିଆ,୨୬।୧୧(ସନ୍ଧ୍ୟାରାଣୀ ମିଶ୍ର)



ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ସିରିଜ୍ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅଠରାଙ୍ଗ ଏବଂ ତମାଣ୍ଡୋ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଅଠରାଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୭୩ ରନ ସଂଗ୍ରହ କରିଥିଲା। ଜବାବରେ ତମାଣ୍ଡୋ ଟିମ୍ ୧୫୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଅଠରାଙ୍ଗ ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବୈଦେଶ୍ୱର କ୍ଲବ ଏବଂ ସୁଆଙ୍ଗ କ୍ଲବ ମଧ୍ୟରେ ହୋଇଥିଲା। ବୈଦେଶ୍ୱର କ୍ଲବ ନିର୍ଦ୍ଧାରିତ ଓଭରେରେ ୫ ଉଇକେଟ ବିନିମୟରେ ୨୦୫ ରନ ସଂଗ୍ରହ କରିଥିବା ବେଳେ ସୁଆଙ୍ଗ କ୍ଲବ ୨୦୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବୈଦେଶ୍ୱର କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ରମାକାନ୍ତ ପାତ୍ର ମ୍ୟାଚ୍ ପରିଚାଳନା କରିଥିବା ବେଳେ ସତ୍ୟଜିତ ଭୋଇ ସହଯୋଗ କରିଥିଲେ। କଂଗ୍ରେସ ଦଳର ସଂଖ୍ୟା ଲଘୁ ସମ୍ପ୍ରଦାୟର ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ, ସାମାଜିକ କର୍ମୀ ନବ କିଶୋର ପାଣି ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଅରିସଲ, କୁମାରବସ୍ତ ବିଜୟୀ

**ଲୋକନାଥ ଦେବ କ୍ରିକେଟ ଟୁର୍ନାମେଣ୍ଟ**

ଖୋର୍ଦ୍ଧା,୨୬।୧୧(ପ୍ରଭାତ ପାଣିଗ୍ରାହୀ)



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଲୋକନାଥ ଦେବ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସରେ ଅରିସଲ ଏବଂ କୁମାରବସ୍ତ ଟିମ୍ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଟାଙ୍କୋଳ କ୍ଲବକୁ ୯ ଉଇକେଟରେ ହରାଇ ଅରିସଲ କ୍ଲବ ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍ ରାଇଜିଂଷ୍ଟାର କ୍ଲବ କୁମାରବସ୍ତ ଏବଂ ପଙ୍ଗାରସିଂ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି କୁମାରବସ୍ତ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୬୩ ରନ ସଂଗ୍ରହ କରିଥିଲା। ଜବାବରେ ପଙ୍ଗାରସିଂ ଟିମ୍ ୧୨୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପ୍ରଥମ ମ୍ୟାଚର ଶ୍ରେଷ୍ଠ ଖେଳାଳିଭାବେ ପ୍ରବୀଣଙ୍କୁ ଅତିଥି ଅମିୟ ପ୍ରଧାନ ଓ ଲଲାଟ ସାମନ୍ତସିଂହାର ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚର ଶ୍ରେଷ୍ଠ ଖେଳାଳିଭାବେ ଅମ୍ଳାନ ରାଉତରାୟଙ୍କୁ ଅତିଥି ଅମରେନ୍ଦ୍ର ବରାଳ ଏବଂ ରମେଶ ଶ୍ରୀଚନ୍ଦନ ପୁରସ୍କାର ପ୍ରଦାନ କରିଥିଲେ। ସାନୁଜ ବିଶ୍ୱାଳ, ଛବି ନାରାୟଣ ସାହୁ, ଗୋପୀନାଥ ମଙ୍ଗରାଜ, ବନବିହାରୀ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରୀତିରଞ୍ଜନ ବିଜୟସିଂ, ସଞ୍ଜୟ ପାଇକରାୟ ମ୍ୟାଚ ରେଫରି, ଅସିତ୍ କୁମାର ପରିଡ଼ା, ରଞ୍ଜନ ବରାଳ, ଶ୍ରଧାକର ପାତ୍ର ସ୍କୋରରଭାବେ ଦାୟିତ୍ୱ ତୁଲାଇଥିଲେ। ସଂଯୋଜକ ଭାବେ ଦୁର୍ଯ୍ୟୋଧନ ପରିଡ଼ା ଏବଂ ଅବ୍ୟକ୍ତ ହରିହର ଖାଡଙ୍ଗା ଦାୟିତ୍ୱ ତୁଲାଇଥିଲେ। ବୁଧବାର ପ୍ରଥମ ମ୍ୟାଚ ଗୁରୁଜଙ୍ଗ-ଗଙ୍ଗପଡା ଏବଂ ଦିତୀୟ ମ୍ୟାଚ ପାତ୍ରପଡ଼ା-ପାନବରଜ ଟିମ୍ ମଧ୍ୟରେ ହେବ ବୋଲି କାଜଲ ବଳିୟାରସିଂହ କହିଛନ୍ତି।

### ବିଜ୍ଞାନ ପ୍ରଦର୍ଶନୀ ପିଲାଙ୍କୁ ସୃଜନଶୀଳ କରିଥାଏ

ବାଲୁଗାଁ,୨୬।୧୧(ସଂଗ୍ରାମ ପାଇକରାୟ)

ବାଲୁଗାଁ ଗୋପବନ୍ଧୁନଗରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପକ୍ଷରୁ ରବିବାର ଶ୍ରୀଅରବିନ୍ଦଙ୍କ ପବିତ୍ର ସିଦ୍ଧି ଦିବସ ଅବସରରେ ବିଂଶତମ ବିଜ୍ଞାନ ପ୍ରଦର୍ଶନୀ ଓ ପ୍ରକଳ୍ପଭିତ୍ତିକ ସାହିତ୍ୟ, ଇତିହାସ, ଚିତ୍ରକଳା ତଥା ସର୍ଜନାତ୍ମକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ରମାକାନ୍ତ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୋଦାବରୀଶ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ନନ୍ଦ ମୁଖ୍ୟ ଅତିଥି ଏବଂ ଚିଲିକା ବ୍ଲକର ସହ ଶିକ୍ଷାଧିକାରୀ ନୀଳାଦ୍ରି ଭୂଷଣ ଦାଶ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ପ୍ରଦୀପ କୁମାର ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ପରେ ମୁଖ୍ୟବକ୍ତା ଦାଶ ବିଭିନ୍ନ ମହାପୁରୁଷଙ୍କ ଦୃଷ୍ଟିରେ ଶିକ୍ଷାର ଉଦ୍ଦେଶ୍ୟ ସହିତ ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରାସଙ୍ଗିକତା ଓ ଶିକ୍ଷାର୍ଥୀଙ୍କ ବୈଜ୍ଞାନିକ ମନୋବୃତ୍ତି ଓ ସର୍ଜନଶୀଳତାର ପରିସ୍ଫୁଟନ ନିମିତ୍ତ ବାର୍ଷିକ ପ୍ରଦର୍ଶନୀରେ ଅଧିକରୁ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ଅତିଥି ପ୍ରଫେସର ନନ୍ଦ ଭାରତୀୟ ସମ୍ବିଧାନରେ ପ୍ରତ୍ୟେକ ନାଗରିକଙ୍କ ବୈଜ୍ଞାନିକ ଜିଜ୍ଞାସା ବିକଶିତ କରିବାର ମୌଳିକ ଅଧିକାର ସମ୍ପର୍କରେ ବକ୍ତବ୍ୟ ଦେବା ସହ ଦୈନନ୍ଦିନ ଜୀବନରେ ପ୍ରତିଟି କ୍ଷେତ୍ରରେ କିପରି ବିଜ୍ଞାନ ଠିକ୍ ଜ୍ଞାନ ପ୍ରଦାନ ଓ ପରିଚାଳିତ କରୁଛି ସେ ସମ୍ପର୍କରେ ମା’ବାପା ଓ ଶିକ୍ଷକମାନେ ପିଲାମାନଙ୍କୁ ଦିଗ୍‌ଦର୍ଶନ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲା ପାଠଚକ୍ର ସଂଯୋଜକ ସୁରେନ୍ଦ୍ର ଜେନା, ପ୍ରକାଶ କୁମାର ମହାପାତ୍ର ଏବଂ ବାଣପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ସଞ୍ଜୟ ଦାଶ ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ରମାକାନ୍ତ ନନ୍ଦ ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରିଥିବା ବେଳେ କୈଳାସ ଚନ୍ଦ୍ର ମହାରଣା ସଂଯୋଜନା କରିଥିଲେ। ଦୁଇଶହରୁ ଉର୍ଦ୍ଧ୍ୱ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

# ୫ ବର୍ଷରେ ରାଜ୍ୟର ଦୁଗ୍ଧ ଉତ୍ପାଦନ ୨ ଗୁଣ ବଢ଼ିବ

**ଜାତୀୟ ଦୁଗ୍ଧ ଦିବସ**

ଭୁବନେଶ୍ୱର,୨୬।୧୧(ଅନିଲଦାସ)



ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଜଣେ ମହିଳା ଦୁଗ୍ଧ ଚାଷୀଙ୍କୁ ପୁରସ୍କୃତ କରୁଛନ୍ତି।

ଦୁଗ୍ଧ ଉତ୍ପାଦନରେ ରାଜ୍ୟର ଗ୍ରାମୀଣ ବିକାଶ ପାଇଁ ସାମର୍ଥ୍ୟ ରହିଛି। ଦୁଗ୍ଧ ଉତ୍ପାଦନ ସହିତ ଚାଷୀ ଓ ମହିଳାଙ୍କ ବିକାଶ ଜଡ଼ିତ ଥିବାରୁ ରାଜ୍ୟ ସରକାର ଏହା ଉପରେ ଧ୍ୟାନ ଦେଉଛନ୍ତି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରକାଶ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଆନୁକୂଲ୍ୟରେ ଓୟୁଏଟିର ଭେଟେରିନାରୀ କଲେଜ ସଭାଗୃହରେ ଜାତୀୟ ଦୁଗ୍ଧ ଦିବସ ପାଳନ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ଅଧିକ ସଂଖ୍ୟକ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ସରକାରଙ୍କ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ରାଜ୍ୟରେ ଏବେ ଦୈନିକ ପ୍ରାୟ ୭୨ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦିତ ହେଉଛି। ମୁଣ୍ଡପିଛା ଦୈନିକ ୩୦୦ ଗ୍ରାମ୍ ଦୁଗ୍ଧ ଆବଶ୍ୟକ ଥିବା ସ୍ଥଳେ ଆମ ରାଜ୍ୟରେ ପ୍ରାୟ ୧୬୦ ଗ୍ରାମ୍ ଦୁଗ୍ଧ ଉତ୍ପାଦିତ ହେଉଛି। ସରକାର ଗୋପାଳନକୁ ପ୍ରାଧାନ୍ୟ ଦେଇ ନୂତନ ଭାବେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିଛନ୍ତି। ଏହା ମାଧ୍ୟମରେ ଆଗାମୀ ୫ ବର୍ଷରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ଦୁଇଗୁଣ କରିବାର ଲକ୍ଷ୍ୟ ରଖାଯାଇଛି। ଗାଈ ଓ ମଇଁଷି ପାଳନ ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୭୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଯୋଗାଇ ଦିଆଯାଉଛି। ଏହା ରାଜ୍ୟର ଗୋପାଳକ, ମହିଳା, ଉଦ୍ୟୋଗୀ ଓ ଯୁବତୀଯୁବକମାନଙ୍କୁ ଗୋପାଳନ ପ୍ରତି ଆକୃଷ୍ଟ କରିବା ଏବଂ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଉଚ୍ଚତମ ସୋପାନରେ ପହଞ୍ଚିବ ବୋଲି ମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଗାଈ ଫାର୍ମ ଓ ଦୁଗ୍ଧ ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା କରିବା ପାଇଁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦିଆଯାଉଛି। ପ୍ରାଣୀଚିକିତ୍ସା ସେବା ପହଞ୍ଚାଇ ଦେବା ପାଇଁ ରାଜ୍ୟରେ ୩୧୪ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ୟୁନିଟ୍ କାର୍ଯ୍ୟ କରୁଛି। ରାଜ୍ୟର ଗୋପାଳକଙ୍କୁ ଅଧିକ ଲାଭବାନ କରିବା ପାଇଁ ଲିଙ୍ଗ ନିରୁପିତ ଶୁକ୍ର ମାଧ୍ୟମରେ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ କରାଯାଉଛି ଓ ଏହା ମାଧ୍ୟମରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ମାଈ ବାଛୁରୀ ଜନ୍ମ ହୋଇ ଗୋପାଳକ ଲାଭବାନ ହେଉଛନ୍ତି। ଏହି ଅବସରରେ ମନ୍ତ୍ରୀ ଭାରତରେ ଶ୍ୱେତ ବିପ୍ଳବର ଜନକ ପଦ୍ମବିଭୂଷଣ ଡ. ଭର୍ଗିଜ୍ କୁରିୟେନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାନିବେଦନ କରିଥିଲେ।

ହିମାଳୟର ହିମହ୍ରଦଗୁଡ଼ିକ ଦ୍ରୁତଗତିରେ ତରଳିବାରେ ଲାଗିଛି। ଏଥିଯୋଗୁ ପ୍ରାକୃତିକ ବିପର୍ଯ୍ୟୟ ଆଶଙ୍କା ବଢ଼ିଛି। ଜାତୀୟ ସବୁଜ ଟ୍ରିବ୍ୟୁନାଲ (ଏନ୍‌ଜିଟି) ମଙ୍ଗଳବାର ଏହା ଉପରେ ଚିନ୍ତା ପ୍ରକଟ କରିବା ସହ ଏନେଇ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ତାପମାତ୍ରା ବୃଦ୍ଧି ଯୋଗୁ ଗତ ୧୩ ବର୍ଷ ମଧ୍ୟରେ ହିମାଳୟର ହିମହ୍ରଦଗୁଡ଼ିକ ୧୦.୮୧% ବୃଦ୍ଧିପାଇଛି। ରିପୋର୍ଟ ଅନୁଯାୟୀ, ହିମବାହ ତରଳିବା କାରଣରୁ ବୃହତ୍ ହିମହ୍ରଦ ସୃଷ୍ଟି ହେଉଛି। ସେଗୁଡ଼ିକରେ ଅଧିକ ପରିମାଣର ଜଳ ଜମା ହେଉଥିବାରୁ ବନ୍ୟା ଓ ହିମସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧିପାଉଛି। ନିକଟରେ ଏ ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇବା ପରେ ଏନ୍‌ଜିଟି ଏହି ବିଷୟକୁ ସଂଜ୍ଞାନକୁ ନେଇ ନିଜ ଆଡ଼ୁ ମାମଲା ରୁଜୁ କରିଛନ୍ତି।

ଗତ ୧୯ରେ ଏନ୍‌ଜିଟି ଅଧ୍ୟକ୍ଷ ଜଷ୍ଟିସ୍ ପ୍ରକାଶ ଶ୍ରୀବାସ୍ତବଙ୍କ ଖଣ୍ଡପୀଠ କହିଥିଲେ, ୨୦୧୧ରୁ ୨୦୨୪ ମଧ୍ୟରେ ଭାରତରେ ହିମହ୍ରଦର ଉପରଭାଗ ଅଞ୍ଚଳ ୩୩.୭% ବୃଦ୍ଧି ପାଇଛି। ହଠାତ୍ ହିମହ୍ରଦରେ ଆସୁଥିବା ବନ୍ୟା ତଳମୁଣ୍ଡରେ ବସବାସ କରୁଥିବା ଲୋକଙ୍କ ଜୀବନକୁ ବିପନ୍ନ କରିବା ସହ ଭିତ୍ତିଭୂମି ଓ ଜୈବବିବିଧତାକୁ ନଷ୍ଟ କରିଦେଉଛି। ଲଦାଖ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ସିକିମ ଓ ଅରୁଣାଚଳ ପ୍ରଦେଶ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏଭଳି କ୍ଷତି ଏଡ଼ାଇବା ସକାଶେ ତ୍ୱରାନ୍ୱିତ ଅନୁଧ୍ୟାନ, ତ୍ୱରିତ ସତର୍କତା ବ୍ୟବସ୍ଥା ଓ ବିକଶିତ ବନ୍ୟା ପରିଚାଳନା ରଣନୀତି ଆପଣାଯିବା ଜରୁରୀ। ଆଇନ, ଜଳ (ପ୍ରଦୂଷଣ ନିରାକରଣ ଓ ନିୟନ୍ତ୍ରଣ) ଆଇନ ଏବଂ ପରିବେଶ ସୁରକ୍ଷା ଆଇନର ଉଲ୍ଲଂଘନ। ତେଣୁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସଚିବ, ଜି.ବି. ପନ୍ତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହିମାଳୟାନ୍ ଏନ୍‌ଭାଇରୋନ୍‌ମେଣ୍ଟ ନିର୍ଦ୍ଦେଶକ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଟ୍ରିବ୍ୟୁନାଲ ନୋଟିସ କରିଛନ୍ତି। ୨୦୨୫ ମାର୍ଚ୍ଚ ୧୦ ଶୁଣାଣିର ସପ୍ତାହେ ପୂର୍ବରୁ ଜବାବ ରଖିବା ପାଇଁ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଚାଇନା ସାମଗ୍ରୀ ଉପରେ ଶୁଳ୍କ ବଢ଼ାଇବେ ଟ୍ରମ୍ପ୍

ୱାଶିଂଟନ, ୨୬।୧୧

ଆସନ୍ତା ଜାନୁଆରୀ ୨୦ରେ ଡୋନାଲ୍ଡ ଟ୍ରମ୍ପ୍ ଆମେରିକା ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବେ। ତେବେ ଏହାପୂର୍ବରୁ ସେ ଚାଇନା, କାନାଡା ଏବଂ ମେକ୍ସିକୋକୁ ଏକ ବଡ଼ ଝଟକା ଦେଇଛନ୍ତି। ଆମେରିକାକୁ ଚାଇନା, କାନାଡା ଏବଂ ମେକ୍ସିକୋରୁ ଆସୁଥିବା ସମସ୍ତ ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି କରିବାକୁ ସେ ଯୋଜନା ପ୍ରସ୍ତୁତ କରିଛନ୍ତି। ମଙ୍ଗଳବାର ଏକ ସୋସିଆଲ ମିଡିଆ ପୋଷ୍ଟ କରି ଟ୍ରମ୍ପ୍ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆମେରିକାକୁ ଆସୁଥିବା ଚାଇନାର ସମସ୍ତ ସାମଗ୍ରୀ ଉପରେ ଅତିରିକ୍ତ ୧୦% ଶୁଳ୍କ ଲାଗୁ କରାଯିବ। ସେହିପରି କାନାଡା ଏବଂ ମେକ୍ସିକୋରୁ ଆସୁଥିବା ସମସ୍ତ ସାମଗ୍ରୀ ଉପରେ ୨୫% ଶୁଳ୍କ ଲାଗୁ ହେବ। ଜାନୁଆରୀ ୨୦ରେ ସେ ଶପଥ ନେବା ପରେ ଏହି ଶୁଳ୍କ ଲାଗୁ କରାଯିବ ବୋଲି ଟ୍ରମ୍ପ୍ କହିଛନ୍ତି। ବେଆଇନ ଡ୍ରଗ୍ସ କାରବାର ରୋକିବାକୁ ଏହି ଯୋଜନା ପ୍ରସ୍ତୁତ ହୋଇଛି ବୋଲି ସେ କହିଛନ୍ତି।

## ଚିନ୍ମୟ ଦାସଙ୍କ ଗିରଫ ପ୍ରତିବାଦରେ ବିକ୍ଷୋଭ



ଢାକା, ୨୬।୧୧

**ପୋଲିସ-ବିକ୍ଷୋଭକାରୀ ଧସ୍ତାଧସ୍ତି ଜଣେ ମୃତ, ୨୭ ଆହତ**

ହିନ୍ଦୁ ସନ୍ଥ ଚିନ୍ମୟ କୃଷ୍ଣ ଦାସ୍‌ଙ୍କ ଜାମିନ ଆବେଦନକୁ ମଙ୍ଗଳବାର ଚଟ୍ଟଗ୍ରାମ କୋର୍ଟ ଖାରଜ କରିଦେଇଥିଲେ। ଫଳରେ ସେଠାରେ ଅନେକ ହଜାର ସଂଖ୍ୟାରେ ହିନ୍ଦୁ ସମୁଦାୟର ଲୋକେ ପ୍ରତିବାଦ କରିଥିଲେ। ଘଟଣାସ୍ଥଳରେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଜଣେ ବିକ୍ଷୋଭକାରୀଙ୍କ ମୃତ୍ୟୁ ହୋଇଥିବାବେଳେ ୨୭ ଜଣ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ଗଭୀର ଚିନ୍ତା ପ୍ରକଟ କରିଛି। ହିନ୍ଦୁ ସମେତ ସମସ୍ତ ସଂଖ୍ୟାଲଘୁ ସମୁଦାୟର ଲୋକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ବାଂଲାଦେଶର ଅନ୍ତରୀଣ ସରକାରଙ୍କୁ ଭାରତ ଆଗ୍ରହ କରିଛି। ସେହିପରି ଚରମପନ୍ଥୀଙ୍କ ଦ୍ୱାରା ହିନ୍ଦୁ ଏବଂ ବିଭିନ୍ନ ସଂଖ୍ୟାଲଘୁ ସମୁଦାୟକୁ କରାଯାଇଥିବା ବିଭିନ୍ନ ଆକ୍ରମଣ ଘଟଣାରେ ଭାରତ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

## ପିଟିଆଇ ବିକ୍ଷୋଭରେ ହିଂସା, ୬ ସୁରକ୍ଷା କର୍ମୀ ନିହତ

ଇସ୍‌ଲାମାବାଦ, ୨୬।୧୧



ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଜେଲରୁ ମୁକୁଳାଇବା ଦାବିରେ ପାକିସ୍ତାନ ତହରିକ୍-ଏ-ଇନସାଫ୍ (ପିଟିଆଇ)ର କାର୍ଯ୍ୟକର୍ତ୍ତାମାନଙ୍କ ବିକ୍ଷୋଭ ପ୍ରଦର୍ଶନ ମଙ୍ଗଳବାର ହିଂସ୍ର ରୂପ ଧାରଣ କରିଛି। ଇସ୍‌ଲାମାବାଦର ଡି-ଚୌକରେ ଇମ୍ରାନଙ୍କ ସ୍ତ୍ରୀ ବୁଶ୍‌ରା ବିବିଙ୍କ ନେତୃତ୍ୱରେ ପିଟିଆଇ କର୍ମୀମାନେ ଉତ୍ତେଜିତ ହୋଇ ସୁରକ୍ଷା କର୍ମୀଙ୍କ ଉପରକୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ସୁରକ୍ଷା କର୍ମୀ ଓ ପିଟିଆଇ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ହିଂସାରେ ୬ ଜଣ ସୁରକ୍ଷା କର୍ମୀ ଓ ୨ ଜଣ ପିଟିଆଇ କାର୍ଯ୍ୟକର୍ତ୍ତା ନିହତ ହୋଇଛନ୍ତି। ସେହିପରି ୧୦୦ ଜଣ ସୁରକ୍ଷା କର୍ମୀ ଆହତ ମଧ୍ୟ ହୋଇଛନ୍ତି। ପ୍ରଦର୍ଶନକାରୀଙ୍କୁ କାବୁକରିବା ପାଇଁ ପୋଲିସ ଲୁହବୁହା ଗ୍ୟାସ୍‌ର ପ୍ରୟୋଗ କରିଥିବାରୁ ବିକ୍ଷୋଭକାରୀମାନେ ଉତ୍ତେଜିତ ହୋଇ ପୋଲିସ ଉପରକୁ ପାଲଟା ଆକ୍ରମଣ କରିଥିଲେ। ତେବେ ଦାବି ପୂରଣ ନ ହେବା ଯାଏ ପଛକୁ ନ ହଟିବା ପାଇଁ ବିକ୍ଷୋଭରତ ପିଟିଆଇ କର୍ମୀଙ୍କୁ ଜେଲରେ ଥାଇ ଇମ୍ରାନ ଆହ୍ୱାନ କରିଛନ୍ତି।

## ପେପର ବାଲଟକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ, ୨୬।୧୧ (ପି.ଟି.)

**ହାରିଲେ ଇଭିଏମ୍‌ରେ ଜାଲିଆତି, ଜିତିଲେ ଭଲ**

ଦେଶର ନିର୍ବାଚନରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ପରିବର୍ତ୍ତେ ପେପର ବାଲଟ ପ୍ରଚଳନ ପାଇଁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ଯେତେବେଳେ ହାରିଯାଉଛ, ସେତେବେଳେ ଇଭିଏମ୍‌ରେ ଜାଲିଆତି ଅଭିଯୋଗ ଆଣୁଛ ଅଥଚ ଜିତିଲା ବେଳେ ଟ୍ୟାମ୍ପରିଂ ହେଉନାହିଁ। ଏଭଳି ଚମତ୍କାର ବିଚାର କେଉଁଠୁ ପାଉଛ ବୋଲି ଜଷ୍ଟିସ୍ ବିକ୍ରମ ନାଥ ଏବଂ ପି.ବି. ଭରାଲେଙ୍କ ଖଣ୍ଡପୀଠ ଆବେଦନକାରୀଙ୍କୁ ପ୍ରଶ୍ନ କରିଥିଲେ।

ପିଟିଶନର କେ.ଏ. ପଲ୍ କହିଥିଲେ, ଚନ୍ଦ୍ରବାବୁ ନାଇଡୁ, ୱାଇଏସ୍ ଜଗନମୋହନ ରେଡ୍ଡୀ ପୂର୍ବରୁ ଇଭିଏମ୍ ଟ୍ୟାମ୍ପରିଂକୁ ନେଇ ପ୍ରଶ୍ନ ଉଠାଇଥିଲେ। ଚନ୍ଦ୍ରବାବୁ କିମ୍ବା ଜଗନମୋହନ ହାରିବା ସମୟରେ ଇଭିଏମ୍‌ରେ ଜାଲିଆତି ଅଭିଯୋଗ ଆଣିଥିଲେ, ଜିତିଲା ବେଳେ ଆପତ୍ତି ଉଠାଇ ନ ଥିଲେ। ସେଗୁଡ଼ିକୁ ନେଇ ଯୁକ୍ତି କରିବାର ସ୍ଥାନ ଏହା ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ପଲ୍ ଏକ ସଂଗଠନର ଅଧ୍ୟକ୍ଷ ଏବଂ ସେ ୧୫୦ ଦେଶ ଭ୍ରମଣ କରିଛନ୍ତି ବୋଲି କହିବାରୁ ଖଣ୍ଡପୀଠ କହିଥିଲେ, ଆପଣଙ୍କ କାର୍ଯ୍ୟକ୍ଷେତ୍ର ଭିନ୍ନ ହୋଇଥିବାବେଳେ ରାଜନୀତି ଭିତରକୁ ପଶୁଛ କାହିଁକି? ଅନ୍ୟ ଦେଶଗୁଡ଼ିକରେ ବାଲଟ ପେପର ନା ଇଭିଏମ୍ ବ୍ୟବହାର କରାଯାଉଛି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

ସେହିପରି ପ୍ରାର୍ଥୀମାନେ ନିର୍ବାଚନ ବେଳେ ଯଦି ଟଙ୍କା, ମଦ ଓ ଅନ୍ୟାନ୍ୟ ସାମଗ୍ରୀ ବାଣ୍ଟିଥିବା ନେଇ ଦୋଷୀସାବ୍ୟସ୍ତ ହୁଅନ୍ତି, ତେବେ ସେମାନଙ୍କୁ ଅନ୍ୟୂନ ୫ ବର୍ଷ ପାଇଁ ନିର୍ବାଚନ କମିଶନ ଅଯୋଗ୍ୟ ଘୋଷଣା କରିବା ନିମନ୍ତେ ଅଦାଲତ ନିର୍ଦ୍ଦେଶ ଦେବାକୁ ପିଟିଶନର ନିବେଦନ କରିଥିଲେ। ୨୦୨୪ ଜୁନ୍‌ରେ ନିର୍ବାଚନ କମିଶନ ୯,୦୦୦ କୋଟି ଟଙ୍କା ଜବତ କରିଥିବା ଘୋଷଣା କରିଥିଲେ। ତେବେ ବାଲଟ ପେପର ବ୍ୟବହାର କରାଗଲେ ଦୁର୍ନୀତି ହେବ ନାହିଁ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।



ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କଠାରୁ ଇସ୍ତଫାପତ୍ର ଗ୍ରହଣ କରୁଛନ୍ତି। ନିକଟରେ ଭାଜପା ନେତା ଦେବେନ୍ଦ୍ର ଫଡ଼ନବିସ୍ ଏବଂ ଏନ୍‌ସିପି ନେତା ଅଜିତ ପାୱାର ଉପସ୍ଥିତ ଅଛନ୍ତି।

# ୨୯ରେ ସାଧାରଣ ସଭାକୁ ସମ୍ବୋଧନ, ରୋଡ୍ ଶୋ' କରିବେ ମୋଦି

ଭୁବନେଶ୍ୱର, ୨୬।୧୧ (ସୁନିତ୍ ମିଶ୍ର)

## ଦଳୀୟ କାର୍ଯ୍ୟାଳୟରେ ୨ ଘଣ୍ଟା ଧରି ବୈଠକ କରିବେ

ଓଡ଼ିଶାରେ ଭାଜପା ସରକାର ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨ୟ ଥର ଲାଗି ଆସନ୍ତା ୨୯ରେ ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଗସ୍ତ କାଳରେ ସେ ଉଭୟ ସରକାରୀ ଏବଂ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ। ୨୯ ତାରିଖ ଅପରାହ୍ନ ୪ଟା୧୫ ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବେ। ସେଠାରେ ସେ ଏକତ୍ରିତ ହୋଇଥିବା ଲୋକମାନଙ୍କୁ କିଛି ସମୟ ଉଦ୍‌ବୋଧନ ଦେବେ ବୋଲି ଜଣାପଡ଼ିଛି। ଏହାପରେ ସେଠାରୁ ରୋଡ୍ ଶୋ ଜରିଆରେ ଆସି ରାଜଭବନ ପର୍ଯ୍ୟନ୍ତ ଯିବେ। ପରେ ପ୍ରଧାନମନ୍ତ୍ରୀ ରାଜଭବନରୁ ବାହାରି ଦଳୀୟ କାର୍ଯ୍ୟାଳୟକୁ ଯିବେ। ସେଠାରେ ସେ ୨ ଘଣ୍ଟା ରହିବେ। ଏହି ଅବସରରେ ଦଳୀୟ ଏମ୍‌ପି, ବିଧାୟକ, ମନ୍ତ୍ରୀ, ବରିଷ୍ଠ ପଦାଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବା ପୂର୍ବରୁ ବିମାନବନ୍ଦରଠାରୁ ରାଜଭବନ ପର୍ଯ୍ୟନ୍ତ ରାସ୍ତାର ଉଭୟ କଡ଼ରେ ଥିବା କ୍ୱାର୍ଟର୍ସ ଆଗରେ ଷ୍ଟିଲର ନୂଆ ବ୍ୟାରିକେଡିଂ ହେଉଥିବା ଦେଖିବାକୁ ମିଳିଛି। ଏହାସହ ବମ୍ ଚେକିଂ ସ୍କ୍ୱାଡ୍ ମଧ୍ୟ ଅନେକ ସ୍ଥାନ ବୁଲି ଚେକିଂ ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଉଭୟ ପ୍ରଶାସନିକ ଓ ରାଜନୈତିକ ସ୍ତରରେ ବାରମ୍ବାର ବୈଠକ ଆରମ୍ଭ ହୋଇଯାଇଛି। ପ୍ରଧାନମନ୍ତ୍ରୀ ୩୦ ତାରିଖରେ ଲୋକସେବା ଭବନ ନୂତନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଡିଜିପି ସମ୍ମିଳନୀରେ ଯୋଗଦେବେ। ତେବେ ଆସନ୍ତା ୧ରେ ତାଙ୍କର କ'ଣ କାର୍ଯ୍ୟକ୍ରମ ରହିଛି ସେନେଇ କିଛି ସ୍ପଷ୍ଟ ହୋଇ ନାହିଁ।

# ଇସ୍ତଫା ଦେଲେ ଏକନାଥ ଶିନ୍ଦେ

ମୁମ୍ବାଇ, ୨୬।୧୧

## ଫଡ଼ନବିସ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରିବା ଲାଗି ଭାଜପାର ଚାପ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ମହାୟୁତିର ମହା ବିଜୟ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ କିଏ ହେବେ, ଏହାକୁ ନେଇ ଉତ୍କଣ୍ଠା ଜାରି ରହିଛି। ଚତୁର୍ଦ୍ଦଶ ବିଧାନସଭାର କାର୍ଯ୍ୟକାଳ ମଙ୍ଗଳବାର ଶେଷ ହୋଇଥିବାବେଳେ ଏକନାଥ ଶିନ୍ଦେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ ଏକନାଥଙ୍କ ଇସ୍ତଫାପତ୍ର ଗ୍ରହଣ କରିବା ସହ ନୂଆ ସରକାର ଗଢ଼ାଯିବା ପର୍ଯ୍ୟନ୍ତ କାମଚଳା ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିବାକୁ କହିଥିଲେ। ତେବେ କିଏ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ତାହା ଭାଜପା ନେତୃତ୍ୱାଧୀନ ମେଣ୍ଟ ଏପର୍ଯ୍ୟନ୍ତ ଚୂଡ଼ାନ୍ତ କରିନାହିଁ। ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ମୁଖ୍ୟମନ୍ତ୍ରୀ ହେବା ଭାଜପା ନେତୃବୃନ୍ଦ ଚାହୁଁଥିବାବେଳେ ଶିନ୍ଦେ ଏହି ପଦରେ ରହିବା ପାଇଁ ଶିବସେନା ବିଧାୟକମାନେ ଚାହୁଁଛନ୍ତି। ଅନ୍ୟପକ୍ଷରେ ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ଫଡ଼ନବିସ୍‌ଙ୍କୁ ସମର୍ଥନ ଦେବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ୨୮୮ ଆସନ ବିଶିଷ୍ଟ ବିଧାନସଭାରେ ଭାଜପାର ୧୩୨ ବିଧାୟକ ରହିଥିବାବେଳେ ଶିବସେନାର ୫୭ ଏବଂ ଏନ୍‌ସିପିର ୪୧ ବିଧାୟକ ଅଛନ୍ତି। ତେଣୁ ମ୍ୟାଜିକ୍ ନମ୍ବର ୧୪୫ରେ ପହଞ୍ଚିବା ପାଇଁ ଭାଜପାକୁ ଦୁଇ ସହଯୋଗୀମାନଙ୍କ ମଧ୍ୟରୁ କେବଳ ଗୋଟିଏର ସମର୍ଥନ ଯଥେଷ୍ଟ। ଫଳରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଶିନ୍ଦେ ମୂଲଚାଲ କରିବା ସ୍ଥିତିରେ ନାହାନ୍ତି। ଶିବସେନା ନେତାମାନେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବଙ୍ଗଳା ବାହାରେ ଶକ୍ତି ପ୍ରଦର୍ଶନ କରିବାକୁ ଯୋଜନା କରିଥିବାବେଳେ ଶିନ୍ଦେ ସେମାନଙ୍କୁ ମନା କରିଥିଲେ।

# ଅମାନତ ହରାଇଛନ୍ତି ୮୫% ପ୍ରାର୍ଥୀ

ନାଗପୁର, ୨୬।୧୧

## ମହାରାଷ୍ଟ୍ର ନିର୍ବାଚନ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ମୋଟ ୪,୧୩୬ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେମାନଙ୍କ ମଧ୍ୟରୁ ୩,୫୧୫ ଜଣ ଇସିଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ଭୋଟ ଶେୟାର ହାସଲ କରିବାରେ ବିଫଳ ହୋଇଥିବାରୁ ଅମାନତ ଜମା ହରାଇଛନ୍ତି। ସେମାନଙ୍କର ୩.୫ କୋଟି ଅମାନତ ଜମା ବାଜ୍ୟାପ୍ତ ହୋଇଛି, ଯାହାକି ୧୦ ବର୍ଷ ମଧ୍ୟରେ ସର୍ବାଧିକ। ୨୦୧୪ରେ ୩,୪୨୨ ପ୍ରାର୍ଥୀ (୮୩.୧ ପ୍ରତିଶତ) ଅମାନତ ଜମା ବାବଦରେ ୩.୪ କୋଟି ଟଙ୍କା ହରାଇଥିଲେ। ସେହିପରି ୨୦୧୯ରେ ୩,୨୩୭ ପ୍ରାର୍ଥୀ (୮୦.୫%) ଅମାନତ ଜମା ବାବଦକୁ ୨.୬ କୋଟି ଟଙ୍କା ହରାଇଥିଲେ।

ଲୋକ ପ୍ରତିନିଧି ଆଇନ, ୧୯୫୧ ଅନୁଯାୟୀ, ଜଣେ ପ୍ରାର୍ଥୀ ତାଙ୍କ ନିର୍ବାଚନ ମଣ୍ଡଳୀରେ ହୋଇଥିବା ମତଦାନର ଅନ୍ୟୂନ ଏକ-ଷଷ୍ଠାଂଶ ହାସଲ କରିବାରେ ବିଫଳ ହେଲେ ତାଙ୍କ ଅମାନତ ଜମା ବାଜ୍ୟାପ୍ତ ହୋଇଥାଏ। ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କୁ ୧୦ ହଜାର ଟଙ୍କା ଏବଂ ଏସ୍‌ସି/ଏସ୍‌ଟି ପ୍ରାର୍ଥୀଙ୍କୁ ୫ ହଜାର ଟଙ୍କା ଅମାନତ ଜମା କରିବାକୁ ପଡ଼ିଥାଏ। ଏଥର ନିର୍ବାଚନରେ ମହାବିକାଶ ଅଘାଡ଼ି ୨୨ ଆସନରେ ଅମାନତ ହରାଇଛି। କଂଗ୍ରେସ ଏକାକୀ ୯ ଆସନରେ ଅମାନତ ହରାଇଥିବାବେଳେ ଶିବସେନା (ୟୁବିଟି) ୮ଟି ଏବଂ ଏନ୍‌ସିପି (ଏସ୍‌ପି) ୩ ଆସନରେ ଅମାନତ ହରାଇଛି।



ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଶପଥ ନେବାକୁ ଯାଉଥିବା ହେମନ୍ତ ସୋରେନ୍ ଏବଂ ସ୍ତ୍ରୀ ତଥା ଜେଏମ୍‌ଏମ୍ ନେତ୍ରୀ କଳ୍ପନା ସୋରେନ ମଙ୍ଗଳବାର ନୂଆଦିଲ୍ଲୀରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କୁ ଭେଟୁଛନ୍ତି।

# ଚର୍ଚ୍ଚାରେ ବ୍ରହ୍ମପୁର ମେୟର, ବିଜେଡି କର୍ପୋରେଟରଙ୍କ ପୁରୀ ଗସ୍ତ

ବ୍ରହ୍ମପୁର, ୨୬।୧୧ (ନରସିଂହ ସାହୁ)

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ମେୟର ସଂଘମିତ୍ରା ଦଳେଇଙ୍କ ନେତୃତ୍ୱରେ ଡେପୁଟି ମେୟର ବିବେକ ରେଡ୍ଡୀଙ୍କ ସମେତ ୨୬ ବିଜେଡି କର୍ପୋରେଟର ହଠାତ୍ ପୁରୀ ଯାଇଥିବାରୁ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଅନ୍ୟପକ୍ଷରେ ବିଜେଡିରେ ଅନ୍ତଃକନ୍ଦଳ ପୁଣି ପଦାକୁ ଆସିଛି। ମଙ୍ଗଳବାର ମେୟର ୨୬ ଜଣ ବିଜେଡି କର୍ପୋରେଟରଙ୍କୁ ନେଇ ପୁରୀ ଯାଇଛନ୍ତି। ସେଠାରେ କାର୍ଯ୍ୟକାରୀ ହେଉଥିବା ଘରକୁ ରନ୍ଧନ ଗ୍ୟାସ୍ ପାଇପ୍‌ଲାଇନ କାର୍ଯ୍ୟକ୍ରମ ଦେଖିବା ଉଦ୍ଦେଶ୍ୟରେ ଏହି ଗସ୍ତ ବୋଲି କୁହାଯାଇଥିଲେ ମଧ୍ୟ ରାଜନୀତି ଗନ୍ଧ ଥିବା ଚର୍ଚ୍ଚା ହେଉଛି। କର୍ପୋରେଟରମାନେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ସହ ଅନ୍ୟ ଗୋଷ୍ଠୀର ଚକ୍ରାନ୍ତ ପଣ୍ଡ ଲାଗି ସଂକଳ୍ପ ନେବେ ବୋଲି ଅନୁମାନ କରାଯାଉଛି। ତେବେ ଏ ନେଇ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ପଚାରିବାରୁ, ଜଗନ୍ନାଥଙ୍କ ଦର୍ଶନ ଓ ରିଲାକ୍ସ ପାଇଁ କର୍ପୋରେଟରମାନେ ଯାଇଥିବା କହିଛନ୍ତି।

ଗତ କିଛି ମାସ ହେବ ବ୍ରହ୍ମପୁର ବିଜେଡି ରାଜନୀତି ରୋଚକ ହେବାରେ ଲାଗିଛି। ଗୋଟିଏ ଗୋଷ୍ଠୀ ଜିଲା ସଭାପତି ଓ ମେୟରଙ୍କ ଇଙ୍ଗିତରେ ପରିଚାଳିତ ହେଉଥିବା ବେଳେ ଅନ୍ୟ ଗୋଷ୍ଠୀ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମର୍ଥକ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ, ୨୦୦୩ ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ ଆକ୍ଟ ଅନୁସାରେ ପୌର ନିର୍ବାଚନରେ ନିର୍ବାଚିତ ମେୟର ଓ ଅନ୍ୟ ଜନ ପ୍ରତିନିଧିଙ୍କ ୨ ବର୍ଷ ପୂରିବା ପରେ ଅନାସ୍ଥା ପ୍ରସ୍ତାବ ଆଗତ ହେବାର ନିୟମ ରହିଛି। ଏବେ ଅଢ଼େଇ ବର୍ଷ ବିତିଯାଇଛି। ପ୍ରଥମେ ଡେପୁଟି ମେୟରଙ୍କୁ ହଟାଇବା ଲାଗି ପ୍ରୟାସ ଆରମ୍ଭ ହୋଇଥିଲା। ଅକ୍ଟୋବର ୨୩ ତାରିଖରେ ଗୋଟିଏ ଗୋଷ୍ଠୀର ୧୧ ଜଣ ବିଜେଡି କର୍ପୋରେଟର ଆସାମ କାମାକ୍ଷା ପୀଠକୁ ଯାଇଥିଲେ। ସେମାନେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମର୍ଥକ ଥିଲେ ବୋଲି କୁହାଯାଉଛି। ତେବେ ଅନାସ୍ଥା ଫଳପ୍ରଦ ହୋଇ ନ ଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜାନ୍ ଯାଉ,**
**ମାନ ଥାଉ।**

ମଣିଷର ମର୍ଯ୍ୟାଦା ପ୍ରାଣଠାରୁ ବି ବିଶାଳ। ମର୍ଯ୍ୟାଦା ଥରେ ଚାଲିଗଲେ ଆଉ ଫେରି ନ ଥାଏ। ତେଣୁ ଏଥିପ୍ରତି ସତର୍କ ରହିବା ଲାଗି ଏଠାରେ ଉପଦେଶ ଦିଆଯାଇଛି।

**ଜନମୁ ସେ ପଚିଶ ହାତ,**
**ଯୁଆନ ବେଳେ ହାତେ,**
**ବୁଢ଼ା କାଳେ ପଚାଶ ହାତ,**
**କିଏ କହିବ ମତେ।**

ଏହା ଏକ ନାଁ ଦିଆ ପହେଳି। ସୂର୍ଯ୍ୟ ଉଦୟଠାରୁ ଆରମ୍ଭକରି ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସୂର୍ଯ୍ୟକିରଣର ତେଜ ବା ପ୍ରଖରତାରେ ରହୁଥିବା ଭିନ୍ନତାକୁ ଦୃଷ୍ଟିରେ ରଖି ଏଭଳି ପ୍ରହେଳିକା ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସମ୍ବିଧାନ ନାଗରିକଙ୍କୁ ଆଇନଗତ ଅଧିକାର ଦେଇଛି: ମନମୋହନ

ଭୁବନେଶ୍ୱର, ୨୬।୧୧ (ସୁନିତ୍ ମିଶ୍ର)




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟ ଦଳୀୟ ନେତାମାନେ।

ସମ୍ବିଧାନ ଦିବସ ସମଗ୍ର ଦେଶରେ ପାଳନ କରାଯାଉଥିବା ବେଳେ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଦ୍ଧିଜୀବୀ ପ୍ରକୋଷ୍ଠ ଓ ଲିଗାଲ ସେଲ୍ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏହାକୁ ରାଜ୍ୟ ସଭାପତି ମନମୋହନ ସାମଲ ଉଦ୍‌ଘାଟନ କରି କହିଛନ୍ତି, ଭାରତୀୟ ସମ୍ବିଧାନ ଆମ ଦେଶର ଶାସନ ପ୍ରଣାଳୀକୁ ସରଳ କରିବା ସହ ସର୍ବବ୍ୟାପୀ ତଥା ସମସ୍ତ ନାଗରିକଙ୍କୁ ଆଇନଗତ ଅଧିକାର ପ୍ରଦାନ କରିଛି। ଆମ ସମ୍ବିଧାନ, ଆମ ସ୍ୱାଭିମାନ। ଏହି ଅବସରରେ ମନମୋହନ ଭାରତ ସମ୍ବିଧାନ ପ୍ରସ୍ତାବନାକୁ ଶପଥ କରାଇଛନ୍ତି। ଏହି ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ବିଧାୟକ ଇରାଶିଷ ଆଚାର୍ଯ୍ୟ ସମ୍ବିଧାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ କଂଗ୍ରେସ ସରକାର ସମୟରେ ସମ୍ବିଧାନର କାର୍ଯ୍ୟକାରିତାରେ ଅନେକ ତ୍ରୁଟି କରିବା ସହ ନିଜ ଦଳର ରାଜନୈତିକ ସ୍ୱାର୍ଥ ପାଇଁ ସମ୍ବିଧାନକୁ ବଦଳାଇବା ଏବଂ ଅପବ୍ୟବହାର କରିଥିବା କଥା କହିଛନ୍ତି। ବୁଦ୍ଧିଜୀବୀ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ସୁଦର୍ଶନ ନାୟକ ନିଜ ମତ ଉପସ୍ଥାପନା କରିବା ପରେ ଅନ୍ୟତମ ବକ୍ତା କେନ୍ଦ୍ର ସରକାରଙ୍କ ଷ୍ଟାଣ୍ଡିଂ କାଉନ୍‌ସିଲ ଉମାକାନ୍ତ ପଟ୍ଟନାୟକ, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରମୁଖ ଅଭିଭାଷଣ ରଖିଛନ୍ତି।

# ସମ୍ବିଧାନ ହତ୍ୟା ପାଇଁ ଷଡ଼ଯନ୍ତ୍ର ଚାଲିଛି: ବିରୋଧୀ ମେଣ୍ଟ

ଭୁବନେଶ୍ୱର, ୨୬।୧୧ (ସୁନିତ୍ ମିଶ୍ର)

ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ୭୫ତମ ସମ୍ବିଧାନ ଦିବସ ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ସମାରୋହରେ ପାଳିତ ହୋଇଛି। ଏହି ଉପଲକ୍ଷେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଅଧ୍ୟକ୍ଷତାରେ ସମସ୍ତ ସମଭାବାପନ୍ନ ରାଜନୈତିକ ଦଳ (ବିରୋଧୀ ମେଣ୍ଟ ବା ଇଣ୍ଡିଆ)କୁ ନେଇ 'ସମ୍ବିଧାନ ଓ ଭାରତୀୟ ଗଣତନ୍ତ୍ର' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। କାଡାମ ଉପସ୍ଥିତ ନେତୃବୃନ୍ଦଙ୍କୁ ସର୍ବପ୍ରଥମେ ସମ୍ବିଧାନର ମୁଖବନ୍ଧ ପାଠ କରାଇଛନ୍ତି। ସ୍ୱାଗତ ଭାଷଣ ଦେଇ କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ ସମ୍ବିଧାନ ସୁରକ୍ଷା ଆମ୍ଭମାନଙ୍କ ପ୍ରଥମ ଦାୟିତ୍ୱ ବୋଲି କହିଛନ୍ତି। ଏହି ଅବସରରେ ବିରୋଧୀ ମେଣ୍ଟର ବହୁ ସଦସ୍ୟ ନିଜ ବକ୍ତବ୍ୟରେ କହିଛନ୍ତି, ଭାରତର ସମ୍ବିଧାନ ପ୍ରତ୍ୟେକ ଭାରତବାସୀଙ୍କ ରକ୍ଷାକବଚ। ସମ୍ବିଧାନ ସୁରକ୍ଷିତ ରହିଲେ ଜନସାଧାରଣ ସୁରକ୍ଷିତ ରହିବେ। କିନ୍ତୁ ବର୍ତ୍ତମାନ ସମ୍ବିଧାନକୁ ହତ୍ୟା କରିବା ପାଇଁ ଷଡଯନ୍ତ୍ର ଚାଲିଛି ବୋଲି ବିରୋଧୀ ମେଣ୍ଟ ପକ୍ଷରୁ କହିଛନ୍ତି।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# କେନ୍ଦ୍ରର ଜନବିରୋଧୀ ନୀତିକୁ ବିଭିନ୍ନ ସଙ୍ଗଠନର ବିରୋଧ

ଭବାନୀପାଟଣା, ୨୬।୧୧ (ଉତ୍ତମ କୁମାର ଦାଶ)

## ଜିଲାପାଳ ଅଫିସ ସମ୍ମୁଖରେ ଧାରଣା




ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଛି।

କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ମଙ୍ଗଳବାର ଭବାନୀପାଟଣା ଜିଲାପାଳଙ୍କ ଅଫିସ ସମ୍ମୁଖରେ ଜିଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଗଣଧାରଣା ଦିଆଯାଇଛି। କଳାହାଣ୍ଡି ଜିଲା କେନ୍ଦ୍ରୀୟ ଟ୍ରେଡ ୟୁନିଅନ, ସ୍ୱାଧୀନ ଫେଡେରେଶନର ମିଳିତ ମଞ୍ଚ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା, ମା' ମାଟି ମାଳି ସୁରକ୍ଷା ମଞ୍ଚ ପକ୍ଷରୁ ୨୬ ଦଫା ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦରବୃଦ୍ଧି ରୋକିବା, କୃଷିଜାତ ଦ୍ରବ୍ୟ ଉପରୁ ଜିଏସ୍‌ଟି ପ୍ରତ୍ୟାହାର, ମାଗଣା ଶିକ୍ଷା, ସମସ୍ତ ଆଦିବାସୀ ଓ ଜଙ୍ଗଲ ଅଧିବାସୀଙ୍କୁ ଜଙ୍ଗଲ ଜମିର ଅଧିକାର ପ୍ରଦାନ, ଲଘୁ ବନଜାତ ଦ୍ରବ୍ୟକୁ ଠିକ୍ ମୂଲ୍ୟ ପ୍ରଦାନ କରିବା ଆଦି ଦାବି କରାଯାଇଛି। ସେହିପରି କଳାହାଣ୍ଡି ଓ ରାୟଗଡ଼ା ଜିଲା ସୀମାନ୍ତରେ ଥିବା ତିଜମାଳି ଉପରେ ଏବେ ବହୁରାଷ୍ଟ୍ରୀୟ କମ୍ପାନୀର ନଜର ପଡ଼ିଛି। ସେଠାରେ ଖଣି ଖନନ ନେଇ କମ୍ପାନୀ ମସୁଧା ଚଳାଇଥିବା ବେଳେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଆସୁଛନ୍ତି। ତୁରନ୍ତ କେନ୍ଦ୍ର ସରକାର ଗ୍ରାମସଭା ଅନୁଯାୟୀ ନିର୍ଦ୍ଦେଶ କରିବା ପାଇଁ ଦାବି ହୋଇଛି। ଏହି ଗଣଧାରଣାରେ ସଚେତନ ମଞ୍ଚ ନାଗରିକ କମିଟି ଆବାହକ ସତ୍ୟ ମାହାର, ସିପିଆଇ ରାଜ୍ୟ ପରିଷଦ ସମ୍ପାଦକ ମଣ୍ଡଳୀ ସଦସ୍ୟ ଦାମୋଦର ବେହେରା, ସିପିଆଇଏମ୍‌ର ବରିଷ୍ଠ ବାମପନ୍ଥୀ ନେତା ନବ ପଟ୍ଟନାୟକ, ଜନ ଜାଗରଣ ମଞ୍ଚର ଆବାହକ ଅଗଷ୍ଟ ନାଏକ, ମା' ମାଟି ମାଳି ସୁରକ୍ଷା ମଞ୍ଚର ମୁନିଦେଇ, ସିପିଆଇ ଜିଲା ସହ ସମ୍ପାଦକ ସଞ୍ଜୟ ସୁନାନୀ, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଲକ୍ଷ୍ମଣ ରଣବିର, ପାଚିକା ସହାୟକ ସଂଘର ବିଳାସିନୀ ଗୌଡ଼, ସିପିଆଇଏମ୍‌ର ଜିଲା ସମ୍ପାଦକ ସତ୍ୟଜିତ ଚାଟାର୍ଜୀ, ଏଆଇଏସ୍‌ଏଫ୍‌ର ଜିଲା ସଭାପତି ରାଜାରାମ ଡଙ୍ଗରୀ ପ୍ରମୁଖ ସାମିଲ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆର୍ଥିକ ନିଅଣ୍ଟ ୭.୮ ଟ୍ରିଲିୟନ ଡଲାରକୁ ବୃଦ୍ଧି ଆକଳନ

ନୂଆଦିଲ୍ଲୀ,୨୬।୧୧

ବର୍ତ୍ତମାନ ସମୟରେ ଜାରି ରହିଥିବା ଭୂ ରାଜନୈତିକ ପରିସ୍ଥିତ ଓ ଅନ୍ତଃରାଷ୍ଟ୍ରୀୟ ଘଟଣାବଳୀ ବିଶ୍ୱ ଅର୍ଥନୀତିର ଆର୍ଥିକ ନିଅଣ୍ଟକୁ ଆହୁରି ଖରାପ କରିପାରେ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରୁଥିବା ବେଳେ ସଂଘୀୟ ସରକାରଙ୍କ ଆର୍ଥିକ ନିଅଣ୍ଟ ଜିଡିପିର ୬.୪%ର ଅତ୍ୟଧିକ ଉଚ୍ଚସ୍ତର (ଯେତେବେଳେ ଅର୍ଥନୀତି ଉନ୍ନତ ସ୍ଥିତିରେ ରହିଥିବା ସମୟରେ) ଏବଂ ୧୦ ବର୍ଷ ପରେ ମଧ୍ୟ ଏହା ୭% ରହିବ ବୋଲି ଆଶଙ୍କା କରାଯାଉଛି। ଅପରପକ୍ଷରେ ବର୍ତ୍ତମାନ ଟ୍ରମ୍ପଙ୍କ ପ୍ରସ୍ତାବିତ ଯୋଜନାଗୁଡିକ ଆସନ୍ତା ୧୦ବର୍ଷରେ ଆର୍ଥିକ ନିଅଣ୍ଟକୁ ୭.୮ଟ୍ରିଲିୟନ ଡଲାରକୁ ବୃଦ୍ଧି କରିବ ବୋଲି ବନ୍ଧନ ଏଏମ୍‌ସିର ଫିକ୍ସଡ୍ ଇନ୍‌କମ୍ ବିଭାଗର ଉପାଧ୍ୟକ୍ଷ ଓ ଅର୍ଥନୀତିଜ୍ଞ ଶ୍ରୀଜିଥ୍ ବାଲାସୁବ୍ରମଣ୍ୟନ


ଶ୍ରୀଜିଥ୍ ବାଲାସୁବ୍ରମଣ୍ୟନ

ବିସ୍ତୃତ ରୂପେ ଆଲୋକପାତ କରିଛନ୍ତି।

ସେହିଭଳି ଆସନ୍ତା ୧୦ ବର୍ଷ ମଧ୍ୟରେ ଆର୍ଥିକ ନିଅଣ୍ଟ ୭.୮ ଟ୍ରିଲିୟନ ଡଲାରକୁ ବୃଦ୍ଧି କରିବ ବୋଲି (କମିଟି ଫର୍ ରେସ୍‌ପନ୍ସିବୁଲ ଫେଡେରାଲ ବଜେଟ ଅନୁଯାୟୀ) ଆକଳନ କରାଯାଉଛି, ଉଦାହରଣ ସ୍ୱରୂପ ଆର୍ଥିକ ନିଅଣ୍ଟ ୭% ପରିବର୍ତ୍ତେ ୧୦% ରହିବ।

ସେହିପରି ଟ୍ରମ୍ପ ରାଷ୍ଟ୍ରପତି ଥିବା ସମୟରେ ଟିକସ ହ୍ରାସ ଓ ୨୦୧୭ ରୁ ନିଯୁକ୍ତି ଆଇନର ବିସ୍ତାର, ଯାହା ବ୍ୟକ୍ତିଗତ ଆୟ, ଇଷ୍ଟେଟ୍ ଓ ଗିଫ୍ଟ ଟିକସ ଏବଂ କମ୍ପାନୀଗୁଡିକ ଦ୍ୱାରା କରାଯାଉଥିବା ନିର୍ଦ୍ଦିଷ୍ଟ ନିବେଶ ପାଇଁ ରିହାତିର କମ୍ ଟିକସ ହାର ଲାଗି ବ୍ୟବସ୍ଥା ହୋଇଥିଲା। ଯଦି ଏହାକୁ ୨୦୨୫ପରେ ମଧ୍ୟ ଆଗକୁ ବିସ୍ତାର କରାଯାଏ। ତେବେ ଏହା ଏକାକୀ ଆସନ୍ତା ୧୦ ବର୍ଷ ମଧ୍ୟରେ ଆର୍ଥିକ ନିଅଣ୍ଟରେ ୫.୩ ଟ୍ରିଲିୟନ ଡଲାର ଯୋଗ କରିବ ବୋଲି ଆକଳନ କରାଯାଉଛି। ଅପରପକ୍ଷରେ ଅନ୍ୟ ଯୋଜନାଗୁଡିକ ମିଳିତ ଭାବେ ଆଉ ୫ଟ୍ରିଲିୟନ ଡଲାର ଯୋଗ କରିବେ। ଏପରିକି କିଛି ଆଂଶିକ ଭାବେ ନିରାଶାଜନକ ପଦକ୍ଷେପ ମଧ୍ୟ ରହିଛି, ଯାହାକୁ ସଞ୍ଚୟ ବୃଦ୍ଧି କରିବା ପାଇଁ ଚିହ୍ନଟ କରାଯାଇଛି ଏବଂ ସରକାରୀ ଖର୍ଚ୍ଚକୁ ହ୍ରାସ କରାଯିବାର ସମ୍ଭାବନା ମଧ୍ୟ ରହିଛି ବୋଲି ବାଲାସୁବ୍ରମଣ୍ୟନ କହିଛନ୍ତି।

ସେହିପରି ୨୦୧୭-୨୦ ମଧ୍ୟରେ ଯେତେବେଳେ ଟ୍ରମ୍ପ ରାଷ୍ଟ୍ରପତି ଥିଲେ, ସେହି ସମୟ ତୁଳନାରେ ଆଜିର ଆର୍ଥିକ ପ୍ରସଙ୍ଗ ଭିନ୍ନ ରହିଛି। ଆମେରିକାର ଅଭିବୃଦ୍ଧି ସ୍ଥିର ରହିଛି କିନ୍ତୁ ଏହା ସୁଧ ହାରର ପ୍ରଭାବରୁ ବେଶିଦିନ ବଞ୍ଚିତ ରହିପାରିବ ନାହିଁ, ଯାହାକି ଫେଡ୍ ଦ୍ୱାରା ନିକଟରେ ହୋଇଥିବା ହ୍ରାସ ସତ୍ତ୍ୱେ ଗତ କିଛି ସମୟ ହେବ ଅପେକ୍ଷାକୃତ ଉଚ୍ଚସ୍ତରରେ ରହିଛି। କ୍ରେଡିଟ୍ କାର୍ଡ ଓ ଅଟୋ ଲୋନ୍‌କୁ ନେଇ ଅପରାଧ ବୃଦ୍ଧି ପାଇବାରେ ଲାଗିଛି, ନିକଟରେ ଉଚ୍ଚ ଉତ୍ପାଦକତା ହାର ସ୍ଥିର ରହିଥିବା ଦେଖିବାକୁ ମିଳିଛି। ୟୁରୋପ ମଧ୍ୟ ଉଚ୍ଚ ମୁଦ୍ରାସ୍ଫୀତି, ଜଟିଳ ମୁଦ୍ରାନୀତି ଓ ମହାମାରୀ ପୂର୍ବ ତୁଳନାରେ ଉଚ୍ଚ ଆର୍ଥିକ ନିଅଣ୍ଟ ଭଳି ଆହ୍ୱାନଗୁଡିକର ସମ୍ମୁଖୀନ ହେଉଛି। କିନ୍ତୁ ଅଭିବୃଦ୍ଧି ଅପେକ୍ଷାକୃତ ଦୁର୍ବଳ ରହିଛି। ଚୀନ୍ ପ୍ରପର୍ଟି ସେକ୍ଟର ଓ ଉପଭୋକ୍ତା ଚାହିଦା କ୍ଷେତ୍ରରେ ମନ୍ଥରତାର ସମ୍ମୁଖୀନ ହେବା ଜାରି ରଖିଛି।

# ଖସିଲା ଶେୟାର ବଜାର

ମୁମ୍ବାଇ,୨୬।୧୧

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ଦ୍ୱିତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହ୍ରାସ କରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୬ (୧୦୫.୭୯) ପଏଣ୍ଟ କମି ୮୦,୦୦୪ (୮୦,୦୦୪.୦୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୨୭ (୨୭.୪୦) ପଏଣ୍ଟ ହ୍ରାସ ଘଟି ୨୪,୧୯୪ (୨୪,୧୯୪.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ପୁରୀରେ ଏସ୍‌ବିଆଇର ଅବକାଶ ଗୃହ



ଭୁବନେଶ୍ୱର,୨୬।୧୧

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ)ର ଅନୁସୂଚିତ ଜାତି ଓ ଜନଜାତି ସଙ୍ଗଠନ ପକ୍ଷରୁ ଏକ ଅବକାଶ ଗୃହ ପୁରୀ ତାଳବଣିଆ ବ୍ୟାଙ୍କ କଲୋନୀଠାରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଷ୍ଟେଟବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୂରଥି ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଏହାର ଉଦଘାଟନ କରିଥିଲେ। ଏପରିକି ସଙ୍ଗଠନର ସଭାପତି ସୌରଭ ରଞ୍ଜନ ଦାସ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସମାରୋହାରେ ବ୍ୟାଙ୍କର ଅନୁସୂଚିତ ଜାତି ଏବଂ ଜନଜାତି ନେସନାଲ ଫେଡେରେସନର ସଭାପତି ପ୍ରମୋଦ ଇନ୍ଦଲ ଓ ସଧାରଣ ସଂପାଦକ କେ.ଏଲ ଚନ୍ଦଙ୍କ ସମେତ ବିଭିନ୍ନ ସର୍କଲରୁ ଆସିଥିବା ସଭାପତି ଏବଂ ସଧାରଣ ସଂପାଦକ ମାନେ ମଧ୍ୟ ଏହି ଉଦଘାଟନୀ ସମାରୋହରେ ଉପସ୍ଥିତ ଥିଲେ।

ସେହିଭଳି ଷ୍ଟେଟ ବ୍ୟାଙ୍କ ମ୍ୟାନେଜମେଣ୍ଟ ପକ୍ଷରୁ ମହାପ୍ରବନ୍ଧକ ପୋନାବଲମ୍ମୁରୁଗାନ, ଅନ୍ୟତମ ମହାପ୍ରବନ୍ଧକ କୌଶଲ କିଶୋର ସିଂ, ମନୋଜ କୁମାର ସିଂହ, ପ୍ରଶାନ୍ତ କୁମାର, ପୂର୍ଣ୍ଣେନ୍ଦୁ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପୁରୀଠାରେ ଉଦଘାଟିତ ହୋଇଥିବା ଅବକାଶ ଗୃହ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିପରି ଷ୍ଟେଟ ବ୍ୟାଙ୍କ ଅଫିସର ସଂଗଠନର ସଧାରଣ ସଂପାଦକ ଅରୁଣ କୁମାର ବିଶୋଇ, କର୍ମଚାରୀ ସଂଗଠନର ସଧାରଣ ସଂପାଦକ ଡ଼.ଚିତରଞ୍ଜନ ପଣ୍ଡା ଏବଂ ଅବସର ସଙ୍ଗଠନର ସାଧାରଣ ସମ୍ପାଦକ ଉପେନ୍ଦ୍ର କୁମାର ଦାସ ପୁରୀଠାରେ ଉଦଘାଟନୀ ହୋଇଥିବା ଏହି ଅବକାଶ ଗୃହର ଭୂୟସୀ ପ୍ରଶଂସା କରିଥିଲେ। ସଙ୍ଗଠନର ସଧାରଣ ସମ୍ପାଦକ ତଥା ଫେଡେରେସନ କୋରକମିଟି ମେମ୍ବର ଜିତେନ୍ଦ୍ର ନାଏକ ଏହି ଅବକାଶ ଗୃହକୁ ମେମ୍ବର ମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥଲେ। ପରିଶେଷରେ ସଙ୍ଗଠନର ଉପସାଧାରଣ ସଂପାଦିକା ସଂଯୁକ୍ତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ଏକ୍ସପୋ ଉଦ୍‌ଘାଟିତ

ଭୁବନେଶ୍ୱର,୨୬।୧୧(ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ମଧ୍ୟ ଭୁବନେଶ୍ୱରର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ 'ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ ଏକ୍ସପୋ-୨୦୨୪' ମଙ୍ଗଳବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ଆୟୋଜିତ ଏହି ହସ୍ତତନ୍ତ୍ର ଓ ହସ୍ତଶିଳ୍ପ ମେଳାର ଶୁଭାରମ୍ଭ ନିକଟରେ ହୋଇଯାଇଛି। ୨୦୨୪ ନଭେମ୍ବର ୨୬ ରୁ ଡିସେମ୍ବର ୨୬ ପର୍ଯ୍ୟନ୍ତ ଏହି ମେଳା ପ୍ରଦର୍ଶନୀ ପଡ଼ିଆରେ ଜାରି ରହିବ। ପ୍ରତିଦିନ ସକାଳ ୧୧ ଘଟିକାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଏହି ମେଳା ସବୁ ବର୍ଗର ଗ୍ରାହକଙ୍କ ପାଇଁ ଖୋଲା ରହିଛି। ଏହି ମେଳାରେ ୧୭ ରାଜ୍ୟର ବୁଣାକାର ସଂଘ, ବ୍ୟବସାୟୀ ଓ ସରକାରୀ ସ୍ୱୀକୃତିପ୍ରାପ୍ତ ପ୍ରତିଷ୍ଠାନର ଆକର୍ଷଣୀୟ ଷ୍ଟଲ୍ ସାଙ୍ଗକୁ ପ୍ରସିଦ୍ଧ ହସ୍ତତନ୍ତ୍ର ଓ ହସ୍ତଶିଳ୍ପ ସାମଗ୍ରୀ ଓ ପୋଷାକ ସମ୍ଭାର ଉପଲବ୍ଧ। ଗ୍ରାହକଙ୍କ



ପାଇଁ ଆୟୋଜକଙ୍କ ପକ୍ଷରୁ ଆକର୍ଷଣୀୟ ରିହାତି ଓ ଅତିରିକ୍ତ ସୁବିଧା ସାଙ୍ଗକୁ ଲୋକପ୍ରିୟ ବ୍ରାଣ୍ଡର ଶାଢ଼ି, ପୋଷାକ, ଘରକରଣା ସାମଗ୍ରୀ ଓ ଆସବାବପତ୍ର ଆଦି ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଉଛି। ଓଡ଼ିଶା ସମେତ ପୁଡୁଚେରୀ, ତେଲଙ୍ଗାନା, ତାମିଲନାଡୁ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରାଖଣ୍ଡ, ପଞ୍ଜାବ, ଆସାମ, କର୍ନାଟକ, ଆନ୍ଧ୍ରପ୍ରଦେଶ, ବିହାର, ଗୁଜରାଟ, ଉତ୍ତରପ୍ରଦେଶ, ହରିୟାଣା ଏବଂ ଜମ୍ମୁ ଆଣ୍ଡ କଶ୍ମୀର ଭଳି ରାଜ୍ୟର ଲୋକପ୍ରିୟ ପୋଷାକ ଓ ହସ୍ତତନ୍ତ୍ର ଓ ହସ୍ତଶିଳ୍ପ ସାମଗ୍ରୀ ଉଭୟ ପ୍ରଦର୍ଶନ ଓ ବିକ୍ରୟ ପାଇଁ ଉପଲବ୍ଧ ବୋଲି କାମଧେନୁ ଖଦି ଉଲ୍ ପାନିପଥ ରାଜେନ୍ଦ୍ର ଚୌଧୁରୀ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏହି ମେଳାରେ ୧୭ ରାଜ୍ୟର ବ୍ୟବସାୟୀ ମୋଟ ୯୦ ଟି ଷ୍ଟଲ୍ ଜରିଆରେ ସେମାନଙ୍କର ପୋଷାକ ଓ ହସ୍ତତନ୍ତ୍ର ଓ ହସ୍ତଶିଳ୍ପ ସାମଗ୍ରୀ ଉଭୟ ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି।

# ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବାରେ ଜିଓ ଅଗ୍ରଣୀ

ଭୁବନେଶ୍ୱର,୨୬।୧୧

ରିଲାଏନ୍ସ ଜିଓ ବର୍ତ୍ତମାନ ଓଡ଼ିଶାରେ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ଜିଓ ଏୟାରଫାଇବରର ବଢୁଥିବା ଚାହିଦା ସହ ଓ୍ୱାୟାରଲାଇନ କ୍ଷେତ୍ରରେ ମଧ୍ୟ ଅଗ୍ରଣୀ ସ୍ଥିତିକୁ ସୁଦୃଢ଼ କରିଛି। ଏପରିକି ଭାରତୀୟ ଦୂରସଞ୍ଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ନିକଟରେ ପ୍ରକାଶିତ ହୋଇଥିବା ସଦ୍ୟତମ ଦୂରସଞ୍ଚାର ଗ୍ରାହକ ତଥ୍ୟ ଅନୁଯାୟୀ ୨୦୨୪ ସେପ୍ଟେମ୍ବର ସୁଦ୍ଧା ଜିଓ ରାଜ୍ୟରେ ସର୍ବାଧିକ ୧୫,୮୦୦ ରୁ ଅଧିକ ଜିଓ ଫାଇବର ଓ ଜିଓ ଏୟାରଫାଇବର ଗ୍ରାହକ ଯୋଡ଼ିବା ସହିତ ମୋଟ ଜିଓ ଫାଇବର ଓ ଜିଓ ଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ୩.୫୬ ଲକ୍ଷରେ ପହଞ୍ଚିଛି। ଏଥିସହ ଜିଓ ରାଜ୍ୟର ପ୍ରଥମ ଅପରେଟର ଭାବେ ୩.୫ ଲକ୍ଷରୁ ଅଧିକ ଓ୍ୱାୟାରଲାଇନ ଗ୍ରାହକ ହାସଲ କରିଛି। ବର୍ତ୍ତମାନ ଜିଓ ଏୟାରଫାଇବର ବଳରେ ନିରବଚ୍ଛିନ୍ନ ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ, ଅସୀମିତ ୱାଇଫାଇ ଏବଂ ବିଶ୍ୱସ୍ତରୀୟ ସର୍ବଶ୍ରେଷ୍ଠ ଗୃହ ମନୋରଞ୍ଜନର ଆନନ୍ଦ ନେଇପାରୁଛନ୍ତି। ରାଜ୍ୟର ସମସ୍ତ ଛୋଟ ବଡ ସହର ଓ ନଗର ସହିତ ହଜାର ହଜାର ଗ୍ରାମଗୁଡିକରେ ଭରସାଯୋଗ୍ୟ ଜିଓ ଏୟାରଫାଇବର ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ଜରିଆରେ ଡିଜିଟାଲ ଲାଇଫଲାଇନ ପାଲଟିଛି। ଜିଓ ତା'ର ଲୋକପ୍ରିୟ ଜିଓ ଏୟାରଫାଇବର ସେବା ମାଧ୍ୟମରେ ଶହ ଶହ ଦୁର୍ଗମ ଗାଁରେ ନିର୍ଭରଯୋଗ୍ୟ ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ଉପଲବ୍ଧ କରାଇଛି। ଜିଓ ଏୟାରଫାଇବର ସେବା ବାସ୍ତବରେ ଡିଜିଟାଲ ଅନ୍ତର୍ଭୁକ୍ତୀକରଣକୁ ତ୍ୱରାନ୍ୱିତ କରିଛି। କାରଣ ଏହା ବିଶେଷକରି ଗ୍ରାମାଞ୍ଚଳ ଏବଂ ସହର ଉପକଣ୍ଠ ଅଂଚଳରେ ଶେଷ ମାଇଲ୍ ଅପ୍ଟିକାଲ୍-ଫାଇବର ବିସ୍ତାରରେ ରହିଥିବା କଠିନତା ଯୋଗୁ ବ୍ରଡ୍‌ବ୍ୟାଣ୍ଡ ସଂଯୋଗର ଅଭାବଜନିତ ସମସ୍ୟା ଦୂରକରି ପ୍ରତ୍ୟେକ ଘର ଏବଂ ଛୋଟ ବ୍ୟବସାୟକୁ ହାଇସ୍ପିଡ଼ ବ୍ରଡ଼ବ୍ୟାଣ୍ଡ ଏବଂ ଗୁଣାତ୍ମକ ଗୃହ ମନୋରଞ୍ଜନ ସହ ସଂଯୁକ୍ତ କରଛି।


# Classified Everyday
0674-2580101, 2549949


MATRIMONIAL

## BRIDE WANTED

MSc (Math)- Education Leader, +2 Sc., +3 Sc. Principal (Pvt. College), ପୁଅ ବାହାଘର ପାଇଁ MSc ଝିଅ ଆବଶ୍ୟକ, ଖଣ୍ଡାୟତ, ଗୌର ବର୍ଣ୍ଣ। Mob (Whatsapp)- 7853908012. D-2039

Handsome Bengali Brahmin Boy 1990- 5'8", B.Com Pass. Working as Accountant (P.C.) Puri. Contact No.- 9439736612. D-75613


REAL ESTATE
SALE

Investment plot @ 2.5Lakh- 3.5Lakhs, Bhubaneswar, Khurda, Angul, Dhenkanal. 9827767837. D-2071

**Duplex and Apartment sale near Kalinga Nagar DAV School, Bhubaneswar. 9777433701.** D-76212

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45,000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75579

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048.** D-2068

ଫୁଲନଖରା ଅନନ୍ତପୁର ସରକାରୀ ରୋଡ୍‌କୁ ଲାଗିକି ଘରବାରି ନିଜ ପ୍ଲଟ୍ ବିକ୍ରିହେବ। Mob- 9556187814. D-2008

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990.** D-2067




Newly open health benefits SPA by expert therapist. Contact- 8280961126. D-76175

Newly open full body massage relax with new lady therapist. 7205354089. D-76032

Newly open health benefits SPA special offer @ 799 Bapuji Nagar. 8018429809. D-76172

## LOST

ମୁଁ ଆଫ୍ରିଦ୍ ହୁସେନ୍, ପିତା- ଫାଜିଲ୍ ହୁସେନ୍, ଜିଲ୍ଲା- କୋରାପୁଟ, ଗତ ୧୦।୧୧।୨୦୨୪ରେ କୋରାପୁଟରୁ ଭୁବନେଶ୍ୱର ଯାଉଥିବାବେଳେ ମୋର ଦଶମ ଶ୍ରେଣୀ ସାର୍ଟିଫିକେଟ୍ ଏବଂ ମାର୍କସିଟ୍ ହଜିଯାଇଛି। କୌଣସି ବ୍ୟକ୍ତି ପାଇଥିଲେ ଉକ୍ତ ନମ୍ବରରେ ଜଣାଇବେ। ମୋ- ୯୮୬୧୬୦୩୨୨୧. ଧ-୨୦୭୭

କ୍ଷେତ୍ରମଣି ସାହୁ, ୫୯ ବର୍ଷ, ସ୍ୱା- ଆର୍ତ୍ତତ୍ରାଣ ସାହୁ, ଗ୍ରାମ- ଡେଲାଙ୍ଗ- କୋଠବାଡ଼, ପୋ/ବ୍ଲକ୍/ଥାନା- ଡେଲାଙ୍ଗ, ଜିଲ୍ଲା- ପୁରୀ, ଗତ ୨୨।୧୧।୨୦୨୪ ଅପରାହ୍ନରେ ଡେଲାଙ୍ଗ ତହସିଲରୁ ଘରକୁ ଫେରୁଥିବା ସଡ଼କରେ ମୌଜା- ରାମଚନ୍ଦ୍ରପୁର, ସାବକ ଖାତା- ୨୮୪/୩୨, ହାଲ୍ ଖାତା- ୨୮୪/୯୬, ପ୍ଲଟ୍ ନଂ.-୭୪୦, ଏରିଆ- ଏ.୧.୩୪ ଡେସିମିଲ, କ୍ରୟ ଦଲିଲ ନଂ.-୧୧୫୫୧୫୦୦୨୮୦, ତା ୩୧।୦୩।୨୦୧୫ ସହ ଅନ୍ୟ କେତେକ କାଗଜପତ୍ର ଥିବା ବ୍ୟାଗ୍ ହଜିଯାଇଛି। କେହି ପାଇଥିଲେ ଉପରୋକ୍ତ ଠିକଣାରେ ଜଣାଇବାକୁ ଅନୁରୋଧ। ଧ-୨୦୭୫

ଦଲିଲ୍‌ର ବିବରଣୀ: ଦଲିଲ୍ ନମ୍ବର- ୧୧୦, ମୁଁ ଗୋଲକ ବିହାରୀ ବେହେରା, ସା- ଶାଳନିଆ, କେଉଁଝର, ଓଡ଼ିଶା, ପିନ୍- ୭୫୬୧୨୧, ଘରୁ ହାଟଡ଼ିହି ତହସିଲକୁ ଯିବା ରାସ୍ତାରେ ମୋର ଦଲିଲ୍‌ଟି ଖସି ପଡ଼ିଛି। ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ୍‌କୁ ପାଆନ୍ତି ସହୃଦୟେ ମୋର ମୋବାଇଲ ନଂ.- ୯୧୭୮୬୯୧୮୯୯ରେ ଯୋଗାଯୋଗ କରିବେ। ଧ-୨୦୭୮

## AFFIDAVIT

I, Rabi Narayan Choudhury, S/o- Basudev Choudhury, 33 years, Address- Choudhury Street, Lalagorji, Aska has changed my name from Rabi Narayan Choudhury to Rabinarayan Choudhury vide affidavit dated 21.11.2024 sworn before P.K. Padhi, Notary, Aska. D-2074

I, Banditarani Mishra, W/o- Kranti Kumar Satpathy, resident of Ward No.-8, Hig-22/2,H.B.Colony, P.O./ P.S.- Chandrasekharpur, Dist.- Khurda, Pin- 751016, Odisha declare by this affidavit No.- 73AA976635 dtd.- 20.11.2024 that now onwards I shall be known as BANDITARANI SATPATHY for all future purposes. D-2076

By affidavit in the Court of Executive Magistrate, Kanika, Kendrapara, CF No.- 64AA 633674, dtd- 12.11.2024, I have been recognized, indentified & known as Madhusudan Pal, S/o- Brajabandhu Pagal, At- Deogan, P.O.- Chhadesh, P.S.- Rajkanika, Dist.- Kendrapara instead of Madhusudan Pagal for all purposes. D-2069

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Tanweesri Ray, D/o- Kalicharan Roy, resident of Plot No.-193/A, Sahid Nagar, Bhubaneswar, Dist.-Khurdha, PIN- 751007, Odisha declare that by this affidavit No.- 778, dtd. 25.11.2024 that now onwards I shall be known as Tanweesri Roy for all future purposes. D-75581

By virtue of an affidavit sworn before Aswini Kumar Pradhan, Notary Public, Bhubaneswar, dated 13.11.2024, I, Bidyadhar Gochhayat, Address Haripur, P.O.- Haripur Jemadeipur, P.S.- Sukinda, Dist.- Jaipur, Odisha- 755018 declare that I have changed my daughter's name from Sikshya Gochhayat to Sai Salonika Gochhayat. Henceforth, she shall be known as Sai Salonika Gochhayat for all purposes.
Sd./- Bidyadhar Gochhayat D-75800

I, Bidyut Kumar Mohanty, S/o- Late Baikuntha Mohanty, resident of At/P.O.- Kapilaprasad, Sundarpada, P.S.- Airfield, Bhubaneswar- 751002, District.- Khordha declare by this affidavit No.-737, dtd.-26.11.2024 that now onwards I shall be known as Bidut Kumar Mohanty for all future purposes. D-75351


# ଓଏଏସ୍ ହବ୍ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ




ଭୁବନେଶ୍ୱର,୨୬।୧୧

ରାଜ୍ୟର ପ୍ରମୁଖ ଘରୋଇ କୋଚିଂ ସେଣ୍ଟର ତଥା ନିଯୁକ୍ତିଭିତ୍ତିକ ପ୍ରବେଶିକା ପରୀକ୍ଷା ପ୍ରତିଷ୍ଠାନ ଓଏଏସ୍ ହବ୍ ଆଚାର୍ଯ୍ୟ ବିହାର ଭୁବନେଶ୍ୱର ପକ୍ଷରୁ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ଏକ ଘରୋଇ ହୋଟେଲଠାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ କୃତିତ୍ୱ ଅର୍ଜନ କରିଥିବା ୭୦ ଜଣ ସଫଳ ପରୀକ୍ଷାର୍ଥୀଙ୍କୁ ପ୍ରତିଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଅବସରରେ ଭୁବନେଶ୍ୱରର ମେୟର ସୁଲୋଚନା ଦାସ, ଓୟୁଏଟିର ପୂର୍ବତନ ଡିନ୍ ହୃଷୀକେଶ ସେନାପତି,ଡେପୁଟି ସେକ୍ରେଟାରି ସନ୍ନ୍ୟାସୀ ବେହେରା, ଲିଙ୍ଗରାଜ ପାତ୍ରଙ୍କ ସମେତ ଶିକ୍ଷାବିତ ଗିରିଶ ପ୍ରସାଦ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତିତ୍ୱ ଅର୍ଜନ କରିଥିବା ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଏପରିକି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମଧ୍ୟ କାମନା କରିଥିଲେ।

ଉଲ୍ଲେଖଯୋଗ୍ୟ,ଓଡ଼ିଶା ପ୍ରଶାସନିକ ସେବା-୨୦୨୪ ପରୀକ୍ଷା ଫଳାଫଳରେ ଓଏଏସ୍ ହବ୍‌ର ମୋଟ ୭୦ ଜଣ ଶିକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଏପରିକି ପ୍ରତିଷ୍ଠାନର ସମୁଦାୟ ୧୨୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୦ଜଣ କୃତକାର୍ଯ୍ୟ ହୋଇଥିବାବେଳେ ପୂର୍ବ ବର୍ଷର ସଫଳତା ଅପେକ୍ଷା ଚଳିତ ବର୍ଷ ୨ ଗୁଣ ଅଧିକ ଫଳାଫଳ ହାସଲ କରିଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଲଳିତ ମୋହନ ଦାସ ଅଧିକାରୀ, ଶିବାଶ କୁମାର ହାଜରା, ପ୍ରମୋଦିନୀ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଥୋରାସ୍କୋପିକ୍ ସର୍ଜରି ମାଧ୍ୟମରେ ସଫଳ ଚିକିତ୍ସା

ଭୁବନେଶ୍ୱର,୨୬।୧୧

ଭୁବନେଶ୍ୱରର ଅଙ୍କୁରା ହସ୍ପିଟାଲକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଫୁସଫୁସ ସଂକ୍ରମଣରେ ପୀଡ଼ିତ ୫ବର୍ଷିୟ ବାଳିକାର ଥୋରାସିକ ପୋଷ୍ଟ ଭିଡିଓ ସହାୟକ ଥୋରାସ୍କୋପିକ ସର୍ଜରି ମାଧ୍ୟମରେ ଚିକିତ୍ସା କରାଯାଇ ଏହି ସଫଳତା ମିଳିଛି। ସେହିଭଳି ଅଙ୍କୁରା ହସ୍ପିଟାଲର ଶିଶୁରୋଗ ବିଶେଷଜ୍ଞ ଡା. ଶୁଭ୍ରାଂଶୁ ଶେଖର ଧଳ ଏବଂ ଡା. ପ୍ରିୟବ୍ରତ ପଣ୍ଡାଙ୍କ ନେତୃତ୍ୱରେ ଉକ୍ତ ବାଳିକାର ଚିକିତ୍ସା କରାଯାଇଥିଲା। ଏପରିକି ପୂର୍ବରୁ କାଶ, ଥଣ୍ଡା, ଜ୍ୱର, ଛାତି ଯନ୍ତ୍ରଣା ଓ ମୁଣ୍ଡ ବୁଲାଇବା ଭଳି ଲକ୍ଷଣ ଶିଶୁର ରହିଥିଲା। ବର୍ତ୍ତମାନ ଶିଶୁଟି ସଂପୂର୍ଣ୍ଣ ସୁସ୍ଥ ଅଛି। ଉଲ୍ଲେଖଯୋଗ୍ୟ, ଯାଜପୁର ଜିଲ୍ଲାର ଜୈନିକ ବାଳିକା ୫ଦିନ ଧରି ସାମାନ୍ୟ କାଶ ଓ ଥଣ୍ଡାରେ ପୀଡ଼ିତ ଥିଲା,ଯାହା କ୍ରମଶଃ ବୃଦ୍ଧି ପାଇବାରୁ ସମସ୍ୟା ସୃଷ୍ଟି ସହ ଛାତିରେ ଯନ୍ତ୍ରଣା ତୀବ୍ର ହୋଇଥିଲା। ଶିଶୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶରେ ଭର୍ତି ହେଲାବେଳକୁ ପିଲାର ଅବସ୍ଥା ସଙ୍କଟାପନ୍ନ ଥିଲା। ଠିକ ସମୟରେ ଅଙ୍କୁରା ହସ୍ପିଟାଲର ଚିକିତ୍ସା ପଦକ୍ଷେପ ଶିଶୁର ଜୀବନ ରକ୍ଷା କରିପାରିଥିଲା। ଏ ସମ୍ପର୍କରେ ଭୁବନେଶ୍ୱର ଅଙ୍କୁରା ହସ୍ପିଟାଲର ପେଡିଆଟ୍ରିକ ଇଣ୍ଟେନଭିଷ୍ଟ ଡା.ଶୁଭ୍ରାଂଶୁ ଶେଖର ଧଳ କହିଥିଲେ, ଶିଶୁଟିକୁ ଜରୁରୀକାଳୀନ ପରିସ୍ଥିତିରେ ଭର୍ତି କରାଯାଇଥିଲା। ଏପରିକି ତା'ର ଫୁସଫୁସରେ ଅଲଟ୍ରାସାଉଣ୍ଡ କରି ପରୀକ୍ଷାରୁ ସମସ୍ୟା ଥିବା ଜଣାପଡ଼ିଲା। ଏହା ନିମୋନିଆର ଏକ ଭୟଙ୍କର ଜଟିଳତା ହୋଇଥିଲାବେଳେ ତା'ର ପିତାମାତାଙ୍କୁ ଚିକିତ୍ସା ବିଷୟରେ ସମସ୍ତ କଥା ବୁଝାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ଫୁସଫୁସରେ ରହିଥିବା ବ୍ୟାକ୍ଟେରିଆର ଚିକିତ୍ସା କରିବା କଷ୍ଟସାଧ୍ୟ ହେଲେ ସୁଦ୍ଧା ଆମେ ଶିଶୁ ସର୍ଜନ ଡା. ସୁବ୍ରତ କୁମାର ମହାନ୍ତିଙ୍କ ସହାୟତା ନେଇଥିଲୁ। ବିଶେଷ କରି ଛାତିରେ ଥିବା ସମସ୍ୟା ଗୁଡ଼ିକର ନିରାକରଣ ଓ ଚିକିତ୍ସା ପାଇଁ ଭିଡିଓ କ୍ୟାମେରା ଜରିଆରେ ଆମେ ସର୍ଜିକାଲ ପଦ୍ଧତି ଅବଲମ୍ବନ କରିଥିଲୁ।

# ଶୀତଦିନେ ପଶୁପାଳନ



ଶୀତଦିନରେ ଗୋରୁମାନଙ୍କଠାରେ ଭୂତାଣୁଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ । ତେଣୁ ଫାଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଟିକା ଦିଅନ୍ତୁ । ଗୋରୁ, ଛେଳି, ମେଣ୍ଢା, କୁକୁଡ଼ା ଥିବା ଘରର ଜାଲି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବ ନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇବେ । ଛେଳି ଥିବା ଘରେ ତଳେ ଭାଡ଼ି ବା ବାଉଁଶ ଚାଙ୍ଗୁଡ଼ାର ବନ୍ଦୋବସ୍ତ କଲେ ଛେଳିମାନଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ । ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଓ ଅଧିକ ଥଣ୍ଡା ପଡୁଥିବା ଅଞ୍ଚଳରେ ଏହି ମାସ ବରସିମ୍ ଏବଂ ଓଟ୍ ଘାସ ଚାଷ କରନ୍ତୁ ।

## ଫୁଲଚାଷ ପ୍ରଯୁକ୍ତି

ଗେଣ୍ଡୁଚାଷ ପାଇଁ ପଟାଳି ପ୍ରସ୍ତୁତକରି ସିରାକୋଲ୍ ବି.ଏମ୍.-୨ ଏବଂ ବି.ଏମ୍.-୩ କିସମର ଗେଣ୍ଡୁଚାରା ଲଗାନ୍ତୁ । ଡେଙ୍ଗାକିସମଗୁଡ଼ିକ ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଏବଂ ବାମନ କିସମଗୁଡ଼ିକ ଧାଡ଼ିକୁ ଧାଡ଼ି ୨୦-୩୦ ସେ.ମି. ଓ ଗଛକୁ ଗଛ ୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଗୋଲାପ ଗଛକୁ କାଟଛାଣ୍ଟ ପରେ ଉକୁଣିଆ ଓ ଜଉପୋକ ଦମନ ପାଇଁ ୨ ମି.ଲି. ଡାଇମିଥଏଟ୍ ବା ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଗେଣ୍ଡୁଚାଷରେ ପତ୍ରପୋଡ଼ା, କଢ଼ଶଢ଼ା, ଫୁଲଶଢ଼ା ରୋଗ ପାଇଁ କାର୍ବେଣ୍ଡାଜିମ୍ ୧ ଗ୍ରାମ୍ / ମାଙ୍କୋଜେବ୍ ୨.୫ ଗ୍ରାମ୍ / ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ନୂଆ ଗେଣ୍ଡୁର କିସମ ମଧ୍ୟରେ ରହିଛି ସିରାକୋଲ୍, ଜାଏଣ୍ଟ ଡବଲ ଆଫ୍ରିକାନ୍ ୟେଲୋ, ଜାଏଣ୍ଟ ଡବଲ୍ ଆଫ୍ରିକାନ୍ ଅରେଞ୍ଜ୍, ବି.ଏମ୍.-୨ ଏବଂ ବି.ଏମ୍.-୩ । ଚାରା ମାସକର ବା ୪୦ ଦିନ ହୋଇଥିଲେ ଅଗ୍ରମୁକୁଳ ଭାଙ୍ଗିଦିଅନ୍ତୁ । ମୂଳସାର ଦେବାର ୧ ମାସ ପରେ କୋଡ଼ାଖୁସାକରି ହେକ୍ଟର ପ୍ରତି ୧୦୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଗ୍ଲାଡିଓଲସ୍ ଗଛର ୨ପତ୍ର ଅବସ୍ଥାରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ବର୍ତ୍ତମାନ ମଧ୍ୟ ଗ୍ଲାଡିଓଲସ୍ ଲଗାଇ ପାରିବେ । ଲଗାଇବା ପୂର୍ବରୁ କନ୍ଦାକୁ ଶତକଡ଼ା ୦.୨ ଭାଗ କାର୍ବେଣ୍ଡାଜିମ୍‌ରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ବୁଡ଼ାଇ ଲଗାନ୍ତୁ ।



# ଧାନ କାଟିବା ପୂର୍ବରୁ ଜଳ ନିଷ୍କାସନ

## ଡିସେମ୍ବର ମାସର କୃଷି ସୂଚନା

ଧାନ କାଟିବାର ୧ ସପ୍ତାହ ପୂର୍ବରୁ କିଆରିରୁ ଜଳ ନିଷ୍କାସନ କରିଦିଅନ୍ତୁ। ଧାନରେ କେଣ୍ଡାକଟା ପୋକ ଦେଖାଦେଲେ ଅପରାହ୍ନରେ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫% ଏସ୍.ସି. କିମ୍ବା ୧ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଭାଗ ସେଚଗୁଣ୍ଡ ସିଞ୍ଚନ କରନ୍ତୁ ଓ ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ସନ୍ଧ୍ୟାରେ ହୁଡ଼ା ଉପରେ ସିଞ୍ଚନ କରନ୍ତୁ । ଅନ୍ୟପକ୍ଷରେ ଡାଲୁଅ ଧାନ ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ, ଗଜାକରି ଗାଲି ଫିଟିବା ପରେ କାଦୁଅ ତଳିପଟିରେ ବୁଣନ୍ତୁ । ତଳିପଟିର ଓସାର ୩-୪ ଫୁଟ ରଖନ୍ତୁ। ପ୍ରତି ପଟି ପରେ ୧ ଫୁଟ ନାଳି ରଖନ୍ତୁ। ତଳିଘରା ପାଇଁ ୧୦ ଡେସିମିଲି ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବର ଖତ, ୧୨ କି.ଗ୍ରା. ସିଙ୍ଗିଲ ସୁପର ଫସ୍‌ଫେଟ୍ ଓ ୨ କି.ଗ୍ରା. ମ୍ୟୁରେଟ ଅଫ୍ ପଟାସ ସାର ଶେଷଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ। ବିହନରୁ କଣ୍ଟା ଓ ଅଗାଡ଼ି ବାହାରକରିବା ପାଇଁ ଲୁଣପାଣି ଉପଚାର କରନ୍ତୁ । ଡିସେମ୍ବର ଶେଷସୁଦ୍ଧା ଡାଲୁଆ ଧାନ ପାଇଁ ତଳି ପକାଇବା କାମ ଶେଷ କରନ୍ତୁ। ତଳି ପକାଇବା ପାଇଁ ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ । ବିହନ ବିଶୋଧନ ପାଇଁ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ କି.ଗ୍ରା. ବିହନ ପ୍ରତି ବ୍ୟବହାର କରନ୍ତୁ ।

**ଗହମ :** ଗହମ ବୁଣିବାର ୨୧ ଦିନ ପରେ କୋଡ଼ାଖୁସାକରି ଘାସ ବାଛିଦିଅନ୍ତୁ । ଗହମ ଫସଲରେ ମୁକୁଟ ବା ଶିଖା ଚେର ବାହାରିବା ସମୟ ହେଉଛି ଫସଲର ଜଳ ଆବଶ୍ୟକତାର ସଙ୍କଟ କାଳ । ତେଣୁ ମାଟିର ବତରକୁ ଚାହିଁ ଜଳସେଚନ ବ୍ୟବସ୍ଥା କରନ୍ତୁ । ମଞ୍ଜି ଗଜା ହେବାର ୨୧ ଦିନ ପରେ ହେକ୍ଟର ପ୍ରତି ୨୫-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ସଅଳ ବୁଣାହୋଇଥିବା ଗହମ ୩୫ ଦିନର ହୋଇଥିଲେ ହେକ୍ଟର ପ୍ରତି ୨୫-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।

ରବି ଚିନାବାଦାମ ଚାଷ ପାଇଁ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୪୦ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ । ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨.୫ ଗ୍ରାମ୍ କ୍ୟାପ୍‌ଟାନ୍ କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ । ଖରାଦିନିଆ ଚିନାବାଦାମ ଚାଷ ପାଇଁ ଜଳସେଚନର ସୁବିଧା ଥିବା ନିଗିଡ଼ା ବାଲିଆ ଜମି ଚୟନ କରନ୍ତୁ ।



**ସୂର୍ଯ୍ୟମୁଖୀ:** ସୂର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶାଁବାଳୁଆ, ଧଳାମାଛି, ଥ୍ରୀପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷକରି ଥ୍ରୀପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାରକରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ୧ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ବିଷ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା- ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ ଔଷଧ ପ୍ରୟୋଗକରନ୍ତୁ ନାହିଁ । ନିମ ଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ରୁ ୩୦ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛିଦିଅନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।

**କପା:** ବକରା ଫାଟିବାର ୪୦ ଦିନ ମଧ୍ୟରେ ୪ ରୁ ୫ ଥର କପା ଅମଳ କରନ୍ତୁ । କାକର ପଡୁଥିଲେ ଦିନ ୧୦ଟା ପରେ ଅମଳ କରନ୍ତୁ । ଅମଳକରି ପ୍ରଥମ ତୋଳା, ପରବର୍ତ୍ତୀ ତୋଳା ଗୁଡ଼ିକୁ ଅଲଗା ଅଲଗା ଶୁଖାଇ ବସ୍ତାରେ ରଖନ୍ତୁ ।

**ପିଆଜ:** ପିଆଜ ତଳିଗୁଡ଼ିକ ୧୨-୧୫ ସେ.ମି. ଉଚ୍ଚ ହୋଇଗଲେ ସେଗୁଡ଼ିକ ଉପରବେଳା ଉପାଡ଼ି ଲଗାନ୍ତୁ । ତଳି ରୋଇବାର ୨ଦିନ ଆଗରୁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ମୂଳସାର ଭାବେ ପ୍ରୟୋଗକରି ପଟାଳି ପ୍ରସ୍ତୁତ କରନ୍ତୁ ।

**ଫଳଚାଷ :** ଆମ୍ବ ବଉଳର ସୁରକ୍ଷା ପାଇଁ ବଉଳ ଆସିବାର ୭ ରୁ ୧୫ ଦିନ ପୂର୍ବରୁ ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ ୧ ଲିଟର ପାଣିରେ ଗୋଳାଇ ପତ୍ର ଓ ଡାଳରେ ଭଲଭାବେ ସିଞ୍ଚନ କରନ୍ତୁ । ବଉଳ ହେବାର ୭ ଦିନ ପରେ ଓ ଆମ୍ବଚଣା କଷି ଅବସ୍ଥାରେ ଏହାକୁ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ଆଉ ଥରେ ସିଞ୍ଚନ କରନ୍ତୁ । ଅଷ୍ଟପଦୀରୁ ରକ୍ଷାପାଇବା ପାଇଁ ୧ ମି.ଲି. ସ୍ପିରୋମେସିଫେନ୍ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

– କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର -୩

# ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ



ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍.ଜି.- ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ। ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ଆଳୁ ଫସଲ ୨-୩ ସପ୍ତାହର ହୋଇଥିଲେ..

ଆଳୁ ଫସଲ ୨-୩ ସପ୍ତାହର ହୋଇଯାଇଥିଲେ ପ୍ରଥମ କୋଡ଼ାଖୁସାକରି ହୁଡ଼ା ଟେକିଦିଅନ୍ତୁ । ଏହି ସମୟରେ ୫୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ପଟାସ୍ ଆଳୁ ଗଛରେ ଧାଡ଼ିରେ ଦୁଇପାଖରେ ୭-୧୦ ସେ.ମି. ଦୂରତାରେ ୨-୩ ସେ.ମି. ଗଭୀରରେ ପ୍ରୟୋଗ କରନ୍ତୁ । ଆଳୁ ଫସଲରେ ସଅଳ ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଆଗତୁରା ଆଳୁଗଛରେ ଭଲଭାବରେ ସିଞ୍ଚନ କରନ୍ତୁ । ସିଞ୍ଚନ ବେଳେ ଏହାର ପତ୍ରର ଉପର ଓ ତଳପାଖରେ ପଡ଼ିବା ଉଚିତ । ପିଆଜ ଫସଲରେ ଗଛ ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧୦୦୦ ମି.ଲି. ବାସାଲିନ୍‌କୁ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ ବା ୧୫୦୦ ମି.ଲି. ଟ୍ରିବୁଲିନ୍ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ। ଏହାଦ୍ୱାରା ଅନାବନା ଘାସ ଦାଉରୁ ରକ୍ଷା ମିଳିଥାଏ । କୋବି ଜାତୀୟ ଫସଲରେ ବନ୍ଧାକୋବିର ବିନ୍ଧାପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି କୀଟର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜଏଟ୍ ବା ୫୦୦ ଗ୍ରାମ୍ ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଶୀତଦିନରେ ଭଲଭାବରେ ବଢୁଥିବା ପୋଦିନା, ଧନିଆ, ମେଥି, କୋଶଳା, ପାଳଙ୍ଗ ଆଦି ଶାଗ ଚାଷ କରନ୍ତୁ । ମଝିଆଳି କିସମ ଫୁଲକୋବିରେ ଲିଟର ପ୍ରତି ୩ ଗ୍ରାମ୍ ହିସାବରେ ବୋରନ୍ ସିଞ୍ଚନ କରନ୍ତୁ ।






ଧରିତ୍ରୀ 51 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୭/୨୦୨୪ Bhubaneswar, Wednesday, November 27/ 2024

# ଓଡ଼ିଶାର ସାତ୍ତ୍ୱିକଙ୍କୁ ବିରଳ ସଫଳତା

## ୱାର୍ଲ୍ଡ କ୍ୟାଡେଟ ଚେସ୍‌ରେ ଜିତିଲେ ରୌପ୍ୟ ପଦକ

**ଭୁବନେଶ୍ୱର, ୨୬।୧୧ (ତପନ ସ୍ୱାଇଁ)**

ସମ୍ପ୍ରତି ସିଙ୍ଗାପୁରରେ ଭାରତର ଡି. ଗୁକେଶ ଓ ଚାଇନାର ଡିଙ୍ଗ୍ ଲିରେନଙ୍କ ମଧ୍ୟରେ ବିଶ୍ୱ ଚେସ୍ ଚାମ୍ପିୟନଶିପ୍ ଟାଇଟଲ ପାଇଁ ଲଢ଼େଇ ଚାଲିଥିବାବେଳେ ଆଉ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାର ଜୁନିୟର ବର୍ଗରେ ପ୍ରଭାବୀ ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିଛନ୍ତି ଓଡ଼ିଶାର ଜଣେ ବିସ୍ମୟ ଚେସ୍ ପ୍ରତିଭା। ସେ ହେଲେ ସାତ୍ତ୍ୱିକ ସ୍ୱାଇଁ। ଇଟାଲୀରେ ଅନୁଷ୍ଠିତ ଫିଡେ ୱାର୍ଲ୍ଡ କ୍ୟାଡେଟ ଚେସ୍ ଚାମ୍ପିୟନଶିପ୍‌ର ୮ ବର୍ଷରୁ କମ୍ ଓପନ ବର୍ଗରେ ଚମତ୍କାରିତା ଦେଖାଇ ସେ ଅପରାଜେୟ ରହିବା ସହ ରୌପ୍ୟ ପଦକ ହାସଲ କରିଛନ୍ତି। ୧୧ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ଚାଇନାର ଗୁଓ ଜିମିଙ୍ଗ୍ ଓ ଅନ୍ୟତମ ଭାରତୀୟ ଡିଭିଥ ରେଡ୍ଡୀଙ୍କ ସମକକ୍ଷ ୯ ପଏଣ୍ଟ ପାଇଥିଲେ। ତେବେ ଟାଇବ୍ରେକ୍ ସ୍କୋରରେ ଡିଭିଥ୍ ଚାମ୍ପିୟନ ଓ ସାତ୍ତ୍ୱିକ ରନରଅପ୍ ହୋଇଥିଲେ ଏବଂ ଜିମିଙ୍ଗ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ।

୧୨ ନମ୍ବରରେ ରହି ଖେଳ ଆରମ୍ଭ କରିଥିବା ସାତ୍ତ୍ୱିକ ପ୍ରଥମ ଦୁଇ ରାଉଣ୍ଡରେ ଯଥାକ୍ରମେ ଭିଏତନାମର ଏନଗୁଏନ ଥାନ୍ ସାନ୍ ଓ ଏନଗୁଏନ ଫୁକ୍ କାଓ ଡାନଙ୍କୁ ହରାଇଥିବାବେଳେ ପରବର୍ତ୍ତୀ ୩ ରାଉଣ୍ଡରେ ପୋଲାଣ୍ଡର ଜାତୁରସ୍କି ଇଗ୍ନାସି, ଜର୍ମାନୀର ମୁଡ୍ରିଭସ୍କି ଜାନ୍ ଓ ଫିଡେ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ମୋରୋଜୋଭ ଅର୍ଖିପଙ୍କୁ ପରାସ୍ତ କରିଥିଲେ। ଏହାପରେ କ୍ରମାଗତ ୪ଟି ଗେମ୍ ସେ ଯଥାକ୍ରମେ ସ୍ୱେନ୍‌ର ଡେମଚେଙ୍କୋ ଟିମୋଫି, ଆମେରିକାର ଲି ଏଡେନ ଲିନ୍ୟୁଆନ, ଫ୍ରାନ୍ସର ଲୁକା ପ୍ରୋଟୋପୋପେସ୍କୁ ଓ ଫାମ୍ ହାନ୍ ନାମ୍‌ଙ୍କ ବିପକ୍ଷରେ ପଏଣ୍ଟ ଭାଗ କରିଥିଲେ। ୧୦ମ ରାଉଣ୍ଡରେ ସେ ଫିଡେ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ମୋରୋଜେଭିଚ୍ କିରିଲ ଆଲେକ୍ସଙ୍କୁ ହରାଇ ପଦକ ଦାବିଦାର ସମ୍ଭାବନା ଉଜ୍ଜୀବିତ କରିଥିଲେ। ୧୧ଶ ତଥା ଅନ୍ତିମ ରାଉଣ୍ଡରେ ଉଜବେକିସ୍ତାନର ରାଜାବୋଭ ଅବଦୁରହମନଙ୍କୁ ହରାଇ ପଦକ ନିଶ୍ଚିତ କରିଥିଲେ।

ପ୍ରକାଶ ଯୋଗ୍ୟ ଯେ, ଚଳିତ ବର୍ଷ ଜୁଲାଇରେ ଜର୍ଜିଆର ବାତୁମିରେ ଅନୁଷ୍ଠିତ ଫିଡେ ଚେସ୍ ବିଶ୍ୱକପର ୮ ବର୍ଷରୁ କମ୍ ଓପନ ବର୍ଗରେ ସାତ୍ତ୍ୱିକ ବ୍ରୋଞ୍ଜ ପଦକ ଜିତି ଓଡ଼ିଶା ଓ ଭାରତକୁ ଗର୍ବିତ କରିଥିଲେ। ସୋନମ ସରିତା ମହାନ୍ତି ଓ ସମ୍ବିତ ସ୍ୱାଇଁଙ୍କ ପୁଅ ସାତ୍ତ୍ୱିକ ସମ୍ପ୍ରତି କିଙ୍ଗ୍ ଚେସ୍ ଏକାଡେମୀରେ ପ୍ରତିଷ୍ଠିତ କୋଚ୍ ବିଶ୍ୱଜିତ ରାୟଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ଏପରି ବିରଳ ସଫଳତା ଯୋଗୁ ସାତ୍ତ୍ୱିକଙ୍କୁ କୋଚ୍ ବିଶ୍ୱଜିତ ରାୟଙ୍କ ସମେତ ସର୍ବଭାରତୀୟ ଚେସ୍ ଫେଡେରେଶନର ପୂର୍ବତନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ଜି.ସି. ମହାପାତ୍ର, ସମ୍ପାଦକ ଦେବବ୍ରତ ଭଞ୍ଜ, ଟ୍ରିପଲ-ସି ଚେସ୍ ସେଣ୍ଟରର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଏସଆର ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, କେନ୍ଦ୍ରାପଡ଼ା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, କଟକ ଜିଲା ଚେସ୍ ଆସୋସିଏଶନ ସଭାପତି ବିବେକ ତିବରୱାଲ, ବିଶିଷ୍ଟ କୋଚ୍ ଅର୍ଘ୍ୟ ଅର୍ପଣ ପରିଡ଼ା, ପ୍ରଶାନ୍ତ ଜେନା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।


ସାତ୍ତ୍ୱିକ ସ୍ୱାଇଁ

**ବିଶ୍ୱ ଚେସ୍ ଚାମ୍ପିୟନଶିପ୍**

# ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ଡ୍ର

**ସିଙ୍ଗାପୁର, ୨୬।୧୧ (ପି.ଟି.):** ଭାରତର ଡି. ଗୁକେଶ ଓ ଚାଇନାର ଡିଫେଣ୍ଡିଂ ଚାମ୍ପିୟନ ଡିଙ୍ଗ୍ ଲିରେନଙ୍କ ମଧ୍ୟରେ ଖେଳା ଯାଉଥିବା ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ଡ୍ରରେ ଶେଷ ହୋଇଛି। ସୋମବାର ପ୍ରଥମ ରାଉଣ୍ଡରେ ଗୁକେଶ ଅପ୍ରତ୍ୟାଶିତ ଭାବରେ ପରାଜିତ ହୋଇଥିଲେ। ତେବେ ମଙ୍ଗଳବାର କଳା ଗୋଟି ନେଇ ଖେଳିଥିଲେ ମଧ୍ୟ ଚମତ୍କାର ପ୍ରଦର୍ଶନ କରି ପଏଣ୍ଟ ବାଣ୍ଟିବାରେ ସମର୍ଥ ହୋଇଛନ୍ତି ଗୁକେଶ। କଳା ଗୋଟିରେ ଡ୍ର ରଖିବା କଷ୍ଟସାଧ୍ୟ ହୋଇଥିଲେ ମଧ୍ୟ ନିଜ ପ୍ରଦର୍ଶନକୁ ନେଇ ଗୁକେଶ ସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଥମ ସୋମବାର ଆରମ୍ଭ ହୋଇଛି। ଭାରତୀୟ ଗ୍ରାଣ୍ଡମାଷ୍ଟର ଗୁକେଶ ଫେଭରାଇଟ ବିବେଚିତ ହେଉଥିଲେ ହେଁ ପ୍ରଥମ ରାଉଣ୍ଡରେ ପରାଜିତ ହୋଇଥିଲେ। ଟୁର୍ନାମେଣ୍ଟ ଆଗକୁ ବଢ଼ିବା ସହିତ ଅଧିକ ସଫଳତା ମିଳିବ ବୋଲି ଗୁକେଶ ପ୍ରକାଶ କରିଛନ୍ତି। ପ୍ରଥମ ଗେମ୍ ବିଜୟୀ ହୋଇ ଲିରେନ ମନସ୍ତାତ୍ତ୍ୱିକ ଅଗ୍ରଣୀ ମଧ୍ୟ ହାସଲ କରିଥିଲେ। ତେବେ ଦ୍ୱିତୀୟ ରାଉଣ୍ଡ ଶେଷ ବେଳକୁ ଗୁକେଶ ମଧ୍ୟ ପଏଣ୍ଟ ଅର୍ଜନ କରିଛନ୍ତି। ୨.୫ ମିଲିଅନ ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଟୁର୍ନାମେଣ୍ଟରେ ଯେଉଁ ଖେଳାଳି ପ୍ରଥମେ ୭.୫ ପଏଣ୍ଟରେ ପହଞ୍ଚିବେ ସେ ଚାମ୍ପିୟନ ଘୋଷିତ ହେବେ। ସମାନ ଭାବରେ ଦ୍ୱିତୀୟ ରାଉଣ୍ଡ ଡ୍ରକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି ୩୨ ବର୍ଷୀୟ ଡିଙ୍ଗ ଲିରେନ୍।

# ରାଜ୍ୟଗୋଷ୍ଠୀ କରାଟେରେ ଓଡ଼ିଶାରୁ ୨୫


ରାଜ୍ୟଗୋଷ୍ଠୀ କରାଟେ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା କରାଟେକା।

**ଭୁବନେଶ୍ୱର, ୨୬।୧୧**
**(ସରୋଜ କୁମାର ଜେନା)**

ଦକ୍ଷିଣ ଆଫ୍ରିକାର ଡର୍ବାନରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କରାଟେ ଚାମ୍ପିୟନଶିପ ପାଇଁ ଓଡ଼ିଶାରୁ ୨୫ କରାଟେକା ମନୋନୀତ ହୋଇଛନ୍ତି। ଏହି ଦଳର ୧୬ ଜଣ ଖେଳାଳି ରାଜ୍ୟଗୋଷ୍ଠୀ କରାଟେ ପ୍ରତିଯୋଗିତାରେ ଓ ଅବଶିଷ୍ଟ ୯ ଖେଳାଳି ରାଜ୍ୟଗୋଷ୍ଠୀ କ୍ଲବ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ନଭେମ୍ବର ୨୮ରୁ ଡିସେମ୍ବର ୧ ତାରିଖ ଯାଏ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ।

ଭାଲେନା ଭାଲେଣ୍ଟିନା, ସୁରମିତା ସିହ୍ନା, ବେଦାନ୍ତ ଦାସ, ତମନ୍ନା ମେହେର, ଆଲିସା ସୁବୁଦ୍ଧି, ସୁଭକାନ୍ତ ବିଶ୍ୱାଳ, ରୀତେଶ ରାୟ, ଲୋମା ସ୍ୱାଇଁ, ଓମ୍ ଶୁଭମ ମହାନ୍ତି, ଆଦ୍ୟାଶା ପ୍ରିୟଦର୍ଶିନୀ, ସୁପ୍ରିୟା ମହାନ୍ତି, ଅମୈସା ଝା, ସୂର୍ଯ୍ୟପ୍ରକାଶ ଘଡେଇ, ଆର୍ଯ୍ୟବ୍ରତ ବିଶ୍ୱାଳ, ପୁଲକ ପାଢ଼ୀ ଓ ପୁନିତ କୁମାର ମହାନ୍ତି ରାଜ୍ୟଗୋଷ୍ଠୀ କରାଟେ ଚାମ୍ପିୟନଶିପରେ ଅଂଶ ଗ୍ରହଣ କରିବେ। ସେହିପରି ଚିତ୍ରାକାଶ ଦାସ, ଶ୍ରେୟାଂସ ସାହୁ, ବୈଶାଳୀ ପାତ୍ର, ଶ୍ରେୟା କାନୁନ୍‌ଗୋ, ବୈଭବ ପଟ୍ଟନାୟକ, ଯଶସ୍ୱୀ ମିଶ୍ର, ଶରଣ୍ୟା ସାହୁ, ଶ୍ୱେତଲିନା ସାହୁ, ଶ୍ରେୟା ବେହେରା ପ୍ରମୁଖ ରାଜ୍ୟଗୋଷ୍ଠୀ କ୍ଲବ ପ୍ରତିଯୋଗିତାରେ ଭାଗ ନେବେ। ରାଜ୍ୟ କରାଟେ ଡୋ ସଂଘ ପକ୍ଷରୁ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଯାଇଛି।

# କିଟ୍ ଷ୍ଟାଡିୟମରେ ଭାରତ-ଅଷ୍ଟ୍ରେଲିଆ ଦ୍ୱିପାକ୍ଷିକ ସିରିଜ

**ବିଶ୍ୱବିଦ୍ୟାଳୟ କ୍ରିକେଟ**

**ଭୁବନେଶ୍ୱର, ୨୬।୧୧ (ତପନ ସ୍ୱାଇଁ)**

ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟିଜ୍ (ଏଆଇୟୁ) ଆନୁକୂଲ୍ୟରେ ଅଷ୍ଟ୍ରେଲିଆ ଓ ଭାରତୀୟ ବିଶ୍ୱବିଦ୍ୟାଳୟ ପୁରୁଷ କ୍ରିକେଟ ଦଳ ମଧ୍ୟରେ ଏକ ଦ୍ୱିପାକ୍ଷିକ କ୍ରିକେଟ ସିରିଜ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ପ୍ରଥମ ପର୍ଯ୍ୟାୟ ମ୍ୟାଚ ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମ ଓ ଦ୍ୱିତୀୟ ପର୍ଯ୍ୟାୟ କିଟ୍ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ସିରିଜ ବୁଧବାରଠାରୁ ଆରମ୍ଭ ହୋଇ ଡିସେମ୍ବର ୫ରେ ଶେଷ ହେବ। କାର୍ଯ୍ୟସୂଚୀ ଅନୁସାରେ ଡିୱାଇ ପାଟିଲ ଷ୍ଟାଡିୟମରେ ନଭେମ୍ବର ୨୭, ୨୮ ଓ ୩୦ରେ ୩ଟି ଟି୨୦ ମ୍ୟାଚ ନଭି ମୁମ୍ବାଇରେ ହେବ। ଏହାପରେ କିଟ୍ ଷ୍ଟାଡିୟମରେ ଡିସେମ୍ବର ୩ରେ ଟି୨୦ ଏବଂ ୧୨ରେ ଏକଦିବସୀୟ ମ୍ୟାଚ ଖେଳାଯିବ। ଏହି ସିରିଜ ପାଇଁ ଇଣ୍ଡିଆନ ୟୁନିଭର୍ସିଟିଜ୍ ଦଳର ଚୟନ ଟ୍ରାଏଲ୍ ଓ କୋଚିଂ କ୍ୟାମ୍ପ କିଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ମନୋନୀତ ଭାରତୀୟ ଦଳରେ କିଟ୍ ବିଶ୍ୱବିଦ୍ୟାଳୟର ୨ ଖେଳାଳି ମାରୋଜୁ ପ୍ରଶାନ୍ତ ଓ ପାର୍ଥ ସାରଥି ନାୟକ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୁଜଲ କେ. ସିଂ ସ୍ଥାନ ପାଇଛନ୍ତି। ସେହିପରି କିଟ୍‌ର ସନ୍ତୋଷ ଜେନା କୋଚ୍ ଓ ସମ୍ବଲପୁରର ଅବିନାଶ କର ମ୍ୟାନେଜର ନିଯୁକ୍ତ ହୋଇଛନ୍ତି।

**ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ:** ମାରୋଜୁ ପ୍ରଶାନ୍ତ, ପାର୍ଥ ସାରଥି ନାୟକ, ସୁଜଲ କେ. ସିଂ, ପ୍ରଞ୍ଜଲ ସଇନି, ଆଦିତ୍ୟ ଚୌହାନ, ଦୀପିନ ଚିକ୍କାରା, ବିକ୍ରାନ୍ତ ରାଣା, ଅଭିଷେକ କୌଶଲ, ଅମର ଚୌଧାରୀ, ଜମଶେଦ ଅସଲାମ, ଯଶ ଦବାସ, ନଚିକେତ ଠାକୁର, ତୁଷାର ଚୌର୍ଦିଆ, ରାମଦେବ ଆଚାର୍ଯ୍ୟ, ଯଶୋବର୍ଦ୍ଧନ ସିଂ। କୋଚ୍: ବୈଭବ ରାୟ ଓ ସନ୍ତୋଷ ଜେନା। ମ୍ୟାନେଜର: ଅବିନାଶ କର।

# ସଙ୍ଗୀତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା



ସଙ୍ଗୀତା ନାୟକ ଓ ଲିଲୁବାଳା ମହାପାତ୍ରଙ୍କୁ ଓଏଲ୍ଏସ୍ ପରିସରରେ ସମ୍ବର୍ଦ୍ଧିତ କରାଯାଉଛି।

**ଭୁବନେଶ୍ୱର, ୨୬।୧୧**
**(ସରୋଜ କୁମାର ଜେନା)**

ଦିଲ୍ଲୀରେ ଅନୁଷ୍ଠିତ ସ୍ପେଶାଲ୍ ଅଲିମ୍ପିକ୍ସ ଏସିଆ ପାସିଫିକ୍ ବୋଲିଂ ଗେମ୍ସରେ ପଦକ ବିଜୟିନୀ ସଙ୍ଗୀତା ନାୟକଙ୍କୁ ମଙ୍ଗଳବାର ସ୍ୱେଚ୍ଛାସେବୀ ସଙ୍ଗଠନ ଓପନ ଲର୍ନିଙ୍ଗ ସିଷ୍ଟମ(ଓଏଲ୍ଏସ୍) ପରିସରରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବୋଲିଂ ଗେମ୍ସରେ ସଙ୍ଗୀତା ବ୍ୟକ୍ତିଗତ ରୌପ୍ୟ ପଦକ ଜିତିଥିବା ବେଳେ ଦଳଗତ ଇଭେଣ୍ଟରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତା ୧୮ରୁ ୨୩ ପର୍ଯ୍ୟନ୍ତ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ସଙ୍ଗୀତାଙ୍କ ପ୍ରଶିକ୍ଷକ ଲିଲୁବାଳା ମହାପାତ୍ରଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଓଏଲ୍ଏସ ଉପାଧ୍ୟକ୍ଷ କସ୍ତୁରୀ ମହାପାତ୍ର, ବିଆରଏମ୍ ଆଶା ଉପାଧ୍ୟକ୍ଷ ପ୍ରଦୀପ୍ତ କୁମାର ରଥ, ସଦସ୍ୟ ପ୍ରୀତି ସୁଷମା, ବୋର୍ଡ ମେମ୍ବର ମନତୋଷ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, ରାଜ୍ୟ ସଂଯୋଜକ ଅର୍ପିତା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସଙ୍ଗୀତା ଓ ଲିଲୁଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

# ଭାରତ ଫେରିଲେ ଗୌତମ ଗମ୍ଭୀର

**ପର୍ଥ, ୨୬।୧୧ (ପି.ଟି.):** ବର୍ଡର-ଗାଭାସ୍କର ସିରିଜର ପ୍ରଥମ ମ୍ୟାଚରେ ବିଜୟୀ ଭାରତୀୟ ଦଳର କୋଚ୍ ଗୌତମ ଗମ୍ଭୀର ଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଘରେ ଜରୁରୀ ପରସ୍ଥିତି କାରଣରୁ ଗମ୍ଭୀର ଭାରତ ଫେରିଥିବା ବେଳେ ଆଡିଲେଡ୍‌ରେ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ସେ ଅଷ୍ଟ୍ରେଲିଆ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣା ପଡ଼ିଛି। ବର୍ଡର-ଗାଭାସ୍କର ସିରିଜ୍‌ର ଦ୍ୱିତୀୟ ଟେଷ୍ଟ ଆଡିଲେଡ୍‌ରେ ଡିସେମ୍ବର ୬ ତାରିଖରେ ଖେଳାଯିବ। ଏହି ଟେଷ୍ଟ ମ୍ୟାଚ୍‌ଟି ଦିବାରାତ୍ର ପିଙ୍କ ବଲ୍ ଫର୍ମାଟରେ ଖେଳାଯିବ। ଏହି ଟେଷ୍ଟ ପାଇଁ ପ୍ରଧାନମନ୍ତ୍ରୀ ଏକାଦଶ ସହ ଖେଳା ଯିବାକୁ ଥିବା ୨ ଦିନିଆ ଅଭ୍ୟାସ ମ୍ୟାଚ୍‌ରେ ମଧ୍ୟ ଗମ୍ଭୀର ଅନୁପସ୍ଥିତ ରହିବେ।

# ବଜରଙ୍ଗ ପୁନିଆ ୪ବର୍ଷ ବାସନ୍ଦ

**ନୂଆଦିଲ୍ଲୀ, ୨୬।୧୧ (ପି.ଟି.)**

ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ୍ ଏଜେନ୍ସି (ନାଡା) ରେସଲର ବଜରଙ୍ଗ ପୁନିଆଙ୍କୁ ୪ବର୍ଷ ବାସନ୍ଦ କରିଛି। ମାର୍ଚ୍ଚ ୧୦ରେ ଜାତୀୟ ଦଳ ପାଇଁ ଚୟନ ବେଳେ ହୋଇଥିବା ଡୋପ୍ ଟେଷ୍ଟ ପାଇଁ ସେ ନମୁନା ଦେବାକୁ ମନା କରିଦେଇଥିଲେ। ଟୋକିଓ ଗେମ୍ସ ବ୍ରୋଞ୍ଜ ପଦକ ବିଜେତାଙ୍କୁ ନାଡା ପ୍ରଥମେ ଏପ୍ରିଲ ୨୩ରେ ସସ୍‌ପେଣ୍ଡ କରିଥିଲା। ୱାର୍ଲ୍ଡ ଗଭର୍ନିଂ ବଡି ୟୁଡବ୍ଲ୍ୟୁଡବ୍ଲ୍ୟୁ ମଧ୍ୟ ତାଙ୍କୁ ତୁରନ୍ତ ସାମୟିକ ସସ୍‌ପେଣ୍ଡ କରିଥିଲା। ବଜରଙ୍ଗ ସାମୟିକ ସସ୍‌ପେଣ୍ଡ ବିରୋଧରେ ଅପିଲ କରିଥିଲେ। ନାଡାର ଆଣ୍ଟି ଡିସିପ୍ଲିନାରୀ ଡୋପିଙ୍ଗ୍ ପ୍ୟାନେଲ କିନ୍ତୁ ନାଡା ଆଗତ ଅଭିଯୋଗ ଉପରେ ନୋଟିସ ଜାରି କରିବା ପର୍ଯ୍ୟନ୍ତ ଅର୍ଥାତ ମେ ୧୧ ପର୍ଯ୍ୟନ୍ତ ଏହାର ରଦ୍ଦ କରିଥିଲା। ନାଡା ପରେ ଜୁନ୍ ୨୩ରେ ଏହି ରେସ୍‌ଲରଙ୍କ ବିରୋଧରେ ନୋଟିସ ଜାରି କରିଥିଲା। ବଜରଙ୍ଗ ପରେ ତାଙ୍କ ସାଥୀ ରେସଲର ଭିନେଶ ଫୋଗଟଙ୍କ ସହ ଇତିମଧ୍ୟରେ ସର୍ବଭାରତୀୟ କଂଗ୍ରେସରେ ଯୋଗ ଦେଇଛନ୍ତି। ତାଙ୍କୁ ଅଲ୍ ଇଣ୍ଡିଆ କିଷାନ କଂଗ୍ରେସର ଦାୟିତ୍ୱ ପ୍ରଦାନ କରାଯାଇଛି। ବଜରଙ୍ଗ ତାଙ୍କ ବିରୋଧରେ ଆଗତ ଅଭିଯୋଗକୁ ନେଇ ଜୁଲାଇ ୧୧ରେ ଲିଖିତଭାବେ ଜବାବ ଉପସ୍ଥାପନ କରିଥିଲେ। ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ମାମଲାର ଶୁଣାଣି ହୋଇଥିଲା। ନାଡାର ଆଣ୍ଟି ଡୋପିଙ୍ଗ୍ ପ୍ୟାନେଲ ତାଙ୍କ ରାୟରେ କହିଥିଲେ ଯେ, ଆଥ୍‌ଲେଟ ଜଣକୁ ଅନୁଚ୍ଛେଦ ୧୦.୩.୧ ନିୟମର ଉଲ୍ଲଂଘନ କରିଛନ୍ତି। ତଦନୁସାରେ ତାଙ୍କୁ ୪ବର୍ଷ ପାଇଁ ସସ୍‌ପେଣ୍ଡ କରାଯାଇପାରିବ। ସସ୍‌ପେଣ୍ଡ ହେବା ଦ୍ୱାରା ବଜରଙ୍ଗ ପ୍ରତିଯୋଗିତାମୂଳକ ରେସ୍‌ଲିଂକୁ ପ୍ରତ୍ୟାବର୍ତ୍ତନ କରିପାରିବେ ନାହିଁ କିମ୍ବା ସେ ବିଦେଶରେ କୋଚିଂ ନିଯୁକ୍ତି ପାଇଁ ଆବେଦନ କରିପାରିବେ ନାହିଁ। ସୂଚନାଯୋଗ୍ୟ, ବଜରଙ୍ଗ ତାଙ୍କ ଜବାବରେ ନିଜକୁ ନିର୍ଦ୍ଦୋଷ ବୋଲି ପୁନର୍ବାର ଦୋହରାଇଥିଲେ। ୨୦୨୩ ଡିସେମ୍ବରରେ ତାଙ୍କଠାରୁ ଏକ୍ସପାୟର କିଟ୍‌ରେ ମୂତ୍ର ନମୁନା ସଂଗ୍ରହକୁ ସେ ବିରୋଧ କରିଥିଲେ।

# ଅଲ୍ ଇଣ୍ଡିଆ ଏଲ୍ଆଇସି ଗେମ୍ସ ଆରମ୍ଭ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ଭୁବନେଶ୍ୱର, ୨୬।୧୧ (ବିଜୟ ରଣା)**

ରାଜସ୍ଥାନ ରାଜ୍ୟ ଅନ୍ତର୍ଗତ ଜୟପୁରସ୍ଥିତି ସୱାଇ ମାନସିଂ ଷ୍ଟାଡିୟମରେ ଅଲ୍ ଇଣ୍ଡିଆ ଏଲ୍ଆଇସି ଗେମ୍ସ ୨୦୨୪ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏଲ୍ଆଇସି ଅଫ୍ ଇଣ୍ଡିଆର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ ମହାନ୍ତି ଏହାକୁ ଉଦ୍‌ଘାଟନ କରିଛନ୍ତି। ଲାଇଫ୍ ଇନସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆର ବାର୍ଷିକ କ୍ରୀଡ଼ା ମହୋତ୍ସବ ଏଲ୍ଆଇସି ଗେମ୍ସ ୪ ଦିନ ଧରି ଚାଲିବ। ଏଥିରେ ୬ଟି ଖେଳର ପ୍ରତିଯୋଗିତା ହେବ। ସେଗୁଡ଼ିକ ହେଲା କ୍ୟାରମ, ଚେସ୍, ଟେବୁଲ ଟେନିସ, ବ୍ୟାଡ୍‌ମିଣ୍ଟନ, ଭଲିବଲ୍ ଓ ଆଥଲେଟିକ୍ସ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏଚ୍ଆର୍‌ଡି) ସଲିଲ ବିଶ୍ୱନାଥ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (କର୍ପୋରେଟ୍ କମ୍ୟୁନିକେଶନ୍ସ) ଆଦିତ୍ୟ ଗୁପ୍ତା, ଏଲ୍ଆଇସି ନର୍ଦର୍ନ ଜୋନ୍ ଜୋନାଲ ମ୍ୟାନେଜର ଜେପିଏସ୍ ବଜାଜ ଏବଂ ଜୟପୁର ଡିଭିଜନର ସିନିୟର ଡିଭିଜନାଲ ମ୍ୟାନେଜରଗଣ ଉପସ୍ଥିତ ଥିଲେ। ଗେମ୍ସରେ କର୍ପୋରେଶନର ୮ଟି ଜୋନ୍‌ରୁ ପ୍ରାୟ ୪୫୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ନଭେମ୍ବର ୨୯ରେ ଉଦ୍‌ଯାପନୀରେ ପରିଚାଳନା ନିର୍ଦ୍ଦେଶକ ସତ୍‌ପାଲ୍ ମୁଖ୍ୟ ଅତିଥି ରହିବେ।

# ଦଧିଚୀ ଦ ୱାରିୟର୍ସର ସିଲେକ୍ସନ ଟ୍ରାଏଲ୍ସ

**କଣ୍ଟାପଡ଼ା, ୨୬।୧୧ (ସୁର ନାରାୟଣ ସାହୁ):** କ୍ରିକେଟ୍ ଏକାଡେମୀ ଅଫ୍ ପଠାନ୍ସ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ୟଙ୍ଗଷ୍ଟର୍ସ ପ୍ରିମିୟର ଲିଗ୍ ପାଇଁ ଦଧିଚୀ ଦ ୱାରିୟର୍ସର ସିଲେକ୍ସନ ଟ୍ରାଏଲ୍ସ ମଙ୍ଗଳବାର ଦଧିଚୀ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇ ଯାଇଛି। ୟଙ୍ଗଷ୍ଟର୍ସ ପ୍ରିମିୟର ଲିଗ୍‌ର ପ୍ରଥମ ସଂସ୍କରଣ ଡିସେମ୍ବର ୨୦ରୁ ଆରମ୍ଭ ହେବ। ଏହି ଟୁର୍ନାମେଣ୍ଟରେ ଦଧିଚୀ ଏଜୁକେଶନ ଟ୍ରଷ୍ଟ ୮ ଫ୍ରାଞ୍ଚାଇଜ ମଧ୍ୟରୁ ଅନ୍ୟତମ। ଦଧିଚୀ ଏଜୁକେଶନ ଟ୍ରଷ୍ଟର ଚେୟାରମ୍ୟାନ୍ ମନୋଜ ଦାସ ସିଲେକ୍ସନ ଟ୍ରାଏଲ୍ସକୁ ନେଇ ଖୁସି ଜାହିର କରିଛନ୍ତି।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ